# ମଣ୍ଡଳୀ ଏବଂ ତାହାର ସ୍ଥିତି

ଆଜି ସକାଳରେ ପ୍ରାର୍ଥନାରେ ବିଶେଷକରି ମନେ ପକାଇବା ହେତୁ ଜଣେ ଶିଶୁର ଅତି ବିରଳ ରୋଗଟିଏ, ଏଣୁ ଆମେମାନେ ସମସ୍ତେ ନିଶ୍ଚିତରେ ତାହା କରିବାକୁ ଚାହୁଁ। ଡାକ୍ତରମାନେ ତ ତାହା ଜାଣନ୍ତି ସୁଦ୍ଧା ନାହିଁ। ସେମାନେ ତାହାକୁ ଏକ ପ୍ରକାର ନାମ ଦିଅନ୍ତି, ମାତ୍ର ମୁଁ ଭାବୁଛି ଯେ ସେମାନେ ତାହା କେବଳ ତାହାକୁ ନାମ ଦେବା ପାଇଁ ଗୋଟିଏ କରିଥିଲେ, ସେମାନେ—ସେମାନେ ଏହା ଜାଣି ନ ଥିଲେ ଯେ ତାହା କ'ଣ ଥିଲା। ଆଉ, ମାତ୍ର ଖ୍ରୀଷ୍ଟ ଜାଣନ୍ତି ଯେ ତାହା କ'ଣ ଅଟେ। ମୁଁ ଆପଣଙ୍କୁ କହିପାରେ ଯେ ତାହା କ'ଣ ଅଟେ, ତାହା ଏକ ଶୟତାନ, ତାହା ଠିକ୍, ସେହି ଶୟତାନ ଅଟେ। ସେମାନେ ତାହାକୁ କେଉଁ ନାମ ଦେବାକୁ ଚାହାଁନ୍ତି, କାହିଁକି, ତାହା ତ ସେମାନଙ୍କ ଉପରେ ନିର୍ଭର କରେ। ମାତ୍ର ତାହା ହିଁ ହେଉଛି ସେ ଯାହାକି, ଦେଖନ୍ତୁ, ଏକ ମନ୍ଦ ଆତ୍ମା ଅଟେ। ତେବେ ଆସନ୍ତୁ, ସମସ୍ତେ ଏକାଠି ମିଶି, ବର୍ତ୍ତମାନ ଥରେ ଏକାଠି ମିଳିମିଶି ଗାଇବା, *କେବଳ ବିଶ୍ୱାସ କର*, ବର୍ତ୍ତମାନ, ତେବେ ସମସ୍ତେ ଆସନ୍ତୁ।

କେବଳ ବିଶ୍ୱାସ କର, କେବଳ ବିଶ୍ୱାସ କର,
ସମସ୍ତ ବିଷୟ ସମ୍ଭବ, କେବଳ ବିଶ୍ୱାସ କର;
କେବଳ ବିଶ୍ୱାସ କର, କେବଳ ବିଶ୍ୱାସ କର,
ସମସ୍ତ ବିଷୟ ସମ୍ଭବ, କେବଳ…

2 ଭଉଣୀ, ପ୍ରଭୁ ଆପଣଙ୍କୁ ସୁସ୍ଥ କରିବାକୁ ଯାଉଛନ୍ତି। ଆସନ୍ତୁ ବର୍ତ୍ତମାନ ସେହି ଝିଅ ପାଇଁ ପ୍ରାର୍ଥନା କରିବା ଯେତେବେଳେକି ଆମେ ଆମର ମସ୍ତକଗୁଡ଼ିକୁ ନତ କରୁ।

3 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ଏପରି ମନେ ହେଉଛି ମୁଁ ଏହାକୁ ମୋ' ମନରୁ ବାହାର କରି ପାରୁ ନାହିଁ। ସେଠାରେ ଥିବା ସେହି ସାନ ଝିଅଟି, ତାହା ମରୁଅଛି, ସେ କାହାରି ପ୍ରିୟ ହୋଇଥିବ। ସେ ତୁମର ସୃଷ୍ଟି ଅଟେ, ଏବଂ ଶୟତାନ ତା'ଠାରୁ ତା'ର ଯୌବନ ଜୀବନକୁ ଲୁଟି ନେଉଅଛି। ମୁଁ ପ୍ରାର୍ଥନା କରେ ଯେ ଖ୍ରୀଷ୍ଟଙ୍କ ନାମରେ ତୁମେ ମୃତ୍ୟୁର ହାତକୁ ରୋକି ଦେବ, ସେହି ଶତ୍ରୁକୁ ପଛକୁ ଘଉଡ଼ାଇ ଦେବ। ହେ ପ୍ରଭୁ, ତୁମେ, ଯିଏକି ସୂଫ ସାଗରକୁ ଉଭୟ ପାର୍ଶ୍ୱରେ କାନ୍ଥ ପରି ଛିଡ଼ା କରି ଦେଇପାରିଲ, ଓ ଇସ୍ରାଏଲ ସନ୍ତାନଗଣଙ୍କୁ, ତୁମର ଅଧିକାରକୁ, ସମୁଦ୍ର ପାର ହୋଇ ପ୍ରତିଜ୍ଞାତ ଦେଶକୁ ଯିବା ପାଇଁ ଏକ ସୁରକ୍ଷିତ ଯାତ୍ରା ଦେଇପାରିଲ। ପରମେଶ୍ୱର, ଆଜି ଆମେ ପ୍ରାର୍ଥନା କରୁଛୁ ଯେ ତୁମେ ପ୍ରତ୍ୟେକ ବାଧାବିଘ୍ନକୁ ପଛକୁ ଘୁଞ୍ଚାଇ ଦେବ ଏବଂ ସେହି ପିଲାଟିକୁ ବଞ୍ଚିବାକୁ ଦେବ। ଏହା ତ ଆମକୁ ମାଗିବା ପାଇଁ ଦିଆଯାଇଛି। ଆଉ, ତୁମଠାରେ ବିଶ୍ୱାସ କରୁଥିବା ଲୋକମାନଙ୍କର ଏକ ଗୋଷ୍ଠୀ ଭାବରେ, ଆମେ ସେହି ଶିଶୁର ଆରୋଗ୍ୟତାକୁ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

4 ଆଜି ଏହା ଏକ କୃତଜ୍ଞ ହୃଦୟ ସହିତ ଅଟେ ଯେ ମୁଁ—ମୁଁ ପୁନର୍ବାର ଆପଣଙ୍କ ନିକଟକୁ ପ୍ରଭୁ ଯୀଶୁଙ୍କ ନାମରେ ଆସିଅଛି । ମୁଁ ଲୁଇସିଆନାଠାରୁ ଟିକିଏ ଶୀଘ୍ର ଘରକୁ ଆସିଲି । ଭାବିଲି ବୋଧହୁଏ ଯଦି ମୁଁ ରବିବାର ପୂର୍ବରୁ ଏଠାକୁ ଆସିଯିବି ତେବେ ମୁଁ ରବିବାର ଶ୍ରେଣୀର ଶିକ୍ଷା ନେଇପାରିବି । ଆଉ ତା'ପରେ ସେଠାରେ ପାଗ ଏତେ ଭୟଙ୍କର ଗରମ ଥିଲା, ଯେ ଆମେ… ଲୁଇସିଆନାଠାରୁ ଭିନ୍ନ ଆଜି ସକାଳରେ ଏହା ସାମାନ୍ୟ, ଥଣ୍ଡା ହେବ । ଲୁଇସିଆନାରେ, ଆପଣ କଦାପି ଏହିପରି ଭାବରେ ବିନା ଏକ ପଙ୍ଖାରେ ଏକ ଭବନରେ ବସିବେ ନାହିଁ, ଏହାକୁ ତ ବାତାନୁକୂଳିତ ହେବାକୁ ପଡ଼ିବ ନଚେତ୍ ଆପଣ ବେହୋଶ୍ ହୋଇଯିବେ ।

5 ଆଉ ତେଣୁକରି ମୁଁ ଆସିଛି ଯେ ତାହା ଦ୍ୱାରା ବର୍ତ୍ତମାନ ମୁଁ ମାତ୍ର ଦିନେ-କିମ୍ୱା-ଦୁଇ ଦିନ ବିଶ୍ରାମ ପାଇଯିବି ଏହା ପୂର୍ବେକି ଆସନ୍ତା ସପ୍ତାହରେ, ଉତ୍ତର ସସ୍କାଚେୱାନକୁ, ଠିକ୍ ବାହାରିଯାଏ, ଆଉ ତାହା ଉପରେ ପ୍ରିନ୍ସ ଆଲବର୍ଟଠାରେ ଅଛି । ତାହା ତ ସେତିକି ଦୂର ଅଟେ ଯେତିକି ଦୂର ସେହି ରାସ୍ତା ଅନ୍ୟ ପାର୍ଶ୍ୱରୁ, ପୃଥିବୀକୁ ଯାଇଥାଏ । ଏହା ସମଗ୍ର ପୃଥିବୀକୁ ଅତିକ୍ରମ କରି ଯାଇଥାଏ ଏବଂ ଏମିତି ସ୍ଥାନକୁ ପହଞ୍ଚିଥାଏ ଯେଉଁଠାରେକି ଆଉ ରାସ୍ତା ନାହିଁ, ଏବଂ ଆଉକିଛି ନାହିଁ ବରଂ ମୂଳ ଅଧିବାସୀ ଭାରତୀୟମାନେ ଓ ଏସ୍କିମୋମାନେ ସେମାନଙ୍କର ଆଭ୍ୟନ୍ତରୀଣ ମୂଳ ଅବସ୍ଥାରେ ରହିଥା'ନ୍ତି ଯେଉଁଠାକୁ ଆମେ ଏଥର ଯିବା । ଏଣୁ ଆମର ଅନେକ ଲୋକ କାନାଡ଼ାର ସମସ୍ତ ସ୍ଥାନରୁ ଏହି ସଭାରେ ରହିବେ । ସେମାନଙ୍କ ମଧ୍ୟରୁ କେତେକେ ତ ଠିକ୍ ପଶ୍ଚିମ ତଟରୁ ଆସିବେ, ସେମାନେ କହନ୍ତି, ଚାଲି ଆସିବେ । ଆଉ ମୁଁ ନିଶ୍ଚିତ ଭାବରେ ଆପଣ ଲୋକମାନଙ୍କର ପ୍ରାର୍ଥନାକୁ ଆବଶ୍ୟକ କରେ, ଯେ ପରମେଶ୍ୱର ଆମ ସହିତରେ ସାକ୍ଷାତ କରିବେ ଏବଂ ଆମକୁ ଏକ ଅତ୍ୟଧିକ ପ୍ରମାଣରେ, ପ୍ରଚୁରତାରେ, ତାହାଙ୍କର ଗୌରବ ନିମନ୍ତେ ମହାନ ସଭା ପ୍ରଦାନ କରିବେ । ମୁଁ କାନାଡ଼ା ଯାଇଥିବାର ଏହା ପ୍ରାୟଃ ଚାରି କିମ୍ୱା ପାଞ୍ଚ ବର୍ଷ ହେଲାଣି । ଆଉ ମୋ'ର ସେଠାରେ କେତୋଟି ପ୍ରକୃତ ରାଜକୀୟ ବନ୍ଧୁମାନେ ଅଛନ୍ତି, ଯେଉଁମାନେକି ଅତ୍ୟନ୍ତ ଉତ୍ତମ ଲୋକ ଅଟନ୍ତି ।

6 ଆଉ ଏଣୁ ସେମାନେ ଗୀର୍ଜାକୁ ଯିବା ନିମନ୍ତେ ଅତ୍ୟନ୍ତ ବିଶ୍ୱସ୍ତ ଅଟନ୍ତି । ଏହା ଯେତେ ଥଣ୍ଡା ହେଉ ନା କାହିଁକି, ସେମାନେ ଏକ କମ୍ୱଳରେ ଘୋଡ଼େଇ ହୋଇଯିବେ ଏବଂ ଏକ ଟଣାଗାଡ଼ିରେ ବସି ଯିବେ, ଓ ଗୀର୍ଜାକୁ ଯିବା ପାଇଁ, ତିରିଶ ମାଇଲ ପର୍ଯ୍ୟନ୍ତ ଘୋଡ଼ା ଚଲାଇବେ । ସେମାନେ ସମସ୍ତେ ଯୁବା ଓ ବୃଦ୍ଧ, ତୁଷାରପାତ ଦେଇ ଏବଂ ଅନ୍ୟ ସମସ୍ତ ବିଷୟଗୁଡ଼ିକ ଦେଇ ଚାଲି ଚାଲି ଯିବେ । ସେମାନେ ସମସ୍ତେ ଏକତ୍ରିତ ହୁଅନ୍ତି । ଆଉ ଗୋଟିଏ ପରିବାର ଅନ୍ୟକୁ ପାଆନ୍ତି ଏବଂ ସେମାନେ ଚାଲିବା ଆରମ୍ଭ କରନ୍ତି, ଏବଂ ସେମାନେ ଯାଆନ୍ତି । ଏହା ସେହି—ଏହା ସେହି ବଳିଦାନ ଅଟେ ଯାହା ସେମାନେ କରନ୍ତି ଯାହା ଯୋଗୁକି ସେମାନେ ସେବାରୁ ଏତେ ଅଧିକ ଲାଭ ପାଆନ୍ତି । ଯେତେବେଳେ କୌଣସି ବଳିଦାନ ନ ଥାଏ, ସେତେବେଳେ ସେବାରେ ମଧ୍ୟ ବହୁତ କିଛି ନ ଥାଏ । ଆପଣଙ୍କୁ ତ ପ୍ରକୃତରେ ନତ ହେବାକୁ ଥାଏ ଓ ଏପରି କିଛି କରିବାକୁ ଥାଏ ଯାହାକି ପ୍ରକୃତରେ ଆଘାତ କରିଥାଏ, ଆପଣଙ୍କୁ କିଛି ବିଷୟଗୁଡ଼ିକୁ ଛାଡ଼ିବାକୁ ପଡ଼ିଥାଏ ଓ କାମ ବନ୍ଦ କରିବାକୁ ପଡ଼ିଥାଏ, ଏବଂ *ଏହା* କିମ୍ୱା *ତାହା*

କରିବାକୁ ପଡ଼ିଥାଏ, ଯେପରିକି ଆପଣ ଗୀର୍ଜାକୁ ଯିବା ପାଇଁ ବାହାରନ୍ତି ଏବଂ ପରମେଶ୍ୱରଙ୍କୁ ଦେଖାନ୍ତି ଯେ ଆପଣ ତାହାଙ୍କୁ ପ୍ରେମ କରନ୍ତି, ଓ ଆପଣ ଯିବା ପାଇଁ ବଳିଦାନ କରିଛନ୍ତି, ଏହା ସେତେବେଳେ ଅଟେ ଯେତେବେଳେ ଆପଣ ସେଥିରୁ କିଛି ପାଇଥାଆନ୍ତି ।

7 ଏହା ଠିକ୍ ମୋ'ର ଛୁଆମାନଙ୍କ ଭଳି । ବିଲି ପଲ୍, ମୁଁ ଭାବୁଛି ଯେ ମୁଁ...ମୁଁ ଯେତେବେଳେ ଛୁଆ ଥିଲି ମୁଁ କିଛି ପାଇ ନ ଥିଲି । ମାମା ବୋଧହୁଏ ଗୋଟିଏ ବସ୍ତା କାଣ୍ଡି ନେଇକି ଆସିଥା'ନ୍ତି ଏବଂ ସେ ଏହାକୁ ଭାଗ କରି ବଣ୍ଟନ କରନ୍ତି, ପ୍ରତ୍ୟେକକୁ ଦୁଇ କିମ୍ବା ତିନି ଖଣ୍ଡ ଆସିଥାଏ । ହୋଇପାରେ ଯେ ଖ୍ରୀଷ୍ଟମାସ ପାଇଁ ଆମେ ଗୋଟିଏ ଛୋଟ ଟିଣର ପେଂକାଳୀ ବାଜା କିଅବା ଏକ ଛୋଟ କ୍ୟାପ୍ ବନ୍ଧୁକ, ଅବା ସେପରି କିଛି ପାଇଥାଉ । ଆଉ ମୁଁ ଅନ୍ୟ ପିଲାମାନଙ୍କୁ ସ୍ଲେଜ୍ ଟଣାଗାଡ଼ି ଏବଂ ସାଇକେଲ୍ ଏବଂ ଅନ୍ୟାନ୍ୟ ବିଷୟମାନ, ଭଲ ଭଲ ପୋଷାକ ଏବଂ ଉଷ୍ମ ଜ୍ୟାକେଟ୍ ସହ ଦେଖିଥାଏ । ଆଉ ମୁଁ—ମୁଁ, ଏହା ମୋତେ ଏତେ ଅଧିକ ଖରାପ ଅନୁଭବ କରାଏ, ଯେ ମୁଁ କହିଲି, "ଯଦି ମୋ'ର କେବେ ନିଜର କୌଣସି ସନ୍ତାନ ହେବେ, ମୁଁ ସେମାନଙ୍କ ପାଇଁ ସବୁକିଛି କରିବାକୁ ଯାଉଛି ଯାହା ମୁଁ କରିପାରିବି ।" ତେବେ, ମୋ'ର ପିଲାମାନଙ୍କ ପାଇଁ କିଛି ଆଣି ଦେବାକୁ ମୁଁ ଭୋକିଲା ସୁଦ୍ଧା ରହିବାକୁ ଇଚ୍ଛୁକ ହେବି । ଏବଂ ଯେତେବେଳେ ମୁଁ ରହୁଥିଲି...ଯେତେବେଳେ ବିଲି ଏକ ଛୋଟ ପିଲା ହିଁ ଥିଲା, ମୁଁ ତା' ପାଇଁ ଗୋଟିଏ ତିନି ଚକିଆ ସାଇକେଲ ଆଣି ଦେଇଥାଏ, ଏବଂ ମୁଁ ତା' ପାଇଁ ସବୁକିଛି ଆଣି ଦେଇଥାଏ । ଆଉ ମେଡ଼ା ମଧ୍ୟ ସବୁକିଛି ଚେଷ୍ଟା କରିଥାଏ, ତା' ପାଇଁ କିଛି ଆଣି ଦେବାକୁ, ନିଜର ପୋଷାକ ଏବଂ ବିଷୟସବୁକୁ ତ୍ୟାଗ କରିଥାଏ । ମାତ୍ର କ'ଣ ଆପଣ ଜାଣନ୍ତି ଯେ ଆମେ କ'ଣ ଦେଖିବାକୁ ଆରମ୍ଭ କଲୁ? ମୁଁ ତା' ପାଇଁ ଗୋଟିଏ ତିନି ଚକିଆ ସାଇକେଲ, ଏବଂ ଛୋଟ ଧନୁ ଏବଂ ତୀର, ଏବଂ ସବୁକିଛି ଆଣି ଦେଇଥିଲି । ମୁଁ ତା'କୁ ଏକ—ଏକ ଚାମଚ କିମ୍ବା ଏକ ବାଡ଼ି ସହିତ, ପଛପଟ ବଗିଚାରେ, କୌଣସି ସ୍ଥାନରେ ଖୋଳୁଥିବାର ପାଏ । ଦେଖନ୍ତୁ? ମୁଁ କହିଲି, "ପରବର୍ତ୍ତୀଗୁଡ଼ିକ ସେହିପରି ହେବେ ନାହିଁ ।" ଦେଖନ୍ତୁ? ଆପଣ କାହାରିକୁ ବି ଠିକ୍ ସେମାନଙ୍କର ହାତରେ ସବୁକିଛି ଦେଇ ଦିଅନ୍ତୁ, ସେମାନେ ତାହା ଚାହାଁନ୍ତି ନାହିଁ । ଏହା ତ ଏପରି କିଛି ଅଟେ ଯାହା ପାଇଁ ଆପଣଙ୍କୁ ବଳିଦାନ ଦେବାକୁ ପଡ଼ିଥାଏ!

8 ଆଉ ଠିକ୍ ସେହି ପ୍ରକାର ପରିତ୍ରାଣ ଅଟେ । ଏହା ଏକ ସମ୍ପୂର୍ଣ୍ଣ ବଳିଦାନ ଅଟେ । ଭାଇ ରଏ, ଏହା ତାହାହିଁ ଅଟେ । ଏହା—ଏହା ଏକ ବଳିଦାନ ଅଟେ ଯାହାକି ଆପଣଙ୍କୁ ପ୍ରତିଦିନ କରିବାକୁ ପଡ଼ିଥାଏ, ଏପରି କିଛି ନିମନ୍ତେ—ପରମେଶ୍ୱରଙ୍କ ନିକଟତର ହେବା ନିମନ୍ତେ ଏବଂ କିଛି ଗୋଟାଏ କରିବା ନିମନ୍ତେ । ଆଉ ମୁଁ ଜାଣେ ଯେ ଆଜି ସକାଳେ, ଏହି ଗରମ ଭବନରେ ବସିବା ଏହା ଆପଣଙ୍କ ପାଇଁ ଏକ ବଳିଦାନ ଅଟେ । ଯେତେବେଳେ ଆମେ ଏଠାରେ ବସିଅଛୁ, ଆସନ୍ତୁ ଆମର ମନଗୁଡ଼ିକୁ ସେହି ସର୍ବଶ୍ରେଷ୍ଠ ବଳିଦାନ ଉପରେ କେନ୍ଦ୍ରିତ ରଖିବା ଯାହା କରିବା ପାଇଁ କେବେ ମାନବଜାତିକୁ ଦିଆଯାଇଥିଲା, ଯାହାକି ଯୀଶୁ ଖ୍ରୀଷ୍ଟ ଥିଲେ ଯେତେବେଳେ ସେ ଆମ ସ୍ଥାନରେ ମରିବା ନିମନ୍ତେ ପୃଥିବୀକୁ ଆସିବା ପାଇଁ ଆଦେଶ ପାଇଥିଲେ । କେବଳ ସେତିକି ନୁହେଁ, ମାତ୍ର ତାହାଙ୍କର ପ୍ରାଣ ତଳେ ନରକକୁ ଓହ୍ଲାଇଥିଲା

ଓ ସେଠାରେ ତିନି ଦିନ ଓ ରାତ୍ରି ରହିଥିଲା, ଏବଂ ତୃତୀୟ ଦିନରେ ସେ ଉତ୍‌ଥିତ ହେଲେ, ଆଉ ବର୍ତ୍ତମାନ ଉଚ୍ଚକୁ ଆରୋହଣ କରି, ସ୍ୱର୍ଗରେ, ପରମେଶ୍ୱରଙ୍କ ଡାହାଣ ପଟେ ବସିଅଛନ୍ତି, ଏବଂ ଆମ ପାଇଁ ପ୍ରଦାନ କରାଯାଇଥିବା ତାହାଙ୍କର ପ୍ରାୟଶ୍ଚିତ୍ତ ଓ ତାହାଙ୍କର ଅନୁଗ୍ରହର ଆମମାନଙ୍କ ଅଙ୍ଗୀକାର ଉପରେ ମଧ୍ୟସ୍ଥି କରୁଅଛନ୍ତି ।

9 ତେବେ ଉପରେ ସେଠାରେ...ସେଠାରେ ଉପରେ ଯେଉଁଠାକୁ ଆମେମାନେ ଯାଉଅଛୁ, ସେଠାରେ ଅନେକ ଲୋକ, ପ୍ରକୃତ ଗରିବ, ପ୍ରକୃତ ଗରିବ ଲୋକମାନେ ଥିବେ, ଯେଉଁମାନଙ୍କୁକି ସଭାକୁ ଆସିବା ପାଇଁ, ସେମାନଙ୍କର ଗାଈମାନଙ୍କ ମଧ୍ୟରୁ ଗୋଟିଏକୁ, ମେଣ୍ଢାମାନଙ୍କ ମଧ୍ୟେରୁ ଦୁଇ କିମ୍ବା ତିନୋଟିକୁ, କିମ୍ବା ସେପରି କିଛିକୁ ବିକ୍ରୟ କରିବାକୁ ପଡ଼ିବ । ସେହି ପୁରୁଣା ଏସ୍କିମୋ ବୋଧହୁଏ ତା'ର କିଛି ଚର୍ମଗୁଡ଼ିକୁ ନେଇକି ଆସିବ ଓ ସେଗୁଡ଼ିକୁ ବିକ୍ରୟ କରିବ, ଯାହାକି ତା'ର ପରିବାରକୁ ବାହାରକୁ ନେଇକି ଆସିବା ପାଇଁ, ତା'କୁ ପ୍ରକୃତରେ ଆବଶ୍ୟକ ଥାଏ । ସେହି ମୂଳ ଅଧିବାସୀ ଭାରତୀୟ ବ୍ୟବସାୟୀଙ୍କୁ ମଧ୍ୟ ତାହା କରିବାକୁ ପଡ଼ିବ । ତେବେ, ଆମେ ଅତି କମରେ ସେହି ଲୋକଙ୍କ ପାଇଁ ପ୍ରାର୍ଥନା କରିପାରିବା, କ'ଣ କରିପାରିବା ନାହିଁ କି? ଏବଂ ଆମେମାନେ ପ୍ରାର୍ଥନା କରୁ ଯେ ପରମେଶ୍ୱର ସେମାନଙ୍କୁ ଏକ ବଡ଼ ବିଷୟ ପ୍ରଦାନ କରିବେ ।

10 ତେବେ, ଏହା ଗରମ ଅଟେ, ମୁଁ ଆପଣମାନଙ୍କୁ ଅଧିକ ସମୟ ରଖିବାକୁ ଚାହେଁ ନାହିଁ । ଆଉ ମୁଁ ଚାହେଁ ଯେ ଆଜି ସକାଳେ ଏହା ପୂର୍ବରୁକି ଅସୁସ୍ଥମାନଙ୍କ ପାଇଁ ଠିକ୍ ପ୍ରାର୍ଥନା କରାଯାଏ, ଆମେମାନେ ଆମର ମନଗୁଡ଼ିକୁ, *ମଣ୍ଡଳୀ ଏବଂ ତାହାର ସ୍ଥିତି* ଉପରେ କେନ୍ଦ୍ରିତ କରୁ । ଆଉ, ବର୍ତ୍ତମାନ, ମୁଁ ଅନୁଭବ କରୁଛି ଯେ କିଛି ଦିନ ପୂର୍ବରୁ ମୋତେ ମଣ୍ଡଳୀର ନିମନ୍ତେ ଏକ ବାର୍ତ୍ତା ଶ୍ରେଭେପୋର୍ଟ, ଲୁଇସିଆନାରେ ଦିଆଯାଇଥିଲା, ଏବଂ ମୁଁ—ମୁଁ ବିଶ୍ୱାସ କରେ ତାହା ହେଉଛି ମଣ୍ଡଳୀର ସ୍ଥିତିମାନ । ଆଉ ଆଜି ସକାଳରେ ଆମେମାନେ ଏହା ସହିତରେ ପରମେଶ୍ୱରଙ୍କୁ ସମ୍ମୁଖୀନ ହେବାକୁ ଯାଉଅଛୁ, ଏବଂ ପରମେଶ୍ୱରଙ୍କଠାରେ ଏହା ପ୍ରାର୍ଥନା କରିବାକୁ ଏବଂ ମାଗିବାକୁ ଯାଉଅଛୁ ଯେ ସେ ଆମର ସାହାଯ୍ୟ କରନ୍ତୁ । ଠିକ୍ ସେହି ସମାନ ଉପାୟ ଅବଲମ୍ବନ କରିବାକୁ ଲକ୍ଷ୍ୟ ରଖନ୍ତୁ ନାହିଁ, ମାତ୍ର ଆମେ ରହୁଥିବା ଏହି ଦିନରେ ପରମେଶ୍ୱରଙ୍କଠାରେ ମାଗନ୍ତୁ ଯେ ସେ ଆମର ସାହାଯ୍ୟ କରିବେ । ଏବଂ ଠିକ୍ ପୂର୍ବରୁ... ଏହା ସେହି ମହାନ୍ ପୁରାତନ ବାଇବଲ ଅଟେ, ମାତ୍ର ଠିକ୍ ସେଠାରେ ଅନନ୍ତ ଜୀବନର ବିଷୟବସ୍ତୁମାନ କେବଳ ନିହିତ ଅଛି ।

11 ଆଉ ମନେରଖନ୍ତୁ, ବାକ୍ୟ ହେଉଛି ପରମେଶ୍ୱର, ପରମେଶ୍ୱର ତାହାଙ୍କ ବାକ୍ୟଠାରୁ ଅଧିକ କିଛି ନୁହଁନ୍ତି । ଏବଂ ଆମେମାନେ ଆମର ବାକ୍ୟଠାରୁ ଅଧିକ କିଛି ନୋହୁଁ, ଆଉ ଯଦି ଆମେମାନେ କରିବା...ଅବଶ୍ୟ, ବର୍ତ୍ତମାନ, ଆପଣ ଏବଂ ମୁଁ ଏକ ଭିନ୍ନ ଭିନ୍ନ ପକ୍ଷରେ... ଅର୍ଥରେ, ଆମେମାନେ ଉଭୟ କରିପାରୁ—ଆମେମାନେ କହିପାରୁ, "ଓଃ, ମୁଁ ଏକ ନିର୍ଦ୍ଦିଷ୍ଟ ବିଷୟ କରିବି," ଆମେମାନେ ତାହା ଆମର ହୃଦୟରୁ କହିଥାଉ, ମାତ୍ର ଏପରି ପରିସ୍ଥିତିମାନ ଉପୁଜି ପାରେ ଯେ ଆମେମାନେ ତାହା କରିପାରି ନ ଥାଉ—ଆମେମାନେ କରିପାରି ନ ଥାଉ

ଯାହା ଆମେମାନେ କରିବୁ ବୋଲି କହିଥାଉ । ମାତ୍ର ପରମେଶ୍ୱର ତାହା କରିପାରନ୍ତି ନାହିଁ, କାରଣ ସେ ଅସୀମ ଅଟନ୍ତି ଏବଂ ସେ ସବୁକିଛି ଜାଣନ୍ତି, ଆଉ ସବୁକିଛି ଯାହାକି କେବେ ଥିଲା, କେବେ ହେବ, କିମ୍ବା...ତେଣୁ, ସେ ସେପର୍ଯ୍ୟନ୍ତ ଏକ ବକ୍ତବ୍ୟ ଦେଇପାରନ୍ତି ନାହିଁ 'ଯେପର୍ଯ୍ୟନ୍ତ କି ସେ ଏହା ଜାଣନ୍ତି ନାହିଁ ଯେ ସେ ଏହାକୁ ସମର୍ଥନ କରିପାରିବେ ।

12 ଆଉ ଅବ୍ରହାମ, ଯେତେବେଳେ ସେ ଶହେ ବର୍ଷ ବୟସର ହୋଇଥିଲେ, ସେ ସେହି ନ ଥିବା ବିଷୟଗୁଡ଼ିକୁ ଏପରି ଡାକିଲେ, ଯେପରିକି ସେଗୁଡ଼ିକ ଅଛି । ତେବେ ମୁଁ ଏହାକୁ ସେହି ରୋଗୀମାନଙ୍କ ନିମନ୍ତେ, ଯେଉଁମାନଙ୍କ ପାଇଁ ପ୍ରାର୍ଥନା ହେବାକୁ ଯାଉଅଛି ଏକ ପ୍ରୋତ୍ସାହନ ସ୍ୱରୂପେ କହୁଅଛି । ଅବ୍ରହାମ ସେହି ବିଷୟଗୁଡ଼ିକୁ ଯାହାକି ନ ଥିଲା, ଥିବା ପରି ଡାକିଲେ, ଏବଂ ତାହା ଦ୍ୱାରା ତାହାଙ୍କୁ ବିଶ୍ୱସ୍ତ ମନେ କଲେ ଯିଏକି ପ୍ରତିଜ୍ଞା କରିଛନ୍ତି ଯେ ସେ ତାହା କରିବାକୁ ସକ୍ଷମ ଅଟନ୍ତି, କିମ୍ବା, ଯାହା ପ୍ରତିଜ୍ଞା କରିଛନ୍ତି ତାହାକୁ ପୂରଣ କରିବାରେ ସକ୍ଷମ ଅଟନ୍ତି । ତେବେ, ଯେତେବେଳେ ପରମେଶ୍ୱର ଅବ୍ରହାମଙ୍କୁ କହିଲେ, ଯେତେବେଳେ ତାହାଙ୍କୁ ଛଅ... ପଞ୍ଚ-ସ୍ତରୀ ବର୍ଷ ହୋଇଥିଲା, ଏବଂ ସାରାକୁ ପଇଁ-ଷଠି ବର୍ଷ ହୋଇଥିଲା, ଯେ ସେମାନେ ଏକ ସନ୍ତାନ ଜନ୍ମ କରିବାକୁ ଯାଉଥିଲେ, କାହିଁକି, ତାହା ତ ସମ୍ପୂର୍ଣ୍ଣ ଭାବେ ଅସମ୍ଭବ ଥିଲା । ଆଉ ସେ ତାହା ବିଶ୍ୱାସ କରିଥିଲେ ଓ ସେହି ଶିଶୁର ଅପେକ୍ଷା କରିଥିଲେ, ଏବଂ ଶିଶୁଟିକୁ ସେଠାରେ ବାସ୍ତବରେ ଥିବା ପରି ମନେ କରିଥିଲେ, ପଚି-ଶ ବର୍ଷ ପର୍ଯ୍ୟନ୍ତ ସେହି ଶିଶୁ କେବେ ଆସିବା ପୂର୍ବରୁ । ଆଉ ଶିଶୁଟି ଜନ୍ମ ହେବା ସମୟରେ ଅବ୍ରହାମ ଶହେ ବର୍ଷର ଥିଲେ, ଏବଂ ସାରା ନବେ ବର୍ଷ ଥିଲେ, କାରଣ ଅବ୍ରହାମ ତାହାଙ୍କଠାରେ ବିଶ୍ୱାସ କରିଥିଲେ । ଆଉ ସେ ସେହି ବିଷୟଗୁଡ଼ିକୁ ଯାହାକି ନ ଥିଲା, ଥିବା ପରି ଡାକିଥିଲେ ।

13 ତେବେ, ତାହା ରୋଗୀ ଓ ପୀଡ଼ିତମାନଙ୍କ ନିମନ୍ତେ ଅଟେ ଯାହାଙ୍କ ପାଇଁ ପ୍ରାର୍ଥନା କରାଯିବାକୁ ଅଛି । ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେଉଁ ସମସ୍ୟାମାନରେ ଅଛନ୍ତି, ଆପଣ ଯାହାକିଛି ବି...ଆପଣଙ୍କଠାରେ କି ପ୍ରକାର ରୋଗମାନ ରହିଛି, ଆପଣ କେତେ ଖରାପ ଅବସ୍ଥାରେ ରହିଛନ୍ତି, ଯେତେବେଳେ ଆପଣ ଖ୍ରୀଷ୍ଟଙ୍କୁ, ତାହାଙ୍କର ବାକ୍ୟକୁ ଗ୍ରହଣ କରନ୍ତି, ସେତେବେଳେ ଆପଣ ସେହି ବିଷୟଗୁଡ଼ିକୁ ଏପରି ଭାବରେ ଡାକନ୍ତି, ଯେପରକି ସେଗୁଡ଼ିକ ନ ଥାଏ, ଯଦି ତାହା ପରମେଶ୍ୱରଙ୍କ ବାକ୍ୟର ବିରୁଦ୍ଧରେ ଅଟେ । ତେବେ, ପରମେଶ୍ୱର କହିଲେ, "ବିଶ୍ୱାସର ପ୍ରାର୍ଥନା ରୋଗୀଙ୍କୁ ଉଦ୍ଧାର କରିବ ।" ତେବେ, ଯଦି ପରମେଶ୍ୱର ଏହା କହିଛନ୍ତି, ତାହା ଏହାକୁ ସମାଧାନ କରେ । ତାହାହେଲେ ଆସନ୍ତୁ ଆମେମାନେ ଆମର ମନଗୁଡ଼ିକୁ, ଆଶାଗୁଡ଼ିକୁ ସେଥିରେ ସ୍ଥିର ରଖିବା, ଏବଂ ଏପରି ଭାବରେ କାର୍ଯ୍ୟ କରିବା ଯେପରିକି ତାହା କରା ଯାଇସାରିଛି । ଯେତେବେଳେ ଆମେ ଏହାକୁ ଗ୍ରହଣ କରୁ ତାହା ଠିକ୍ ସେତେବେଳେହିଁ ସମାପ୍ତ ହୋଇ ଯାଇଥାଏ ।

14 ପରିତ୍ରାଣ ମଧ୍ୟ ସେହି ସମାନ ପ୍ରକାର ଅଟେ । ଆମେ ଏହାକୁ ବିଶ୍ୱାସ କରୁ, ଏହାକୁ ଗ୍ରହଣ କରୁ, ଆମ ହୃଦୟରେ ଏହାକୁ ବିଶ୍ୱାସ କରି, ପରମେଶ୍ୱରଙ୍କ ସମ୍ମୁଖକୁ ଚାଲିକରି ଯାଉ ଏବଂ ଖ୍ରୀଷ୍ଟଙ୍କୁ ଆମର ବ୍ୟକ୍ତିଗତ ତ୍ରାଣକର୍ତ୍ତା ରୂପେ ଗ୍ରହଣ କରୁ, ଓ ତାହାଙ୍କୁ ଗ୍ରହଣ କରୁ ।

ଯଦି ଆପଣ ଆଜି ସକାଳରେ ଏଠାରେ ଅଛନ୍ତି, ଏବଂ ଜଣେ ପାପୀ ଅଟନ୍ତି, ଓ ଉଦ୍ଧାରପ୍ରାପ୍ତ ହୋଇନାହାଁନ୍ତି, ପୁଣି ଆପଣ ସୁସ୍ଥ ହେବାକୁ ଚାହୁଁଛନ୍ତି, ଆପଣ ଅସୁସ୍ଥ ଅଟନ୍ତି, ତେବେ ପ୍ରଥମେ ପ୍ରଭୁଙ୍କୁ ଅନ୍ୱେଷଣ କରନ୍ତୁ । ତାହାଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତୁ, ତେବେ ଯାଇ ସେହି ରୋଗଟି ସୀଧାସଳଖ ବାହାରକୁ ବାହାରିଯିବ । ତେବେ ଏହା ଯାହାକିଛି ବି ହେଉ, ଆପଣ ନିଜର ସମଗ୍ର ଚିନ୍ତାଧାରାକୁ କେବଳ (ଆପଣଙ୍କ ପାଖରେ ଯାହାକିଛି ବି ଅଛି ତାହାସବୁ ପ୍ରତି) ସେହି ସମ୍ପୂର୍ଣ୍ଣ ମନୁଷ୍ୟ, ଖ୍ରୀଷ୍ଟ ଯୀଶୁଙ୍କ ଉପରେ ରଖି ଦିଅନ୍ତୁ, ଅନ୍ୟ ସବୁକିଛି ବିଷୟ ଠିକ୍ ହୋଇଯିବ ।

15 ଏଣୁକରି ବର୍ତ୍ତମାନ ତାହା ଉପରେ ନିଜର ମନକୁ ରଖନ୍ତୁ, କାରଣ ମୁଁ ଏହି କେତୋଟି ଶବ୍ଦ ସେହି ଅସୁସ୍ଥ ଏବଂ ପୀଡ଼ିତ ଲୋକମାନଙ୍କ ପାଇଁ କହିଲି, ଯେପରିକି ମୁଁ ଆଜି ସକାଳରେ ମଣ୍ଡଳୀ ଏବଂ ତାହାର ସ୍ଥିତି ବିଷୟରେ କହିବାକୁ ଯାଉଛି । କାରଣ ମୁଁ ଅନୁଭବ କରେ ଯେ ଯଦିଓ ଦିବ୍ୟ ସୁସ୍ଥୀକରଣ ଆଶ୍ଚର୍ଯ୍ୟଜନକ ଅଟେ, ମାତ୍ର ଯେତେବେଳେ ମୁଁ ଶ୍ରେଭେପୋର୍ଟରେ ଥିଲି, ସେତେବେଳେ ମୁଁ ସେଠାରେ ଥିବାବେଳେ ମୋ'ର ପ୍ରାୟଃ କେବଳ ତିନୋଟି ସୁସ୍ଥୀକରଣ ସେବା ହୋଇଥିଲା, ଏଗାର ଦିନ ମଧ୍ୟରୁ, ତିନି, କିମ୍ବା ବୋଧହୁଏ, ଅଧିକରୁ ଅଧିକ ଚାରୋଟି । ଦିବ୍ୟ ସୁସ୍ଥୀକରଣ ନିମନ୍ତେ ଏତେ ସମୟ ଦେବା ଅପେକ୍ଷା ମନୁଷ୍ୟର ପ୍ରାଣଗୁଡ଼ିକୁ ପ୍ରଚାର କରିବା ଏହା ଅଧିକ ଜରୁରୀ ଅଟେ । ଯଦ୍ୟପି, ଯେଉଁ ଲୋକମାନେ ଅସୁସ୍ଥ ଏବଂ ଅଭାବୀ ଅଟନ୍ତି, ପରମେଶ୍ୱର ସେମାନଙ୍କୁ ସୁସ୍ଥ କରିପାରନ୍ତି । ଆଉ ଏହା ପୂର୍ବରୁ ବିଶ୍ୱରେ ଚାରିଆଡ଼େ ପ୍ରମାଣିତ ହୋଇସାରିଛି, ଯେ ସେ ତାହା କରନ୍ତି । କିନ୍ତୁ ମୂଖ୍ୟ ବିଷୟଟି, ବର୍ତ୍ତମାନ, ପ୍ରାଣ ପାଇଁ ଅଟେ ଯାହା କେବେ ବି ମରିବ ନାହିଁ । ଶରୀର ମରିଯିବ । କିନ୍ତୁ ପ୍ରାଣ କଦାପି ମରିବ ନାହିଁ, ଏବଂ ଆମେ ସେହି ସ୍ତରକୁ ପରମେଶ୍ୱରଙ୍କ ସହିତ ସଳଖ ଓ ସିଧା ରଖିବା ଉଚିତ୍ ।

16 ମୁଁ ଏହାକୁ ପ୍ରାୟଃ ଅନେକ ଥର କହିଅଛି । ମୁଁ ଚାହେଁ ଯେ ସମସ୍ତକିଛି ବିଷୟ କରାଯାଉ, କାରଣ ଯେତେବେଳେ ମୁଁ ସେହି ସକାଳରେ ନଦୀକୁ ଓହ୍ଲାଇବି, ସେତେବେଳେ ମୁଁ ସେଠାରେ କୌଣସି ପ୍ରକାର ଅସୁବିଧା ଚାହେଁ ନାହିଁ । ମୁଁ ମୋ' ହାତରେ ଟିକେଟ୍ ରଖି, ମୋ' ନାମର ଅପେକ୍ଷା କରିବାକୁ ଚାହେଁ । ଆଉ ଭାଇ କ୍ରୀତ୍, ମୁଁ ପୁରାତନ ସମୟର ପାଉଲଙ୍କ ପରି, କହିବାକୁ ଚାହେଁ, "ମୁଁ ତାହାଙ୍କୁ ତାହାଙ୍କର ପୁନରୁତ୍‌ଥାନର ସାମର୍ଥରେ ଜାଣେ ।" ଏପରିକି ଯେତେବେଳେ ସେ ମୃତମାନଙ୍କ ମଧ୍ୟରୁ ଡାକନ୍ତି, ମୁଁ ବାହାରି ଆସିବି…ମୁଁ ତାହାଙ୍କୁ ତାହାଙ୍କର ପୁନରୁତ୍‌ଥାନର ସାମର୍ଥରେ ଜାଣିବାକୁ ଚାହେଁ ।

17 ଏଣୁ, ବର୍ତ୍ତମାନ, ସେ ଯିଏକି ପୁସ୍ତକର ଲେଖକ ଅଟନ୍ତି, ଆସନ୍ତୁ କିଛି କ୍ଷଣ ତାଙ୍କ ନିକଟରେ ଆମର ମସ୍ତକଗୁଡ଼ିକୁ ଓ ହୃଦୟଗୁଡ଼ିକୁ ନତ କରିବା ।

18 ଆଉ, ହେ ପରମେଶ୍ୱର, ଆମମାନଙ୍କର ପିତା, ଆମେମାନେ ବର୍ତ୍ତମାନ ତୁମ ନିକଟକୁ ଆସୁଅଛୁ, ଓ ତୁମକୁ ବିନତୀ କରୁଅଛୁ ଯେ ତୁମେ ତୁମର ବାକ୍ୟକୁ ଆମ ପ୍ରତି ଫିଟାଇବ । ଆମେମାନେ ପୃଷ୍ଠାଗୁଡ଼ିକୁ ଓଲଟାଇ ପାରୁ, କିନ୍ତୁ କେବଳ ପବିତ୍ରଆତ୍ମା ହିଁ ବାକ୍ୟକୁ ଫିଟାଇ ପାରନ୍ତି । ଏଣୁ ହେ ପିତା, ଆଜି ସକାଳରେ ଏହାକୁ ଆମ ପାଇଁ ଖୋଲି ଦିଅ, ଏବଂ ତୁମର

ଅନୁଗ୍ରହର ପ୍ରଚୁର ପରିମାଣ ଆମମାନଙ୍କୁ ଦିଅ । ଆମେ ତୁମଠାରେ ଅପେକ୍ଷା କରୁଅଛୁ । ଏବଂ ହେବାକୁ ଦିଅ ଯେ ପବିତ୍ରଆତ୍ମା ବାକ୍ୟ ଭିତରେ ପ୍ରବେଶ କରନ୍ତୁ, ଏବଂ ମାନବ ଓଷ୍ଠରୁ ଏହାକୁ ମାନବ ହୃଦୟଗୁଡ଼ିକୁ ପ୍ରଦାନ କରନ୍ତୁ, ଏବଂ ହେଉ ଯେ ସେ ଏହାକୁ ନେଇ ପ୍ରତ୍ୟେକ ହୃଦୟରେ ଯେପରି ଆମେମାନେ ତାହାକୁ ଆବଶ୍ୟକ କରୁ ତାହାକୁ ସ୍ଥାପିତ କରନ୍ତୁ । ଆଉ ଯେତେବେଳେ ସେବାଗୁଡ଼ିକ ସମାପ୍ତ ହୋଇଯାଏ, ଆମେମାନେ ନିଜ ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉ, ଆମେମାନେ ନମ୍ରତାର ସହ ମସ୍ତକଗୁଡ଼ିକୁ ନତ କରିବୁ ଓ ତୁମକୁ ଧନ୍ୟବାଦ ଓ ପ୍ରଶଂସା ଦେବୁ, ସେହି ସମସ୍ତ ବିଷୟଗୁଡ଼ିକ ପାଇଁ ଯାହା ଆମେମାନେ ତୁମଠାରୁ ଶିଖିଅଛୁ ଏବଂ ଯାହା ତୁମେ ଆମ ପାଇଁ କରିଅଛ । ଖ୍ରୀଷ୍ଟଙ୍କ ନାମରେ ଆମେ ଏହାକୁ ମାଗୁଅଛୁ । ଆମେନ୍ ।

19 ବାକ୍ୟ ପଠନ କରିବା ନିମନ୍ତେ, ସାଧୁ ଯୋହନ, ତା'ର 1ମ ପର୍ବକୁ ଯିବା, ଆପଣମାନେ ଯାହାଙ୍କ ପାଖରେ ନିଜର ବାଇବଲ ଅଛି ଏବଂ ମୋ' ସହିତରେ ପାଠ କରିବାକୁ ଚାହାଁନ୍ତି କିଅବା ଏକ ମୂଳ ବିଷୟ ପାଇଁ ଏହାକୁ ଲେଖି ରଖିବାକୁ ଚାହାଁନ୍ତି । ଆଉ ଆମେମାନେ ବାକ୍ୟରୁ ମୂଳ ବିଷୟକୁ ପାଠ କରିବା, ଏବଂ ତା' ପରେ ଆସନ୍ତୁ ପ୍ରାର୍ଥନା କରିବା, ଆଉ ପବିତ୍ରଆତ୍ମା ଆମମାନଙ୍କୁ ବାକ୍ୟରୁ ପ୍ରସଙ୍ଗ ବାହାର କରି ପ୍ରଦାନ କରିବେ । ଆମେମାନେ ଏହାକୁ ପାଠ କରିପାରୁ, ଆମେମାନେ ଯେଉଁମାନେକି ପାଠ କରିବାକୁ ସକ୍ଷମ ଅଟୁ ଏହାକୁ ପାଠ କରିପାରୁ, ମାତ୍ର କେବଳ ପରମେଶ୍ୱର ହିଁ ପ୍ରସଙ୍ଗ ବାହାର କରିପାରନ୍ତି । ମୂଳ ବିଷୟ ପାଠ କରା ଯାଇପାରେ, କାରଣ ଏହା ହେଉଛି ତାହାଙ୍କର ବାକ୍ୟ, ମାତ୍ର ତା' ପରେ ସେହି—ସେହି ପ୍ରସଙ୍ଗଟି ପରମେଶ୍ୱରଙ୍କ ଦ୍ୱାରା ପ୍ରଦାନ କରାଯିବା ଆବଶ୍ୟକ । ତେବେ, ସାଧୁ ଯୋହନ, 1ମ ପର୍ବରେ, ଆଉ ଆସନ୍ତୁ 28ତମ ପଦରୁ ଆରମ୍ଭ କରିବା ଏବଂ 32ତମ ପର୍ଯ୍ୟନ୍ତ, ତାହାକୁ ନେଇ ପାଠ କରିଯିବା ।

*ଯର୍ଦ୍ଦନର ପରପାରସ୍ଥ...?...ଯୋହନ ବାପ୍ତିସ୍ମ ଦେଉଥିଲେ, ସେହି ସ୍ଥାନରେ ଏହିସବୁ ଘଟିଲା ।*

*...ଆରଦିନ ଯୋହନ ଯୀଶୁଙ୍କୁ ନିଜ ପାଖକୁ ଆସୁଥିବାର ଦେଖି, କହିଲେ, ଏହି ଦେଖ ପରମେଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହିନେଇଯାଆନ୍ତି ।*

*ମୋ' ଉତ୍ତାରେ ଆସୁଅଛନ୍ତି, ସେ ମୋହର ଅଗ୍ରଗଣ୍ୟ ହୋଇଅଛନ୍ତି କାରଣ ସେ ମୋର ପୂର୍ବରେ ଥିଲେ: ଯାହାଙ୍କ ବିଷୟରେ ମୁଁ ଏହା କହିଥିଲି, ସେ ଏହି ।*

*ମୁଁ ମଧ୍ୟ ତାହାଙ୍କୁ ଚିହ୍ନି ନ ଥିଲି: କିନ୍ତୁ ସେ...କିନ୍ତୁ ସେ ଯେପରି ଇସ୍ରାଏଲ... ନିକଟରେ ପ୍ରକାଶିତ ହୁଅନ୍ତି, ଏଥିସକାଶେ ମୁଁ ଜଳରେ ବାପ୍ତିସ୍ମ ଦେବାକୁ ଆସିଅଛି:*

*...ଯୋହନ ସାକ୍ଷ୍ୟ ଦେଇ, କହିଲେ, ମୁଁ ଆତ୍ମାଙ୍କୁ କପୋତ ପରି ଆକାଶରୁ ଅବତରଣ କରିବା ଦେଖିଅଛି, ଆଉ ସେ ତାହାଙ୍କ ଉପରେ ଅବସ୍ଥାନ କଲେ ।*

ମୁଁ ତାହା ପୁଣିଥରେ ପାଠ କରିବାକୁ ଚାହେଁ, ସେହି ଶେଷ ପଦଟି, 32ତମ ପଦ ।

*ଆଉ ଯୋହନ ସାକ୍ଷ୍ୟ ଦେଇ, କହିଲେ, ମୁଁ ଆତ୍ମାଙ୍କୁ କପୋତ ପରି ଆକାଶରୁ ଅବତରଣ କରିବା ଦେଖିଅଛି, ଆଉ ସେ ତାହାଙ୍କ ଉପରେ ଅବସ୍ଥାନ କଲେ ।*

20 ତେବେ ପ୍ରଭୁ ବାକ୍ୟରେ ତାହାଙ୍କର ଆଶୀର୍ବାଦକୁ ଯୋଗ କରନ୍ତୁ । ମୁଁ ଚାହେଁ ଯେ ଆପଣ ଚେଷ୍ଟା କରନ୍ତୁ—ପ୍ରତ୍ୟେକ ବାକ୍ୟକୁ ଧରିବା ପାଇଁ ଯଦି ଆମେ ତାହା କରିପାରୁ । କ'ଣ ଆପଣମାନେ ସମସ୍ତେ ମୋତେ ଠିକ୍ ପଛରେ ଭଲ ଭାବରେ ଶୁଣି ପାରୁଛନ୍ତି? ଠିକ୍ ଅଛି, କ'ଣ ଆପଣମାନେ ମୋତେ ସେଠାରେ ପଛରେ ଶୁଣି ପାରୁଛନ୍ତି? ଯଦି ଆପଣ ପାରୁଛନ୍ତି, ତେବେ ଆପଣ ନିଜର ହାତ ଉଠାନ୍ତୁ । ତାହା ଉତ୍ତମ ଅଟେ ।

21 ତେବେ, ଆଜି ସକାଳରେ ମୁଁ ଆପଣମାନଙ୍କୁ ଦୃଷ୍ଟାନ୍ତ ଉପରେ—ଉପରେ କହିବାକୁ ଚାହେଁ, ଏପରି କିଛି ପ୍ରକାରେ ଯେ ଏପରିକି ସୁଦ୍ଧା—ମଣ୍ଡଳୀ ବିଷୟରେ ସବୁଠୁ ଅଜ୍ଞ ବ୍ୟକ୍ତି ମଧ୍ୟ ତାହା ବୁଝିବା ପାଇଁ ସମର୍ଥ ହେବେ । ତେବେ, ଆମେମାନେ ନିଜକୁ ଅଧିକ ଉତ୍ତମ କରିବା ପାଇଁ ମଣ୍ଡଳୀକୁ ଆସିଥାଉ । ଆମେମାନେ ନିଜକୁ ଉତ୍ତମ ଲୋକ, ଉତ୍ତମ ଖ୍ରୀଷ୍ଟିଆନ କରିବା ପାଇଁ ଆସୁ, ଉତ୍ତମ ନାଗରିକ, ଉତ୍ତମ ପିତା, ଉତ୍ତମ ମାତା, ଉତ୍ତମ ପଡ଼ୋଶୀ ହେବା ପାଇଁ ଆସୁ । ଆମେ ଆସୁ କାରଣ ଖ୍ରୀଷ୍ଟ ଆମକୁ କହିଛନ୍ତି ଯେ ଯଦି ଆମେ ଆସିବୁ, ତାହାଙ୍କ ନାମରେ କିଛି ମାଗିବୁ, ଯେଉଁଠାରେ ଆମେ କମ୍ ସେ କମ୍ ଦୁଇ କିମ୍ବା ତିନିଜଣ ଏକତ୍ର ହୋଇଥାଉ, ସେ ଆମ ସହିତରେ ରହିବେ ଏବଂ ଆମକୁ ତାହା ପ୍ରଦାନ କରିବେ । ତେବେ, ଆଜି ଆମ ପାଇଁ, ଆଉ କ'ଣ ବା ଭଲ ହୋଇପାରେ ଏହା ଜାଣିବା ଅପେକ୍ଷା ଯେ ଆମେମାନେ ନିଜକୁ ଅଧିକ ଉତ୍ତମ କରିବା ନିମନ୍ତେ, ଆମର ବୁଝାମଣାକୁ ବିସ୍ତାର କରିବା ନିମନ୍ତେ ମଣ୍ଡଳୀରେ ଅଛୁ? କେତେ ଜଣ କହିବେ, "ତାହା ପାଇଁ ତ ମୁଁ ଏଠାରେ ଅଛି"? ଆସନ୍ତୁ ଦେଖିବା । "ମୁଁ—ମୁଁ ଏକ ଅଧିକ ଉତ୍ତମ ବୁଝାମଣାକୁ ଚାହେଁ ।" ଆଉ ଆମେ ସେପର୍ଯ୍ୟନ୍ତ ଏକ ଅଧିକ ଉତ୍ତମ ବୁଝାମଣା ପାଇପାରିବା ନାହିଁ—ଆମେ ପାଇପାରିବା ନାହିଁ ଯେପର୍ଯ୍ୟନ୍ତକି ତାହା...ଆଉ ଯଦି ଆମେ ପରମେଶ୍ୱରଙ୍କ ବିଷୟରେ ଏକ ବୁଝାମଣା ରଖିବାକୁ ଯାଉଛୁ, ତେବେ ଏହାକୁ ନିଶ୍ଚିତ ଭାବରେ ପରମେଶ୍ୱରଙ୍କ ବାକ୍ୟରୁ ଆସିବା ଉଚିତ୍ ଅଟେ, କାରଣ ତାହା ବାକ୍ୟ ହିଁ ଅଟେ ଯାହାକି ପରମେଶ୍ୱର ଆମକୁ ଆମର କ୍ଷୁଦିତ ପ୍ରାଣଗୁଡ଼ିକୁ ପ୍ରତିପୋଷଣ କରିବା ପାଇଁ ଦେଇଅଛନ୍ତି । ଆଉ ପରମେଶ୍ୱରଙ୍କ ବାକ୍ୟକୁ ନେବା ପାଇଁ ଏବଂ ବାକ୍ୟ ଦ୍ୱାରା ଆମକୁ ପ୍ରତିପୋଷଣ କରାଇବା ପାଇଁ ପବିତ୍ରଆତ୍ମାଙ୍କୁ ପ୍ରେରଣ କରା ଯାଇଥିଲା । କ'ଣ ଆପଣମାନେ ତାହା ଦେଖୁଛନ୍ତି? ଦେଖନ୍ତୁ, ଆମେ... ପବିତ୍ରଆତ୍ମାଙ୍କୁ ପରମେଶ୍ୱରଙ୍କଠାରୁ ପ୍ରେରଣ କରାଯାଇଛି, ଯେ ପରମେଶ୍ୱରଙ୍କ ବାକ୍ୟକୁ ନେବେ ଓ ଆମମାନଙ୍କର ଆବଶ୍ୟକତା ଅନୁଯାୟୀ ଆମକୁ ତାହା ପ୍ରଦାନ କରିବେ । ତେବେ, ମୁଁ ବହୁତ ଖୁସି ଯେ ପରମେଶ୍ୱର ସେହିପରି ଏକ ବ୍ୟବସ୍ଥା କରିଛନ୍ତି । କ'ଣ ଆପଣ ନୁହଁନ୍ତି କି? ଯେ ସେ ଆମମାନଙ୍କୁ ପ୍ରତିପୋଷଣ କରାଇବେ ।

22 ଆମେମାନେ ତାହାଙ୍କର ଚରାସ୍ଥାନର ମେଷ ଅଟୁ । ଆମେମାନେ ଟିକିଏ ସମୟରେ ତାହା ବିଷୟରେ କହିବାକୁ ଯାଉଅଛୁ, ସେହି ମେଷ । ଆଉ ଆମେମାନେ ପରମେଶ୍ୱରଙ୍କ

ତିନିସ୍ତରୀୟ ବିଶିଷ୍ଟ ପ୍ରାଣୀ ଅଟୁ, ଏବଂ ଯେତେବେଳେ ସେ ଆମର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ପାଇପାରିବେ ସେ ଆମକୁ କଢ଼େଇ ନେଇପାରିବେ ଏବଂ ମାର୍ଗଦର୍ଶନ କରିପାରିବେ ।

23 ତେବେ, ଏହା ପରମେଶ୍ୱରଙ୍କୁ ଏତେ ପ୍ରସନ୍ନ କଲା, ଯେ ଯେତେବେଳେ ସେ ଯୀଶୁଙ୍କୁ ପୃଥିବୀକୁ ପ୍ରେରଣ କଲେ, ତାହାଙ୍କୁ ଏକ ପଶୁ ଭାବରେ ପ୍ରଦର୍ଶିତ କରାଇବା ପାଇଁ ତାଙ୍କୁ ଭଲ ଲାଗିଲା, ଏବଂ ସେହି ପଶୁଟି ମେଷଶାବକ ଥିଲା । ଆରମ୍ଭରେ ସେହି ସମୟରେ, ଏଦନ ବଗିଚାରେ, ଯୀଶୁଙ୍କ ଆଗମନର ପୂର୍ବଛାୟାରେ, ପରମେଶ୍ୱର ବଳିଦାନ ଉତ୍ସର୍ଗ କରିଥିଲେ, ଅଥବା ଏକ ବିକଳ୍ପ ବଳିଦାନ ରୂପେ ଖ୍ରୀଷ୍ଟଙ୍କ ଆଗମନର ପୂର୍ବଛାୟାରେ ଏକ ମେଷଶାବକକୁ ରଖିଥିଲେ । ତେବେ, ମୁଁ ପ୍ରାୟତଃ ଆଶ୍ଚର୍ଯ୍ୟ କରିଛି ଯେ ପରମେଶ୍ୱର କାହିଁକି ଖ୍ରୀଷ୍ଟଙ୍କୁ ଏକ ପଶୁ, ଏକ ପ୍ରାଣୀ ରୂପେ ପୂର୍ବପ୍ରତୀକ ସ୍ୱରୂପ କରିବେ । ମାତ୍ର ଆମେ ଜାଣିବାକୁ ପାଇଲୁ ଯେ ସେହି ମେଷଶାବକ, ସେହି କାରଣ ଯେ ସେ ଏକ ମେଷଶାବକକୁ ବାଛିଲେ, ଗୋଟିଏ ମେଷଶାବକ ପୃଥିବୀରେ ଥିବା ସମସ୍ତ ପ୍ରାଣୀମାନଙ୍କ ମଧ୍ୟରୁ ସବୁଠୁ ନମ୍ର ଏବଂ ନିରୀହ ଅଟେ । ଗୋଟିଏ ଛୋଟ ମେଷଶାବକଠାରୁ ଅଧିକ ନମ୍ର ଏବଂ ନିରୀହ ଆଉ କୌଣସି କିଛି ନାହିଁ, ସେ ଏତେ ନିର୍ଦ୍ଦୋଷ ଥାଏ, ଆତ୍ମ-ନିର୍ଭରଶୀଳ ନୁହେଁ । ତାହା—ତାହା ଅହଙ୍କାରୀ ନୁହେଁ । ଏହା ଏକ ନିରୀହ, ନମ୍ର ଛୋଟ ପ୍ରାଣୀଟିଏ ଅଟେ । ଆଉ ଯେତେବେଳେ ପରମେଶ୍ୱର ଖ୍ରୀଷ୍ଟଙ୍କୁ ଜଗତ ନିକଟରେ ପ୍ରଦର୍ଶିତ କରିବାକୁ ଯାଉଥିଲେ, ସେ ତାହାଙ୍କୁ ଏକ ମେଷଶାବକରେ ପ୍ରଦର୍ଶିତ କରିଥିଲେ ।

24 ବର୍ତ୍ତମାନ, କିନ୍ତୁ ଯେତେବେଳେ ପରମେଶ୍ୱର, ପିତା ପରମେଶ୍ୱର, ଯିହୋବାଃ, ଆପଣାକୁ ସ୍ୱର୍ଗରୁ ପ୍ରଦର୍ଶିତ କରିବାକୁ ଯାଉଥିଲେ, ସେ ଆକାଶରେ ଉଡୁଥିବା ସମସ୍ତ ପକ୍ଷୀମାନଙ୍କ ମଧ୍ୟରୁ, ସବୁଠାରୁ ନମ୍ର ପକ୍ଷୀ, ଯାହାକି, କପୋତ ଅଟେ, ସେଥିରେ ପ୍ରଦର୍ଶିତ କରା ଯାଇଥିଲେ । କପୋତଠାରୁ ଅଧିକ ନିରୀହ ଆଉ କୌଣସି ପକ୍ଷୀ ନାହିଁ । ପକ୍ଷୀ ଜୀବନ ଏବଂ ବନ୍ୟଜନ୍ତୁ ଜୀବନ ଉପରେ ମୁଁ ଭଲ ଭାବରେ ଏକ ଅଧ୍ୟୟନ କରିଅଛି, ଆଉ କପୋତ ଆକାଶରେ ଉଡୁଥିବା ଅନ୍ୟ ଯେକୌଣସି ପକ୍ଷୀଠାରୁ ଅତି ବିଚିତ୍ର ପକ୍ଷୀ ଅଟେ । କପୋତ ଏକ—ଏକ—ଏକ ପ୍ରେମିକ ଅଟେ । ଗୋଟିଏ କପୋତ ନିରୀହ ଅଟେ । ଆଉ ଗୋଟିଏ କପୋତର କୌଣସି ପିତ୍ତ ନ ଥାଏ, ଏହା ପକ୍ଷୀ ପରିବାରରେ କେବଳ ମାତ୍ର ପକ୍ଷୀ ଅଟେ ଯାହାର ଏକ ପିତ୍ତ ନାହିଁ । ସେହି କାରଣରୁ ଆପଣ ଅନ୍ୟ କୌଣସି ସ୍ଥାନରେ କପୋତକୁ ଦେଖନ୍ତି ନାହିଁ ମାତ୍ର ଯେଉଁଠାରେ କି ଶସ୍ୟ ଏବଂ ବିହନ ରହିଥାଏ । ବର୍ତ୍ତମାନ, ସେହି…

25 ଜାହାଜ ମଧ୍ୟରେ, ଗୋଟିଏ କପୋତ ଥିଲା । ଆଉ କପୋତ ବାଇବଲର ଅନେକ ସ୍ଥାନରେ ପ୍ରଦର୍ଶିତ କରାଯାଇଛି । ଏହା ପବିତ୍ରଆତ୍ମାଙ୍କର ପ୍ରତୀକ ଅଟେ । ପୁଣି ମେଷଶାବକ ମଧ୍ୟ ବାଇବଲର ଅନେକ ସ୍ଥାନରେ ପ୍ରଦର୍ଶିତ ହୋଇଅଛନ୍ତି, ଯେପରିକି ଖ୍ରୀଷ୍ଟ, ପ୍ରକାଶିତ ବାକ୍ୟ ପୁସ୍ତକରେ, ଆଦିପୁସ୍ତକରୁ ନେଇ ସମସ୍ତ ପର୍ଯ୍ୟନ୍ତ, ଏବଂ ଠିକ୍ ସେହିପରି କପୋତ ମଧ୍ୟ ଅଟେ ।

26 ଆଉ ଆଦିପୁସ୍ତକରେ, ସେହି ଜାହାଜରେ କପୋତଟିଏ ଥିଲା, ସେହି ବସା ଉପରେ ଆକାଶର ଅନ୍ୟାନ୍ୟ ପକ୍ଷୀମାନଙ୍କ ସହିତ—ସହିତରେ ବସିଥିଲା; ଆଉ ସେମାନଙ୍କ ମଧ୍ୟରୁ ଜଣେ ଡାମରା କାଉ ଥିଲା, ଗୋଟିଏ କାଉ ଥିଲା । ପୁଣି ଗୋଟିଏ କାଉ ସେଠାରେ ଥିବା ପକ୍ଷୀମାନଙ୍କ ମଧ୍ୟରୁ ସବୁଠୁ ନିକୃଷ୍ଟ ପକ୍ଷୀ ଅଟେ, ଗୋଟିଏ କାଉ ଏବଂ ଗୋଟିଏ ଜେବର୍ଡ ପ୍ରଜାତିର ପକ୍ଷୀ, ମୁଁ ଅନୁମାନ କରେ, ଯେ ସବୁଠୁ ନିମ୍ନ ଧରଣର ପକ୍ଷୀମାନ ଅଟନ୍ତି ଯାହା ଆମେମାନେ ପାଇପାରିବା । କାଉ ଏକ ଦୀର୍ଘ-ଜୀବନ ବିଶିଷ୍ଟ ପକ୍ଷୀ ଅଟେ, ଆଉ ସେ ବଞ୍ଚେ (ସେମାନେ ଦାବି କରନ୍ତି) ପ୍ରାୟଃ, ଦୁଇ କିମ୍ବା ତିନି ଶହ ବର୍ଷ, ପାଇଁ, ଯେ ଗୋଟିଏ କାଉ… ଗୋଟିଏ ଶୁଆ ତାହାଠାରୁ ଅଧିକ ସମୟ ବଞ୍ଚେ ।

27 ମାତ୍ର ଗୋଟିଏ କପୋତ ଏପରି ଏକ ପଶୁ କିମ୍ବା ଏପରି ଏକ ପକ୍ଷୀ ଅଟେ ଯାହାର କୌଣସି ପିତ୍ତ ନ ଥାଏ । ତେବେ, ସେହି କାଉ ଏଠାରେ ବସି ଏକ ମୃତ ଶବ ଉପରେ ଭୋଜନ କରିପାରେ । ଆପଣ କେବେ ବି ସେହି କପୋତକୁ ସେହି ମୃତ ଶବର ଆଖପାଖରେ ଦେଖିବେ ନାହିଁ । ସେ ତାହାକୁ ସହିପାରେ ନାହିଁ । ତାହାର ନାକରେ ଏହାର ଦୁର୍ଗନ୍ଧ, ସେ ତାହାକୁ ସହିପାରେ ନାହିଁ । ଏହା ତାହାକୁ ଅସୁସ୍ଥ କରିଦେବ । ସେମାନେ ତ ସେପରି କୌଣସି ବିଷୟକୁ ସହି ପାରନ୍ତି ନାହିଁ ଯାହାକି ବିକୃତ, ପଚି ଶଢ଼ି ଯାଇଥାଏ । ସେମାନେ ତାହା ସହି ପାରନ୍ତି ନାହିଁ, ତେଣୁ ସେ ଏହାକୁ ଖାଇପାରନ୍ତି ନାହିଁ । ଯଦି ସେ ଏହାକୁ ଖାଇବ, ତାହାହେଲେ ଏହା ତୁରନ୍ତ ହିଁ ସେହି କପୋତକୁ ମାରିଦେବ, କାରଣ ଖାଦ୍ୟକୁ ଯାହା ହଜମ କରେ ତାହା ହେଲା ସେହି ଜଳୀୟ ଦ୍ରବ୍ୟ ଯାହା ପିତ୍ତରୁ ବାହାରି ପାକସ୍ଥଳୀକୁ ଯାଏ ଯାହାକି ଖାଦ୍ୟକୁ ହଜମ କରିଥାଏ । ଆଉ ଯଦି ଏହାକୁ ପ୍ରସ୍ତୁତ କରିବା ପାଇଁ ସେଠାରେ ଯିବା ହେତୁ କୌଣସି ପିତ୍ତ ନ ଥାଏ, ତେବେ ଏହା ସେହି କପୋତକୁ ମାରି ପକାଇବ । ଏଣୁ ଆପଣମାନେ ସଦାସର୍ବଦା କପୋତକୁ ଏପରି ସ୍ଥାନର ଚାରିଆଡ଼େ ପାଇବେ ଯେଉଁଠାରେକି କିଛି ପରିଷ୍କାର, କିଛି ଗୋଟାଏ ଭଲ ବିଷୟ ଥାଏ ।

28 ତେବେ, କାଉ କିନ୍ତୁ ଭିନ୍ନ ଅଟେ । ତେବେ, କାଉକୁ କେବଳ ମାତ୍ର ଏକ କପଟୀର ପ୍ରତିରୂପରେ ହୋଇଥିବା ପରି ଲକ୍ଷ୍ୟ କରନ୍ତୁ । କାଉ ସେଠାରେ ଉପରେ ସେହି—ସେହି ମୃତ ଶବ ଉପରେ ବସିପାରେ ଏବଂ ସେ ଯେତିକି ଚାହେଁ ସେତିକି ଖାଇପାରେ, ଏବଂ ଠିକ୍ ସେହି ଶସ୍ୟ କ୍ଷେତ୍ର ମଧ୍ୟକୁ ଉଡ଼ି ଯାଇପାରେ ଏବଂ ଗହମ ମଧ୍ୟ, ଖାଇପାରେ । ମାତ୍ର କପୋତ ଗହମ ଖାଇ ପୁଣି ତା' ପରେ ମୃତ ଶବ ଉପରକୁ ଉଡ଼ିପାରେ ନାହିଁ ।

29 ଏଣୁ, ଜଣେ କପଟୀ, ଜଣେ ମନୁଷ୍ୟ କପଟୀ ହୋଇପାରେ ଏବଂ ଉଭୟ ଆତ୍ମିକ ବିଷୟମାନ, ଆଉ ଭଲ ବିଷୟ ଏବଂ ମନ୍ଦ ବିଷୟମାନ ଖାଇପାରେ । ମାତ୍ର ଜଣେ ପ୍ରକୃତ ନୂତନ-ଜନ୍ମ ପାଇଥିବା ଖ୍ରୀଷ୍ଟିଆନ ଭୁଲ୍ ବିଷୟଗୁଡ଼ିକୁ ସହ୍ୟ କରିପାରେ ନାହିଁ, ଆଉ କେବଳ ଭଲ ବିଷୟରୁ ହିଁ ଖାଇପାରେ । ତାହା ଧ୍ୟାନ ଦିଅନ୍ତୁ! ଯେତେବେଳେ ଆପଣ ଜଣେ ଏପରି ବ୍ୟକ୍ତିଙ୍କୁ ଦେଖନ୍ତି ଯିଏକି ନୃତ୍ୟକୁ ଯାଇପାରେ, ବାହାରକୁ ଯାଇ ମଦ୍ୟପାନ କରିପାରେ, ବାହାରକୁ ଯାଇ ପାପରେ ଜୀବନ ବ୍ୟତିତ କରିପାରେ, ପୁଣି ମଣ୍ଡଳୀକୁ ଫେରି ଆସେ ଏବଂ

ହୋଇପାରେ ଜଣେ ସାଧୁଙ୍କ ପରି ଚିତ୍କାର କରେ, ତାହା କ'ଣ ଅଟେ? ସେ ତ ମୃତ ବିଷୟ ଉପରେ ପରିପୋଷିତ ହେଉଥିବା ଜଣେ ବ୍ୟକ୍ତି ଅଟେ, ସେ ଉଭୟ ପଚା ଶଢ଼ା ବିଷୟ ଏବଂ ଭଲ ବିଷୟମାନ ଖାଇପାରେ । ମାତ୍ର ସେହି ପ୍ରକୃତ ଖ୍ରୀଷ୍ଟିଆନ ଆଉ ଅଧିକ ସେହି ବିଷୟସବୁକୁ ସହ୍ୟ କରିପାରେ ନାହିଁ, କାରଣ ସେ ମୃତ୍ୟୁକୁ ଅତିକ୍ରମ କରି ଜୀବନ ମଧ୍ୟକୁ ପ୍ରବେଶ କରିଯାଇଛି । ଆଉ ତତ୍‌କ୍ଷଣାତ୍ ହିଁ ଏହା ତା'କୁ ନିନ୍ଦା କରିବ, ତାହାର ଚିନ୍ତା ବିଚାର ସୁଦ୍ଧା, ଏହା ତା'କୁ ସେପର୍ଯ୍ୟନ୍ତ ନିନ୍ଦା କରିବ ଯେପର୍ଯ୍ୟନ୍ତକି ସେ ତା'ର ମୁହଁକୁ ବୁଲାଇଦେବ ଓ ସେଠାରୁ ଚାଲିଯିବ । ଓଃ, କି ଦୃଶ୍ୟ ଅଟେ!

30 ତେବେ, ମେଷଶାବକ ଏକ ଅତି ନିରୀହ ପ୍ରାଣୀ ଅଟେ । ସେ କରେ ନାହିଁ, ସେ ତା'ର ନିଜର ସାହାଯ୍ୟ କରିପାରେ ନାହିଁ । ସେ ଆତ୍ମ-ନିର୍ଭରଶୀଳ ନୁହେଁ, କାରଣ ସେ ତା'ର ନିଜର ସାହାଯ୍ୟ କରିପାରେ ନାହିଁ । ଏଠାରେ କିଛି ସମୟ ପୂର୍ବରୁ ମୁଁ ଏକ ଚରାଭୂମି ଦେଇ ଯାଉଥିଲି ଯେତେବେଳେ ମୁଁ ପାଟ୍ରୋଲିଂ କାର୍ଯ୍ୟ କରୁଥିଲି, ଆଉ ମୁଁ ଗୋଟିଏ ଛୋଟ ମେଷଶାବକକୁ ପାଇଲି, ଏବଂ ସେମାନେ ସମସ୍ତେ କୌଣସି ପ୍ରକାରେ ତାହାଠାରୁ ଦୂରକୁ ଚାଲି ଯାଇଥିଲେ, ଆଉ ସେ ଗୋଟିଏ ଛୋଟ କଣ୍ଟା ତାରବାଡ଼ରେ ଗୁଡ଼ାଇ ହୋଇ ରହିଥିଲା । ଆଉ ସେହି ଛୋଟ ବେଚାରା ପ୍ରାଣୀଟି ସେଠାରେ ପଡ଼ି ରହିଥିଲା, ରକ୍ତ ବହୁଥିଲା ଓ ବୋବାଉଥିଲା । ଆଉ ମୁଁ ଆସିଲି ଏବଂ ଦେଖିଲି ଯେ ଉପର ଆଡ଼କୁ, ପ୍ରାୟଃ ଅଧା ମାଇଲ ଉପରକୁ, ମେଣ୍ଢାମାନଙ୍କର ଗୋଟିଏ ପୂରା ସମୂହ ଥିଲା । ତେବେ, ସେ ସେଠାରେ ପଡ଼ି ରହିଥା'ନ୍ତା ଆଉ କାଉମାନେ ଖୁବ୍ ଶୀଘ୍ର ତା'ର ଆଖିକୁ ଖୁମ୍ପି ପକାଇଥା'ନ୍ତେ ଯଦି ଆମେ ତା'କୁ ବାହାର କରି ନ ଥା'ନ୍ତୁ । ମାତ୍ର ମୁଁ ସେହି ଛୋଟ ଜୀବକୁ ବାହାର କଲି, ତା'କୁ ମୋ' କୋଳରେ ଉଠାଇଲି । ସେ କଦାପି ମନା କଲା ନାହିଁ । ସେ ତ ପ୍ରକୃତରେ ଚୁପ୍ ଚାପ୍ ପଡ଼ି ରହିଥିଲା । ମୁଁ ତା'କୁ ମୋ' କୋଳରେ ଉଠାଇ ନେଲି । ପ୍ରଥମ—ପ୍ରଥମ ଥର ପାଇଁ, ବୋଧହୁଏ, ଜଣେ ମଣିଷ ତା' ଉପରେ ନିଜର ହାତ ରଖିଥିଲା, ମାତ୍ର ସେ ନମ୍ର ଥିଲା । ସେ ନେତୃତ୍ୱ କରାଯିବାକୁ ଇଚ୍ଛୁକ ଥିଲା । ସେ ସାହାଯ୍ୟ କରାଯିବାକୁ ପ୍ରସ୍ତୁତ ଥିଲା । ମୁଁ ଆଶା କରେ ଆପଣ ତାହା ଦେଖନ୍ତି । ସେ ପ୍ରତିରୋଧ କରିବାକୁ କିମ୍ୱା ପଛକୁ ଲାତ ମାରିବାକୁ, କିମ୍ୱା କାମୁଡ଼ିବାକୁ ସୁଦ୍ଧା ଚେଷ୍ଟା ନ କରିବାକୁ ଇଚ୍ଛୁକ ଥିଲା । ମେଷଶାବକମାନେ ପଛକୁ ଲାତ ମାରନ୍ତି ନାହିଁ, ସେମାନେ କାମୁଡ଼ନ୍ତି ନାହିଁ; ସେମାନେ କେବଳ ନିଜକୁ ନମ୍ର କରନ୍ତି । ଆଉ ଏହି ଛୋଟ ପ୍ରାଣୀଟି, ମୁଁ ତା'ର ଦେଖାଶୁଣା କଲି ଓ ତା'କୁ ବାକି ମେଣ୍ଢାମାନଙ୍କ ସହିତରେ ରଖିଦେଲି । କିଛି ମିନିଟ୍ ଭିତରେ ତା'ର ମାଆ ତା'କୁ ଖୋଜି ପାଇଲା, ସେ କେତେ ଖୁସି ଥିଲା! ତେବେ, ତାହା ପରମେଶ୍ୱରଙ୍କ ମେଷଶାବକର କି ଏକ ପ୍ରତିଚିତ୍ରଣ ଅଟେ!

31 ଆପଣ ଜାଣନ୍ତି, ସେମାନେ ଯେଉଁ ସ୍ଥାନକୁ ମେଣ୍ଢାକୁ ବଧ କରିବା ପାଇଁ ଯାଆନ୍ତି, କ'ଣ ଆପଣ ଜାଣନ୍ତି ଯେ ମେଣ୍ଢାକୁ ସେହି ବଧ କରାଯିବାର ସ୍ଥାନ ପର୍ଯ୍ୟନ୍ତ କିଏ କଢ଼େଇକି ନେଇଯାଏ, ତାହା ଏକ ଛେଳି ଅଟେ । ମାତ୍ର ସେହି ଛେଳି ସେହି ମେଣ୍ଢାକୁ ଠିକ୍ ସେହି ବଧଗୃହରେ ସେହି ଢାଲୁ ସ୍ଥାନ ପର୍ଯ୍ୟନ୍ତ ନେଇ ଛିଡ଼ା କରାଇବ, ଏବଂ, ତା'ପରେ

ଯେତେବେଳେ ସେ ମେଣ୍ଢାଟିକୁ ସେହି ଢାଲୁ ସ୍ଥାନ ପର୍ଯ୍ୟନ୍ତ ନେଇ ଆସେ, ସେତେବେଳେ ସେ ସେଠାରୁ ଡେଇଁପଡ଼ିବ । ମାତ୍ର, ଓଃ, ସେମାନେ କୁହନ୍ତି, ଯେତେବେଳେ ସେମାନେ ଛେଳିକୁ ବଧ କରିବାକୁ ଯାଉଥା'ନ୍ତି, ସେତେବେଳେ ସେ ଏକ ଝଡ଼ ସୃଷ୍ଟି କରିଥାଏ । ଦେଖନ୍ତୁ?

32 ଆଉ ଠିକ୍ ସେହିଭଳି ସେହି ଶୟତାନ କରିବ । ସେ ପରମେଶ୍ୱରଙ୍କ ସନ୍ତାନମାନଙ୍କୁ ଅତି ନିମ୍ନସ୍ତରକୁ କଢ଼ାଇ ନେବାକୁ ଚେଷ୍ଟା କରିବ, ମାତ୍ର ଯେତେବେଳେ ତା'ର ମୃତ୍ୟୁର ସମୟ ଆସେ, ସେତେବେଳେ ସେ ପ୍ରକୃତରେ ଏକ ଝଡ଼ ସୃଷ୍ଟି କରେ । ଠିକ୍ ସେହିପରି ଭାବରେ ଶୟତାନ ତାହା କରିଥାଏ । ଏବଂ ଠିକ୍ ସେହିପରି ଭାବରେ କେତେକ ସମୟରେ, କୌଣସି ଛୋଟ ସୁନ୍ଦର-ଦିଶୁଥିବା ଝିଅଟିଏ କିମ୍ବା କୌଣସି ଛୋଟ ଦୁଷ୍ଟ ବାଳକଟିଏ, ସିଗାରେଟ୍ ପ୍ୟାକ୍ ସହିତ କିମ୍ବା ଏକ ମଦ ବୋତଲ ସହିତ, ଗୋଟିଏ ଛୋଟ ଝିଅକୁ କଢ଼େଇ ନେଇଯାଏ, କୌଣସି ଏକ ପଲରୁ ଗୋଟିଏ ମେଷଶାବକକୁ, ଏକ ଭୁଲ୍ ବାଟକୁ ନେଇଯାଏ । "ଓଃ, ଏହାସବୁ ଠିକ୍ ଅଟେ । ମଣ୍ଡଳୀ ବିଷୟରେ ସେହି ସମସ୍ତ ଶୁଭ-ଶୁଭ ବିଷୟ ବୋଲି ସେପରି କିଛି ନାହିଁ ।" ମାତ୍ର ଥରେ ସେହି ବୟସ୍କ ବାଳକକୁ ମୃତ୍ୟୁକୁ ଆଘାତ କରିବାକୁ ଦିଅନ୍ତୁ, ଆପଣ ତା'କୁ ରଡ଼ି ଛାଡୁଥିବାର, ପୁଣି ସମଗ୍ର ଦେଶରେ ଚିତ୍କାର କରୁଥିବାର ଶୁଣନ୍ତି । ଆଉ ଶୟତାନ ଠିକ୍ ସେହିପରି ଭାବରେ ହିଁ ତାହା କରିଥାଏ ।

33 ମାତ୍ର ଗୋଟିଏ ମେଷଶାବକ ଏତେ ନମ୍ର ଅଟେ, ଯେ ତାହାକୁ ମାର୍ଗଦର୍ଶନ କରା ଯାଇପାରେ । ଏବଂ ତାହାହିଁ କାରଣ ଅଟେ ଯେ ପରମେଶ୍ୱର ଖ୍ରୀଷ୍ଟଙ୍କୁ ମେଷଶାବକ ଭାବରେ ପ୍ରଦର୍ଶିତ କଲେ, ଏବଂ ନିଜକୁ କପୋତ ଭାବରେ ପ୍ରଦର୍ଶିତ କଲେ । ଏବଂ ସେହି ଦିନରେ ଯେତେବେଳେକି ଯୋହନ ଯୀଶୁଙ୍କୁ ଯର୍ଦ୍ଦନ ନଦୀରେ ବାପ୍ତିସ୍ମ ଦେଇଥିଲେ, ସର୍ବଶ୍ରେଷ୍ଠ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ଯାହାକି କେବେ ଘଟିତ ହୋଇଥିଲା, ତାହା ଠିକ୍ ସେଠାରେ ଘଟିଥିଲା । ଧ୍ୟାନ ଦିଅନ୍ତୁ କେତେ ସୁନ୍ଦର ଥିଲା! ସେହି ମେଷଶାବକ, ପୃଥିବୀର ସମସ୍ତ ପ୍ରାଣୀମାନଙ୍କ ମଧ୍ୟରୁ ସବୁଠୁ ନମ୍ର, ଏବଂ ସେହି କପୋତ, ଆକାଶର ସମସ୍ତ ପକ୍ଷୀମାନଙ୍କ ମଧ୍ୟରୁ ସବୁଠୁ ନମ୍ର । ତେବେ, ତାହାହିଁ ଏକମାତ୍ର ଉପାୟ ଥିଲା ଯେ ସେମାନେ କେବେ ଏକ ହୋଇ ପାରିଥା'ନ୍ତେ । ଏହାହିଁ ଥିଲା ସେହି ଏକମାତ୍ର ଉପାୟ ଯେ କପୋତ କେବେ ମେଷଶାବକ ଉପରକୁ ଆସିଥା'ନ୍ତା । ତେବେ, ଯେତେବେଳେ କପୋତ ତଳକୁ ଆସିଲେ, ଯୋହନ ଯୀଶୁଙ୍କୁ ଦେଖିଲେ, ଏବଂ ସେ କହିଲେ, "ଏହି ଦେଖ, ପରମେଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହିନେଇଯାଆନ୍ତି ।" ଆଉ ଯୋହନ କହିଲେ, "ମୁଁ ସାକ୍ଷ୍ୟ ଦେଉଅଛି, ପରମେଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଆକାଶରୁ ଅବତରଣ କରୁଥିବାର, ଏବଂ ତାହାଙ୍କ ଉପରେ ଅବସ୍ଥାନ କରୁଥିବାର ଦେଖିଅଛି ।" ହାଲ୍ଲେଲୁୟା! ଆପଣ ସେଠାରେ ଅଛନ୍ତି । ସେହି କପୋତ ଏବଂ ସେହି ମେଷଶାବକ ଏକୀକୃତ ହେଲେ । ତାହା ସେତେବେଳେ ହିଁ ଥିଲା ଯେ ପରମେଶ୍ୱର ଏବଂ ମନୁଷ୍ୟ ଏକ ହେଲେ । ସେତେବେଳେ ହିଁ ଅଟେ ଯେ ସ୍ୱର୍ଗ ଏବଂ ପୃଥିବୀ ପରସ୍ପରକୁ ଆଲିଙ୍ଗନ କଲେ । ହାଲ୍ଲେଲୁୟା! ସେତେବେଳେ ହିଁ ଅଟେ ଯେ ପରମେଶ୍ୱର ଦେହବନ୍ତ ହେଲେ, ତାହାକୁ ଆଣିଲେ, ସେତେବେଳେ ହିଁ ଅଟେ ଯେ ପରମେଶ୍ୱର ସେହି

ଆତ୍ମା ରୂପରୁ ଓହ୍ଲାଇ ଆସିଲେ ଏବଂ ସେ ମନୁଷ୍ୟରୂପ ହେଲେ ଓ ଆମମାନଙ୍କ ମଧ୍ୟରେ ବାସ କଲେ। ସେତେବେଳେ ହିଁ ଅଟେ ଯେ ସମସ୍ତ ଅନନ୍ତତା ପରସ୍ପରକୁ ଆଲିଙ୍ଗନ କଲା। ସେହି ସମୟ ହିଁ ଥିଲା ଯେ ଯେତେବେଳେ ଆଦମଙ୍କ ଲୋକମାନଙ୍କର ପତିତ ମାନବ ଜାତି ଏବଂ ଯିହୋବାଃ ପରମେଶ୍ୱର ଓ ପ୍ରତ୍ୟେକ ଦୂତ ଏକତ୍ର ଆସିଲେ, ଯେତେବେଳେ ପରମେଶ୍ୱର ଏବଂ ମନୁଷ୍ୟ ଏକ କରାଗଲେ, ସେହି ମହାନ ସ୍ମୃତି ଦିବସରେ ଯେତେବେଳେ ଯୋହନ ଯୀଶୁଙ୍କୁ ବାପ୍ତିସ୍ମ ଦେଇଥିଲେ।

ତେବେ, କ'ଣ ହୋଇଥା'ନ୍ତା ଯଦି ସେମାନେ ଏକ ବିଲୁଆ ହୋଇଥା'ନ୍ତେ? କପୋତର ସେହି ମଧୁର ଡାକ କେବେହେଲେ ସେହି ବିଲୁଆ ସହ୍ୟ କରି ପାରି ନ ଥା'ନ୍ତା।

34 ଅନତି ଏକ ବିଳମ୍ବ ସନ୍ଧ୍ୟାର ସମୟରେ ସେହି ପୁରୁଣା ଘୁଘୁ ପକ୍ଷୀମାନଙ୍କୁ ସେଠାରେ ବସିଥାଇ କିଛି ସମୟ ଡାକ ଦେଉଥିବାର ଶୁଣିବାଠାରୁ ଅଧିକ ସୁନ୍ଦର କ'ଣ ବିଷୟ ଅଟେ? ମୁଁ ମୋ'ର ପତ୍ନୀ ଏବଂ ଶିଶୁକୁ ହରାଇବା ପରେ...ମୁଁ କ'ଣ କରୁଛି ତାହା କାହାରିକୁ ଜାଣିବାକୁ ଦେଇ ନ ଥାଏ। ମୁଁ ମୋ'ର ପୁରୁଣା କାରରେ ବସି ଯାଏ, ମୁଁ ଏଠାରେ ରାସ୍ତାରେ ଗାଡ଼ି ଚଲାଇଥାଏ, ଏଠାରେ ୱାଲନଟ୍ ରିଜ୍ କବରଖାନାକୁ ଯାଇଥାଏ, ସେଠାରେ ଏକ ଗଛ କଡ଼ରେ ବସିଯାଏ ଓ କବର ଆଡ଼କୁ ଅନାଇଥାଏ। ମୁଁ ସେମାନଙ୍କୁ ଛାଡ଼ି ହିଁ ପାରେ ନାହିଁ। ଏପରି ଲାଗେ ଯେ ମୁଁ ଆଉ ଏହାକୁ ସହିପାରିବି ନାହିଁ। ମୁଁ ଭାବିଥାଏ, ଆଠ ମାସର, ମୋ'ର ସାନ ଶିଶୁଟି, ସେଠାରେ ଶୋଇଅଛି। ସେ କିପରି ତା'ର ଛୋଟ ଛୋଟ ହାତଗୁଡ଼ିକୁ ଧରିଥାଏ ଓ ମୋ' ପାଖକୁ ପହଞ୍ଚିଥାଏ, ଏବଂ ମୁଁ ପେଂକାଳି ବଜାଇଥାଏ କିମ୍ବା ତା'କୁ କିଛି କହିଥାଏ, ଆଉ ସେ "ଗୁ-ଗୁ," କରି ତା'ର ଛୋଟ ହାତଗୁଡ଼ିକୁ ବିସ୍ତାରିତ କରିଥାଏ। ଆଉ ମୁଁ ଏକ ଗଛ କଡ଼ରେ ବସି ରହିଥାଏ, ବିଶେଷତଃ ଯେତେବେଳେ ତାହା ସନ୍ଧ୍ୟା ସମୟ ହୋଇଥାଏ। ଏବଂ ସେଠାରେ ଏକ ପୁରୁଣା କପୋତଟିଏ ଥିଲା ଯାହାକି ସେଠାରେ ବୁଦା ଭିତରେ ବସିଥାଏ, ସେ ଡାକ ଦେବା ଆରମ୍ଭ କରିଥାଏ। ଓଃ, ମୋ'ର ପ୍ରଭୁ! ମୁଁ ଥରେ ଭାବିଲି ଯେ ତାହା କାଳେ ମୋ' ଶିଶୁର ଅମର ପ୍ରାଣଟି ମୋ' ସହିତ କଥା ହେବା ପାଇଁ ଚେଷ୍ଟା କରିବାକୁ ଫେରି ଆସୁଛି କି? କପୋତର ସେହି ଡାକ ଦେଉଥିବା ବିଷୟକୁ ଶୁଣିବାଠାରୁ ଅଧିକ ମଧୁର ଆଉ କିଛି ନୁହେଁ। ସେ କେତେ ପ୍ରେମିକ ଅଟେ! ସେ ସମ୍ବାଦ ଆଣିଥାଏ। ସେ କିପରି ଶାନ୍ତି ସ୍ଥାପନ କରିବାକୁ ଚେଷ୍ଟା କରେ! ଏକ ସକାଳେ ଶୀଘ୍ର ଉଠିଯିବା, ସେଠାରେ ସେହି ବଣକୁ ଯିବା ଯେଉଁଠାରେ ପାଖରେ ମୁଁ ରହେ, ତାହାକୁ ଶୁଣିବା କେତେ ଶାନ୍ତିପୂର୍ଣ୍ଣ ବିଷୟ ଅଟେ! ସେହି ମହାନ ଉଚ୍ଚ ଗଛମାନଙ୍କ ଉପରେ ବସି, ସେହି କପୋତଗୁଡ଼ିକ ପରସ୍ପରକୁ ଡାକ ଦେଉଥା'ନ୍ତି।

35 ଅନ୍ୟ ଏକ ଦିନ, ଭାଇ କକ୍ସଙ୍କଠାରେ, ଗୋଟିଏ ବୃଦ୍ଧ ମାଆ କପୋତର ଦୁଇଟି ଛୋଟ ଛୁଆମାନ ଥିଲା। ଆଉ ସେମାନେ ସେହି ଭବନର ଠିକ୍ ଉପର ଭାଗରେ ବସିଥିଲେ, ଯେପରିକି ବିଲେଇମାନେ ସେମାନଙ୍କୁ ଧରି ନ ପାରନ୍ତି। ଆଉ ସେହି ବୃଦ୍ଧ ମାଆ କପୋତଟି ସେମାନଙ୍କୁ ଖୁଆଇ ଦେଉଥିଲା। ତା'ପରେ ସେ ତଳକୁ ଓହ୍ଲାଇ ଆସି ସେମାନଙ୍କୁ ଆଣୁଥିଲା ଓ ସେମାନଙ୍କୁ ଗଛ ଉପରକୁ ଉଠିବା ପାଇଁ ସାହାଯ୍ୟ କରୁଥିଲା, ଆଉ ସେମାନେ ସେଠାରେ

ଜଣେ ଅନ୍ୟର ଚାରିପାଖରେ ନିଜର ବେକକୁ ରଖି ବସିଥିଲେ, ଏବଂ ଦିନସାରା, ଡାକ ଦେଉଥିଲେ ଓ ପ୍ରେମ କରୁଥିଲେ, ଦୁଇଟି ଛୋଟ ଛୋଟ, ନିରୀହ ଶିଶୁ କପୋତମାନେ।

36 ଆଉ ମୁଁ ଚିନ୍ତା କଲି ଯେ ପରମେଶ୍ଵର କିପରି, (କପୋତଟି ଏତେ ଏକ ସ୍ନେହୀ ପକ୍ଷୀ) ଏବଂ ସେହି କପୋତ, ପରମେଶ୍ଵର, ତାହାଙ୍କର ମଣିଷମାନଙ୍କ ସହିତ ପ୍ରେମ କରିବାକୁ ଚାହୁଁଛନ୍ତି। ପରମେଶ୍ଵର ପ୍ରେମ କରାଯିବାକୁ ଚାହୁଁଛନ୍ତି। ପରମେଶ୍ଵର ଆପଣଙ୍କୁ ପ୍ରେମ କରିବାକୁ ଚାହୁଁଛନ୍ତି। "ପରମେଶ୍ଵର ଜଗତକୁ ଏତେ ପ୍ରେମ କଲେ, ଯେ ସେ ତାହାଙ୍କର ଅଦ୍ଵିତୀୟ ପୁତ୍ରଙ୍କୁ ଦାନ କଲେ, ଯେ ତାହାଙ୍କଠାରେ ଯେକେହି ବିଶ୍ଵାସ କରେ ସେ ବିନଷ୍ଟ ନ ହୁଏ, ବରଂ ଅନନ୍ତ ଜୀବନ ପ୍ରାପ୍ତ ହୁଏ।" ପ୍ରଭୁ ଧନ୍ୟ ହେଉନ୍ତୁ! ତେବେ ପରମେଶ୍ଵର, ପ୍ରେମ କରିବାକୁ ଚାହିଁ, ତାହାଙ୍କୁ କିଛି କରିବାକୁ ପଡ଼ିଥିଲା...କିଛି ଗୋଟାଏ ପ୍ରେମିକ ବିଷୟ ନିର୍ମାଣ କରିବାକୁ ପଡ଼ିଥିଲା। ତାହାଙ୍କୁ ନିଜ ଭଳି କିଛି ଗୋଟାଏ ନମ୍ର ବିଷୟ ନିର୍ମାଣ କରିବାକୁ ପଡ଼ିଥିଲା। ତାହାଙ୍କୁ ଏପରି କିଛି ବିଷୟ ନିର୍ମାଣ କରିବାକୁ ପଡ଼ିଥିଲା ଯାହାକି ପ୍ରେମ କରାଯାଇ ପାରିବ। ତାହାଙ୍କୁ ନିଜର ସ୍ଵଭାବ ପରି କିଛି ଗୋଟାଏ ନିର୍ମାଣ କରିବାକୁ ପଡ଼ିଥିଲା।

37 ଆପଣ ଏପରି କିଛି ବିଷୟକୁ ପ୍ରେମ କରିପାରନ୍ତି ନାହିଁ ଯାହାକି ଆପଣଙ୍କର ନିଜର ସ୍ଵଭାବର ନୁହେଁ। ପ୍ରେମକୁ ତ ପ୍ରେମ ସହିତ ହିଁ ଏକ ହେବାକୁ ଅଛି। ଜଣେ ସ୍ଵାମୀ ଏବଂ ସ୍ତ୍ରୀକୁ ପରସ୍ପର ପ୍ରେମ କରିବାକୁ ଅଛି, ଯଦି ସେମାନେ କେବେ ସେହି ସ୍ତରକୁ ପ୍ରାପ୍ତ ହୁଅନ୍ତି। ପରିବାରକୁ ପରସ୍ପର ପ୍ରେମ କରିବାକୁ ଅଛି, ଯଦି ସେମାନେ କେବେ ସେହି ସ୍ତରକୁ ପ୍ରାପ୍ତ କରନ୍ତି। କିଛି ଗୋଟାଏ ବିଷୟ ଯାହାକି ପ୍ରେମ କରାଯାଏ! ଆପଣ ସବୁଆଡ଼େ ଖୋଜନ୍ତି, ନିଜର ସ୍ତ୍ରୀ କରିବା ପାଇଁ ଏପରି ଏକ ଝିଅକୁ ଖୋଜନ୍ତି ଯାହାକୁ ଆପଣ ପ୍ରେମ କରନ୍ତି। ସେହି ଝିଅ ଖୋଜିଥାଏ, ଏପରି ଏକ ସ୍ଵାମୀକୁ ଯାହାକୁ ସେ ପ୍ରେମ କରିପାରେ।

38 ପରମେଶ୍ଵର ଖୋଜନ୍ତି, ଏପରି ଏକ ପ୍ରାଣକୁ ଖୋଜିବା ପାଇଁ ଚେଷ୍ଟା କରନ୍ତି ଯାହାକୁ ସେ ପ୍ରେମ କରିପାରିବେ। ଏଣୁ, ସେ ଆପଣାକୁ ଏଠାରେ ପୃଥିବୀରେ ଏକ ନିରୀହ କପୋତ ଏବଂ ନିରୀହ ମେଷଶାବକ ଭାବରେ ପ୍ରଦର୍ଶିତ କଲେ। ଯଦି ସେହି ମେଷଶାବକ କେବେ ଗୋଟିଏ ମିନିଟ୍ ପାଇଁ ଏକ ହୁଙ୍କାର କରୁଥିବା ବିଲୁଆର ସ୍ଵଭାବକୁ ଗ୍ରହଣ କରି ନେଇଥା'ନ୍ତା, ସେହି କପୋତ ତୁରନ୍ତ ତା'ର ଉଡ଼ାଣକୁ ନେଇ ଯାଇଥା'ନ୍ତା, ସେ ଚାଲି ଯାଇଥା'ନ୍ତା।

39 ମାତ୍ର ସେହି—ସେହି—ସେହି ମେଷଶାବକ, ତାହାର ନିଜର କୌଣସି ବିରାଟ ବଡ଼ ମନ ନାହିଁ। ଗୋଟିଏ ମେଷଶାବକ ଏପରି ଏକ ପ୍ରାଣୀ ଅଟେ, ଯେତେବେଳେ ତାହା ହଜିଯାଏ, ତାହା ଆଶାବିହୀନ ଭାବେ ହଜିଯାଏ। ଗୋଟିଏ ମେଣ୍ଢା ତା'ର ଫେରିବା ବାଟ ଖୋଜି ପାଇପାରେ ନାହିଁ। ସେହି କାରଣରୁ ହିଁ ଛେଳି ତାହାକୁ ତା'ର ମୃତ୍ୟୁ ନିକଟକୁ ନେଇ ଯାଇଥାଏ। ଏହା ତା'ର ବାଟ ଖୋଜି ପାଇପାରେ ନାହିଁ, ଗୋଟିଏ ମେଣ୍ଢା ଯାହାକି ହଜି ଯାଇଥାଏ। ସେହି କାରଣରୁ ପରମେଶ୍ଵର ଆମମାନଙ୍କୁ ମେଣ୍ଢା ସହିତ ତୁଳନା କଲେ। ଯେତେବେଳେ ଆମେ ହଜିଯାଉ, ଆମେମାନେ ହଜି ଯାଇଥାଉ। କୌଣସି ଉପାୟ ନାହିଁ ଯେ ଆମେ ନିଜକୁ ଖୋଜି ପାଇପାରୁ। ଏବଂ ତାହା କରିବାର କେବଳ ଗୋଟିଏ ମାତ୍ର ଉପାୟ ଅଛି, ତାହା ହେଲା,

ମେଷପଲର ପାଳକଙ୍କ ନିକଟରେ ନିଜକୁ ସମର୍ପଣ କରିଦେବା, ଆଉ ସେ ମାର୍ଗଦର୍ଶନ କରନ୍ତି ।

40 ତେବେ, ଯେତେବେଳେ ମୁଁ ଏହି ମେଷଶାବକ ଏବଂ ମେଣ୍ଢାକୁ ଏକତ୍ର ଲକ୍ଷ୍ୟ କଲି... ବରଂ, ସେହି ମେଷଶାବକ ଏବଂ ସେହି କପୋତକୁ, ଏକତ୍ର, ସେମାନେ ଏକ ହୋଇଗଲେ । ତା' ପରେ ଦେଖନ୍ତୁ ଯେ କପୋତ କିପରି ପରମେଶ୍ୱରଙ୍କ ପୁତ୍ର, ମେଷଶାବକଙ୍କୁ କଢ଼େଇ ନେଲା । ସେ କେତେ ଭଦ୍ର ଥିଲା, ଏହା ଜାଣି ଯେ ସେ ବଧ କରାଯିବା ନିମନ୍ତେ ଯାଉଛନ୍ତି । ସେ କେତେ ଭଦ୍ର ଥିଲେ, ସର୍ବଦା ନିଜେ କିଛି କରିବାକୁ ଚେଷ୍ଟା କରି ନ ଥିଲେ, ଆତ୍ମ-ନିର୍ଭରଶୀଳ ହେବାକୁ ଚେଷ୍ଟା କରି ନ ଥିଲେ । ସେ କହିଲେ, "ପିତା ପ୍ରଥମେ ମୋତେ ନ ଦେଖାଇବା ପର୍ଯ୍ୟନ୍ତ ମୁଁ କିଛି କରେ ନାହିଁ, ଏବଂ ପିତା ମୋ' ଠାରେ ବାସ କରନ୍ତି ।"

41 ତେବେ, ଆଉ ଏକ ବିଷୟ ଯାହାକି ମେଷଶାବକ ଅଟେ, ତାହା ହେଲା ମେଷଶାବକ ନିଜର ଅଧିକାରଗୁଡ଼ିକୁ ସମର୍ପଣ କରିବାକୁ ଇଚ୍ଛୁକ ଥାଏ । ତେବେ, ପରମେଶ୍ୱର ଚାହାଁନ୍ତି ଯେ ଆମେମାନେ ମେଷଶାବକ ତୁଲ୍ୟ ହେଉ, ମାତ୍ର ଅନେକ ଥର ଏପରି ହୁଏ ଯେ ଆମେମାନେ ଆମର ଅଧିକାରଗୁଡ଼ିକୁ ସମର୍ପଣ କରିବାକୁ ଚାହିଁ ନ ଥାଉ, ଆମର ଅଧିକାରଗୁଡ଼ିକୁ ହରାଇ ଦେବାକୁ ଚାହିଁ ନ ଥାଉ । ଆପଣମାନଙ୍କ ମଧ୍ୟରୁ ଅନେକେ କୁହନ୍ତି, "ହଁ, ଭାଇ ବ୍ରାନହାମ୍, ମୋ'ର ଅଧିକାରମାନ ଅଛି ।" ତାହା ସତ, ମାତ୍ର କ'ଣ ଆପଣ ନିଜର ଅଧିକାରଗୁଡ଼ିକୁ ସମର୍ପି ଦେବାକୁ ପ୍ରସ୍ତୁତ କି? କ'ଣ ଆପଣ ନିଜର ଅଧିକାରଗୁଡ଼ିକୁ ଦେଇ ଦେବାକୁ ଇଚ୍ଛୁକ କି, ଯେପରିକି ପରମେଶ୍ୱର ଆପଣଙ୍କୁ କଢ଼େଇ ନେଇ ପାରନ୍ତି? ଆଜି ଆମର ମଣ୍ଡଳୀଗୁଡ଼ିକ ସହିତ ତାହାହିଁ ମାମଲା ଅଟେ, ବହୁ ସଂଖ୍ୟାରେ, ପରମେଶ୍ୱରଙ୍କ ମେଷଶାବକଙ୍କ ଦୀନତା... ଆମମାନଙ୍କୁ ମେଷଶାବକ ହେବାର ଉଚିତ୍ ଥିଲା, ଆମେମାନେ ମେଷଶାବକ ବ୍ୟତୀତ ଅନ୍ୟ ସମସ୍ତ କିଛି ହୋଇ ଯାଇଅଛୁ । ଏବଂ ତାହାହିଁ କାରଣ ଅଟେ ଯେ, ଆମେମାନେ ଠିକ୍ ସେହି ମନୋଭାବ ପାଇବା ମାତ୍ରେ, ପବିତ୍ରଆତ୍ମାଙ୍କର କପୋତ ତା'ର ଉଡ଼ାଣ ନେଇ ନିଏ ଓ ଛାଡ଼ି ଚାଲିଯାଏ ।

42 ଯଦି ପରମେଶ୍ୱରଙ୍କ ମେଷଶାବକ ଏକ ବିଲୁଆ ପରି ପ୍ରଥମ ହୁଙ୍କାର କରିଥା'ନ୍ତେ, କିମ୍ବା ସେହି ନମ୍ର କପୋତ ଯାହା ଅନୁମତି ଦେଇଥା'ନ୍ତି ତା'ର ବିପରୀତରେ କିଛି କରିଥା'ନ୍ତେ, ତେବେ ସେହି କପୋତ ତା'ର ଉଡ଼ାଣ ନେଇ ଯାଇଥା'ନ୍ତା । ସେ ଏକ ମିନିଟରେ ହିଁ ଚାଲି ଯାଇଥା'ନ୍ତା ।

43 ଏବଂ ତାହାହିଁ ଆଜି ସେହି କାରଣ ଅଟେ ଯେ ଆମେମାନେ ଆଶ୍ଚର୍ଯ୍ୟ କରିଥାଉ, "ପେଣ୍ଟିକଷ୍ଟାଲ ମଣ୍ଡଳୀ ସହିତରେ କ'ଣ ମାମଲା ଅଟେ?" ଏହାର କାରଣ ହେଉଛି ଯେ ଆମେମାନେ ଏକ ଭିନ୍ନ ସ୍ୱଭାବ ଗ୍ରହଣ କରି ନେଇଛୁ । ଆମେମାନେ ଏପରି ଏକ ସ୍ୱଭାବ ଗ୍ରହଣ କରିଛୁ ଯଥା, "ଆମେ ଆମର ଅଧିକାରଗୁଡ଼ିକ ଚାହୁଁ । ଆମେ ତାହା କରିବାକୁ ଯାଉଅଛୁ ଯାହା କରିବାଟା ଠିକ୍ ବୋଲି ଆମେ ଜାଣୁ ।" ଆଉ ଆମେମାନେ ଅଭିମାନୀ ହୋଇଯାଉ ।

ଆମେମାନେ ଶତ୍ରୁ ହୋଇଯାଉ । ଆମେମାନେ ଉଦାସୀନ ହୋଇଯାଉ । ଆମେ କ୍ରୋଧକୁ ଆସିବାକୁ ଦେଇଥାଉ । ଆମେ ସ୍ୱାର୍ଥକୁ ଆସିବାକୁ ଦେଇଥାଉ ।

44 ଗୋଟିଏ ମେଷଶାବକ, ଯେତେବେଳେ ଏହା ସମୟ ଆସେ...ସେ ତା'ର ନିଜର ପଶମକୁ ଉତ୍ପାଦନ କରେ, ତାହା ହେଉଛି ତା'ର ଅଧିକାର । ସେ ତା'ର ପଶମକୁ ଉତ୍ପାଦନ କରେ, ମାତ୍ର ସେମାନେ ମେଷଶାବକକୁ ନିଅନ୍ତି ଏବଂ ତା'କୁ କାଠ ପଟା ଉପରେ ଫିଙ୍ଗି ଦିଅନ୍ତି, ଆଉ ତା'ର ଗୋଡ଼ଗୁଡ଼ିକୁ ବାନ୍ଧି ଦିଅନ୍ତି । ସେ କଦାପି ଲାତ ମାରେ ନାହିଁ, ସେ କଦାପି ଝଗଡ଼ା କରେ ନାହିଁ । ଆପଣ ତା'ର ଅଧିକାରଗୁଡ଼ିକୁ ଠିକ୍ ତାହାଠାରୁ ନେଇଯାଆନ୍ତି, କାରଣ ସେ ଗୋଟିଏ ମେଷଶାବକ ଅଟେ । ସେ ଆଉ କିଛି କରିପାରେ ନାହିଁ, କାରଣ ତାହା ହେଉଛି ତା'ର ସ୍ୱଭାବ । ମାତ୍ର ଥରେ ଗୋଟିଏ ଖ୍ରୀଷ୍ଟିଆନର ପଥ ଅତିକ୍ରମ କରନ୍ତୁ, ଆପଣ ଜାଣିଯିବେ ଯେ ସେ ଏକ ମେଷଶାବକ କି ଏକ ଛେଳି ଅଟେ । ଆପଣ ଜାଣିଯିବେ ଯେ ସେ କ'ଣ ଅଟେ, ଥରେ କେବଳ ତା'କୁ ଅତିକ୍ରମ କରନ୍ତୁ । ଆଉ ତାହାହିଁ ଆଜି ସେହି କାରଣ ଅଟେ ଯେ ଆମର ମଣ୍ଡଳୀଗୁଡ଼ିକ ସେହି ସ୍ଥିତିରେ ଅଛନ୍ତି ଯେଉଁଥିରେକି ସେମାନେ ରହିଛନ୍ତି ।

45 ଆମେମାନେ ନିଜକୁ ପରମେଶ୍ୱରଙ୍କ ମେଷଶାବକ ବୋଲି ଡାକିଅଛୁ । ସ୍ତ୍ରୀମାନେ ଏବଂ ପୁରୁଷ, ଏକାଠି ମିଶି, ପରମେଶ୍ୱରଙ୍କ ମେଷଶାବକ ଭଳି ଆଚରଣ ନ କରି ଅନ୍ୟ ସମସ୍ତକିଛି ପରି ଆଚରଣ କରିବା ଆରମ୍ଭ କରି ଦେଇଛନ୍ତି । ଆପଣ ସେମାନଙ୍କୁ ରାସ୍ତାରେ ଯାଉଥିବାର ଦେଖନ୍ତୁ, ଛୋଟ ଛୋଟ କେଶ ସହିତ, କେଶ କର୍ତ୍ତନ କରି, ପୁଣି ସେମାନଙ୍କର କେଶରେ ସର୍ବତ୍ର ଗୋଲ୍ ଗୋଲ୍ କୁଞ୍ଚୁ କୁଞ୍ଚିଆ ଚକ୍ର କରିଥା'ନ୍ତି । ଏବଂ କିଛି ବର୍ଷ ପୂର୍ବେ, ଆପଣ ଡାକନ୍ତୁ... ଆପଣ, ସେମାନେ...ଆପଣ ତାହା କରିବା ପାଇଁ ସେମାନଙ୍କୁ ନିଯୁକ୍ତି ଦେଇ ନ ପାରନ୍ତି । ଆଉ ତା'ପରେ ଆପଣ ଆଶ୍ଚର୍ଯ୍ୟ କରନ୍ତି ଯେ ମଣ୍ଡଳୀ କାହିଁକି ଏହିଭଳି ସ୍ଥିତିରେ ଅଛି? ଏହାର କାରଣ ହେଲା ଯେ ଆପଣ ନମ୍ର ଏବଂ ଦୀନ ହେବା ପରିବର୍ତ୍ତେ, ଏକ ବିଲୁଆ କିମ୍ୱା ଏକ ଛେଳିର ସ୍ୱଭାବକୁ ଗ୍ରହଣ କରି ନେଇଛନ୍ତି । ଆଉ ଆପଣ କୁହନ୍ତି, "ତାହା ମୋ'ର ଅଧିକାର ଅଟେ, ଭାଇ ବ୍ରାନହାମ୍ ।" ମୁଁ ଜାଣେ ଯେ ଏହା ଆପଣଙ୍କର ଅଧିକାର ଅଟେ । "ଭଣ୍ଡାରୀମାନେ କେଶ କାଟନ୍ତି । ଆଉ ଯେପର୍ଯ୍ୟନ୍ତ ଭଣ୍ଡାରୀ କେଶ କାଟୁଥିବ, କ'ଣ ମୋ'ର ଅଧିକାର ନାହିଁ କି?" ତାହା ଠିକ୍, ତାହା ହେଉଛି ଆପଣଙ୍କର ଆମେରିକୀୟ ଅଧିକାର । କିନ୍ତୁ କ'ଣ ଆପଣ ଏକ ମେଷଶାବକ ହେବା ନିମନ୍ତେ, ଏହାକୁ ଛାଡ଼ିବାକୁ ପ୍ରସ୍ତୁତ କି? କ'ଣ ଆପଣ ନିଜକୁ ସମର୍ପଣ କରିବାକୁ ପ୍ରସ୍ତୁତ କି?

46 ଏବଂ ଆପଣ ମହିଳାମାନେ, ଅଧିକ ସମୟ ହୋଇନାହିଁ, ଆପଣ ରାସ୍ତାରେ ଚାଲି ଯାଉଥା'ନ୍ତି...ଆଜି ମହିଳାମାନେ ଯେପରି ପୋଷାକ ପିନ୍ଧନ୍ତି ତାହା ଦେଖିବାଟା ଅତି ହାସ୍ୟାସ୍ପଦ ଅଟେ । ଆଉ ମୁଁ ପ୍ରେସବିଟେରିଆନ୍ ଏବଂ ମେଥୋଡିଷ୍ଟ ବିଷୟରେ କହୁନାହିଁ, ମୁଁ ତ ଆପଣ ପବିତ୍ର ମହିଳାମାନଙ୍କ ବିଷୟରେ କହୁଅଛି । ରାସ୍ତାରେ ଚାଲି ଯାଇଥା'ନ୍ତି, ଏବଂ ତାହା...

47 ମୋ' କାର ସମ୍ମୁଖ ଭାଗରେ ଗୋଟିଏ ଛୋଟ କ୍ରୁଶଟିଏ ଝୁଲି ରହିଥିଲା, ଆଉ କେହି ଜଣେ ମୋତେ କହିଲେ, କହିଲେ, "ବିଲି, କ'ଣ ଆପଣ ଜାଣନ୍ତି ତାହା ଏକ କ୍ୟାଥୋଲିକ୍ ଚିହ୍ନ ଅଟେ?"

48 ମୁଁ କହିଲି, "କ୍ୟାଥୋଲିକମାନେ କେବେଠୁ କ୍ରୁଶରେ ବିକଳ୍ପ ପାଇଲେ?" କଦାପି ନୁହେଁ! ତାହା କ୍ୟାଥୋଲିକ୍ ବିଶ୍ୱାସର ଏକ ଚିହ୍ନ ନୁହେଁ; ତାହା ତ ହେଉଛି ଖ୍ରୀଷ୍ଟିଆନ ବିଶ୍ୱାସର ଚିହ୍ନ। ଗୋଟିଏ କ୍ୟାଥୋଲିକ୍ ବିଶ୍ୱାସ ହେଉଛି ଏକ ଛୋଟିଆ ମୃତ ସନ୍ଥ, ମରିୟମଙ୍କର କିଅବା— କିଅବା କୌଣସି ମୃତ ବ୍ୟକ୍ତିଙ୍କର ଯାହାକୁ ସେମାନେ ଉପାସନା କରନ୍ତି। ଆମେମାନେ ମୃତ ଲୋକଙ୍କୁ ଉପାସନା କରୁନାହୁଁ। ଆମେମାନେ ସନ୍ଥ ସେସିଲିୟା ଏବଂ ସେହି ସମସ୍ତ ଭିନ୍ନ ସନ୍ଥମାନଙ୍କୁ ଉପାସନା କରୁନାହୁଁ। ତାହା କ୍ୟାଥୋଲିକବାଦ ଅଟେ, ଯାହାକି ପ୍ରେତାତ୍ମାବାଦର ଏକ ଉଚ୍ଚ ରୂପ ଅଟେ। ମାତ୍ର କ୍ରୁଶ ତ ତାହାଙ୍କୁ ପ୍ରଦର୍ଶିତ କରେ ଯିଏକି ମରିଥିଲେ ଏବଂ ପୁନରୁତ୍‌ଥିତ ହୋଇଥିଲେ।

49 ଆଉ ମୁଁ କହିଲି, "ମୁଁ ତା'କୁ ସେଇଠି ରଖେ, ରାସ୍ତାରେ ଅନାଉଥିବାବେଳେ। ପଚି-ଶ ବର୍ଷ ପୂର୍ବେ, କିମ୍ବା ତିରିଶ, ଯେତେବେଳେ ମୁଁ ପ୍ରାୟଃ ଅନ୍ଧ ଥିଲି, ମୁଁ ପରମେଶ୍ୱରଙ୍କୁ ପ୍ରତିଜ୍ଞା କରିଥିଲି ଯେ ଯଦି ସେ ମୋ'ର ଆଖିକୁ ସୁସ୍ଥ କରିବେ ତେବେ ମୁଁ ସଠିକ୍ ବିଷୟକୁ ଦେଖିବି।" ଏବଂ ମୁଁ କହିଲି, "ଆପଣ ଯେଉଁଆଡ଼େ ବି ଅନାନ୍ତୁ, ତାହା ଅତ୍ୟଧିକ ମନ୍ଦ ଅଟେ, ମହିଳାମାନେ ଅଧା ପୋଷାକ ପିନ୍ଧି, ଏବଂ ଉଲଗ୍ନ ମହିଳାମାନେ ଅଗଣାରେ ଏବଂ ସବୁ ସ୍ଥାନରେ ଶୋଇ ରହିଥା'ନ୍ତି। ମୁଁ ତାହା ଦେଖିବା ପରିବର୍ତ୍ତେ କ୍ରୁଶଆଡ଼କୁ ଅନାଇଥାଏ (ଏବଂ ମନେ ପକାଏ ଯେ ଖ୍ରୀଷ୍ଟ ମୋ' ପାଇଁ କ'ଣ କରିଛନ୍ତି, ଆଉ ମୋ' ମୁଣ୍ଡକୁ ଘୁରାଇଦିଏ) ଯେଉଁ ବିଷୟକି ଶୟତାନର ଅଟେ।" ହାଲ୍ଲେଲୁୟା!

50 ଆଉ ସେମାନେ ତ ଲୋକମାନେ...ଏହା କୁହନ୍ତୁ ନାହିଁ ଯେ ତାହା ହେଉଛି "ପ୍ରେସବିଟେରିଆନ୍, କ୍ୟାଥୋଲିକ୍," ତାହା ହେଉଛି ପେଣ୍ଟିକଷ୍ଟାଲ୍! ଆମେନ୍। ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ମୋ'ର ଏକ ଅଧିକାର ଅଛି।" ତାହା ଠିକ୍, ମାତ୍ର ଯଦି ଆପଣ ଏକ ମେଷଶାବକ ଅଟନ୍ତି, ତେବେ ଆପଣ ନିଜର ଅଧିକାରଗୁଡ଼ିକୁ ଛାଡ଼ିଦେବେ। ଆଉ ଯେତେବେଳେ ଆପଣ ସେପରି ଭାବରେ ଆଚରଣ କରିବାକୁ ଯାଆନ୍ତି, ସେହି ପବିତ୍ରଆତ୍ମା, ସେହି ଦୀନ କପୋତ, ତୁରନ୍ତ ତା'ର ଉଡ଼ାଣକୁ ନେଇ ଯାଇଥାଏ। ସେ ଆପଣଙ୍କ ସହିତ ଅପମାନିତ ହେବେ ନାହିଁ। ନା, ନା, ନା। ଆପଣ କଦାପି ଏହା ଭାବନ୍ତୁ ନାହିଁ ଯେ ଆପଣ ସେହିପରି ଭାବରେ ଆଚରଣ କରି ପବିତ୍ରଆତ୍ମାଙ୍କୁ ରଖିବାକୁ ଯାଉଅଛନ୍ତି। ଆପଣ ତାହା କରିପାରନ୍ତି ନାହିଁ! ବାଇବଲ ଏହିପରି ବ୍ୟକ୍ତ କରେ। ଆପଣଙ୍କୁ ତ ଆପଣଙ୍କର ହରାଇବାକୁ ଅଛି...ତେବେ, କୁହନ୍ତି, "ବାକି ମହିଳାମାନେ ତ ତାହା କରୁଛନ୍ତି।"

51 ଆଉ ଆପଣ ଲୋକ, ଆପଣ ଦୀନହୀନ, ଛୋଟ, ଅସ୍ଥିବିହୀନ, ମାଇଚିଆ ବିଷୟମାନ, ଆପଣ, ଯିଏକି ନିଜର ପତ୍ନୀଙ୍କୁ ସେହିପରି ଏକ କାର୍ଯ୍ୟ କରିବାକୁ ଦେଇଥା'ନ୍ତି, ତାହା ଏହା ଦର୍ଶାଏ ଯେ ଆପଣ କେଉଁଥିରେ ନିର୍ମିତ ହୋଇଛନ୍ତି। ସେହି କାରଣରୁ ଆପଣ ସେହିପରି

ଭାବରେ ପବିତ୍ରଆତ୍ମା ପାଇ ନ ଥା'ନ୍ତି ଯେପରି ଭାବରେ ପାଇଛନ୍ତି ବୋଲି ଆପଣ କହୁଥା'ନ୍ତି, ଅନ୍ୟଥା ଆପଣଙ୍କଠାରେ ନିଜ ବିଷୟରେ ଏପରି କିଛି ବିଷୟ ଯଥେଷ୍ଟ ରହିଥା'ନ୍ତା ଯେ ଆପଣ ତା'କୁ ଯେକୌଣସି ପ୍ରକାରେ, ଜଣେ ସ୍ତ୍ରୀ ଭାବରେ ଆଚରଣ କରାଇଥା'ନ୍ତେ ଯେପର୍ଯ୍ୟନ୍ତ ସେ ଆପଣଙ୍କ ସହିତରେ ରହିଥାଏ। ଆମେନ୍। ତାହା ପୁରୁଣା-କାଳିଆ, କଠୋର ଭଳି ଶୁଭୁଅଛି। ମାତ୍ର ତାହାହିଁ ଆଜି ଅଟେ ଯାହାକି ମଣ୍ଡଳୀ ଆବଶ୍ୟକ କରେ, ଏକ ପୁରୁଣା-କାଳିଆ, ପବିତ୍ରଆତ୍ମାଙ୍କ ଦ୍ଵାରା ଧୌତ କରାଯିବା, ଏବଂ ବାହାରେ ଟଙ୍ଗାଯାଇ ଶୁଖାଯିବା, ଓ ପବିତ୍ରଆତ୍ମାଙ୍କ ଦ୍ଵାରା, ଇସ୍ତରୀପେଡ଼ିରେ ଚଉଡି ରଖାଯିବା। ନିଶ୍ଚିତ ଭାବରେ!

52 ଜଗତ କି ଏକ ଅବସ୍ଥାକୁ ଆସିଯାଇଛି! ସେମାନେ କିପରି ଭାବରେ ରାସ୍ତାରେ ବାହାରିଯା'ନ୍ତି ଓ ସେହିସବୁ କାର୍ଯ୍ୟକଳାପ କରି ଚାଲନ୍ତି! ବୁଧବାର ରାତ୍ରିରେ ଆପଣ କିପରି ଏକ ଟେଲିଭିଜନ ଭିତରେ ମୁଣ୍ଡକୁ ପୂରାଇ ରଖିଥା'ନ୍ତି, ଏବଂ ଗୀର୍ଜାକୁ ଯାଆନ୍ତି ନାହିଁ! କିପରି ଭାବରେ ଆପଣ...କାହିଁକି, ମାତ୍ର ଦେଶରେ ଏପରି ଜଣେ ହେଲେ ପିଲା ନ ଥିବ...ଯିଏକି ଏହା ବିଷୟରେ ଜାଣି ନ ଥିବ ଯେ ଡେଭିଡ୍ କ୍ରକେଟ୍ କିଏ। ଏବଂ ସେହି କଞ୍ଚା ମିଛ, କୁହେ ଯେ ସେ ତିନି ବର୍ଷ ବୟସରେ ଏକ ଭାଲୁକୁ ହତ୍ୟା କରିଥିଲା, ଆପଣ ଜାଣନ୍ତି ତାହା ଏକ ମିଛ ଅଟେ, ମାତ୍ର ଆପଣ ନିଜର ଛୁଆମାନଙ୍କୁ ସେହିପରି ବିଷୟଗୁଡ଼ିକରେ ସେମାନଙ୍କର ମୁଣ୍ଡକୁ ପରିପୂର୍ଣ୍ଣ କରିବାକୁ ଦିଅନ୍ତି। ଆଉ ଶହେ ମଧ୍ୟରୁ ଶତକଡ଼ା ଗୋଟିଏ ପ୍ରତିଶତ ସୁଦ୍ଧା ଏପରି ନାହାଁନ୍ତି ଯିଏକି କେବେ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ କିଛି ଜାଣିଥିବେ। ତାହାର କାରଣ ହେଲା ଏହି ଜଗତ ଏତେ ପ୍ରଦୂଷିତ ହୋଇଯାଇଛି! ଏହି ରାଷ୍ଟ୍ର, ଅତ୍ୟନ୍ତ ହାସ୍ୟାସ୍ପଦ ଏବଂ ପରମେଶ୍ଵରଙ୍କଠାରୁ ଏତେ ଦୂରରେ ଅଟେ, ଯେ ପବିତ୍ରଆତ୍ମାଙ୍କୁ ପ୍ରତ୍ୟାଖ୍ୟାନ କରି ଦେଇଅଛି।

53 ଓଃ, ଆପଣ କୁହନ୍ତି, "ମୁଁ ଗୀର୍ଜାକୁ ଯାଏ ଓ ଉଚ୍ଚ ସ୍ୱରରେ ପାଟି କରେ।" ଆପଣ ତାହା କରିପାରନ୍ତି। ମାତ୍ର, ଯେପର୍ଯ୍ୟନ୍ତ ପରମେଶ୍ଵରଙ୍କ ସେହି ନମ୍ର ମେଷଶାବକ ଆପଣଙ୍କ ହୃଦୟରେ ବାସ ନ କରନ୍ତି, ଓ ଆପଣଙ୍କର ଜୀବନକୁ ପରିଷ୍କାର କରିବା ନିମନ୍ତେ ଏବଂ ଜଣେ ଭିନ୍ନ ବ୍ୟକ୍ତି ପରି ଆଚରଣ କରିବା ପାଇଁ ଆପଣଙ୍କୁ ବାଧ୍ୟ ନ କରନ୍ତି, ସେପର୍ଯ୍ୟନ୍ତ ତାହା ଆପଣଙ୍କ ପାଇଁ ଖ୍ରୀଷ୍ଟିଆନ ଧର୍ମକୁ ନକଲ କରିବା କୌଣସି ଲାଭର ବିଷୟ ହେବ ନାହିଁ। ଆପଣଙ୍କୁ ତ ତାହା ପ୍ରାପ୍ତ କରିବାକୁ ଅଛି। ଆମେନ୍।

54 କିଛି ସମୟ ପୂର୍ବେ ମୁଁ ଏଠାରେ ଏକ ଘରକୁ ଯାଇଥିଲି, ଜଣେ ଅସୁସ୍ଥ ବ୍ୟକ୍ତିଙ୍କୁ ଦେଖା କରିବାକୁ, ଏବଂ ସେଠାରେ ଜଣେ ମହିଳା ଶୋଇଥିଲେ, ସେଠାରେ ବସି ରହିଥିଲେ। ଆଉ ଜଣେ ଛୋଟ ପୁରୁଣା ଓସୱାଲ୍ଡ ପିଲା ଭିତରକୁ ଆସିଲା, ତା'ର ମୁଣ୍ଡର ପାର୍ଶ୍ଵରେ ଟୋପି ରହିଥିଲା, କହିଲା, "ମମି, ରାତ୍ରି ଭୋଜନ ପ୍ରସ୍ତୁତ କି?"

55 ସେ ଉତ୍ତର ଦେଲେ, "ପୁଅରେ, ଆମର ସମୟ ହେଲା ନାହିଁ," କହିଲେ, "ଆଜି ସକାଳରେ, କୌଣସି ରାତ୍ରି ଭୋଜନ ପ୍ରସ୍ତୁତ କରିବାକୁ।" କହିଲେ, "ମୁଁ ତୁମ ପାଇଁ ଏକ ସାଣ୍ଡୱିଚ୍ ପ୍ରସ୍ତୁତ କରି ଦେଉଛି," କହିଲେ, "ସେଠାରେ କିଛି କମଳାଗୁଡ଼ିକ ଅଛି।"

56 ସେ ଚାଲି କରି ଗଲା ଓ ଗୋଟିଏ କମଳା ଧରିଲା, ତାହାକୁ ଦେଖିଲା, ତା'କୁ ଖାଇବା ପାଇଁ କାମୁଡ଼ିଲା, ଓ ତା'କୁ ଯେତେ ଜୋର୍ ପାରିଲା ସେତିକି ଜୋର୍ କାନ୍ଥରେ ଫୋପାଡ଼ି ଦେଲା, ରସ ସବୁ ଝରିଗଲା, କହିଲା, "ଯଦି ଏହାହିଁ ତୁମେ ଏହି ସ୍ଥାନରେ ସବୁଆଡ଼େ ରଖିଛ, ତେବେ ମୁଁ ବାହାରକୁ ଚାଲିଯିବି," ସେହି ଭଳି।

57 ମୁଁ ଚିନ୍ତା କଲି, "ହେ ପରମେଶ୍ୱର, ସେ କେବଳ ପାଞ୍ଚ ମିନିଟ୍ ପାଇଁ ମୋ'ର ହେବା ଉଚିତ୍!" ପିଲାଏ, ମୁଁ ତା' ଠାରୁ ତା'ର ଚମଡ଼ାକୁ ଏପରି ବାହାର କରିଦେବି ଯେ ସେ ଜାଣିବ ସୁଦ୍ଧା ନାହିଁ ଯେ ତା'ର ଚମଡ଼ା ବାହାର କରା ହୋଇଛି! ମାତ୍ର ସେମାନେ ସେଠାରେ ପଡ଼ି ରହିଥିଲେ, ଦୟାର ପାତ୍ର ଏବଂ ଶିଶୁତୁଲ୍ୟ ସେବାର ପାତ୍ର ଭାବରେ। ତାହାକୁ ଯାହା ଦରକାର ଥିଲା, ତାହା ହେଉଛି ଏକ ଭଲ ଭାବରେ ପୁରୁଣା-କାଳିଆ ଚମଡ଼ା ବାହାର କରାଯିବା। ତାହା ହିଁ ଆମକୁ ଦରକାର, ପୁନର୍ବାର କିଛି ପୁରୁଣା-କାଳିଆ ଘରମାନ, ଏବଂ କେତେକ ପ୍ରଚାରକମାନ ଯେଉଁମାନେକି ମଞ୍ଚ ପଛରେ ଛିଡ଼ା ହେବେ ଓ ସତ୍ୟକୁ ପ୍ରଚାର କରିବେ, ଆଉ ତାହାକୁ ସେଠାରେ ସ୍ଥାପନ କରିବେ ଯେଉଁଠାରେ ତାହା ସ୍ଥାପିତ କରାଯିବା ହେତୁ ଅଟେ। ଆମେନ୍। ତାହା ସତ ଅଟେ। ଓଃ, ମୋର ପ୍ରଭୁ!

58 ସାନ ମରିୟମ ତା'ର ଛୋଟ ପାଦକୁ ଜୋର୍ ଝଟକି ଦେଇ, ଏବଂ ତା'ର ସେହି ଛୋଟ ନାକକୁ ଉପରକୁ ଟେକି ଦେଇ ଆଉ ସେହି ଛୋଟ ଛୋଟ ଗୋଲାପି-ରଙ୍ଗର ଓଷ୍ଠଗୁଡ଼ିକୁ (ମ୍ୟାକ୍ସ ଫ୍ୟାକ୍ଟର ସୌନ୍ଦର୍ଯ୍ୟ ପ୍ରସାଧନ ଦ୍ୱାରା) ଆକାଶ ଆଡ଼କୁ ଉପରକୁ ବୁଲାଇ ଦେଇ, ଏବଂ ତା'ର ଛୋଟ ମୁଣ୍ଡକୁ କାଢ଼ି ଦେଇ ଘରୁ ବାହାରକୁ ଚାଲିଯାଏ। କି ଲଜ୍ଜାଜନକ ବିଷୟ ଅଟେ! ପିଲାମାନେ କେତେ ଅବାଧ୍ୟ ହୋଇଯାଇଛନ୍ତି! ବାଇବଲ କହେ ଯେ ସେମାନେ ହେବେ। ଶାସ୍ତ୍ର କହେ ଯେ ସେମାନେ ହେବେ। ସେମାନେ କିପରି ବ୍ୟବହାର କରିବେ, ସେମାନେ କିପରି ଆଚରଣ କରିବେ, ଏବଂ ସେହି ସମସ୍ତ ବିଷୟମାନ ଯାହା ଆଜି ଜଗତରେ ଘଟୁଅଛି, ତାହା ଏଇଥି ପାଇଁ ଅଟେ ଯେ ସେମାନେ ପବିତ୍ରଆତ୍ମାଙ୍କୁ ଦୁଃଖିତ କରିଅଛନ୍ତି।

59 କିଛି ବର୍ଷ ପୂର୍ବେ। ମୁଁ ବର୍ତ୍ତମାନ, କିଛି ଦିନ ମଧ୍ୟରେ ଯାଉଛି, ଆମେରିକାରେ ପ୍ରଥମଥର କରି ପବିତ୍ରଆତ୍ମାଙ୍କର ଓହ୍ଲାଇ ଆସିବାର ସେହି ଘଟଣାକୁ ପାଳନ କରିବା ନିମନ୍ତେ, ପଚାଶ ବର୍ଷ ପୂର୍ବେ ଏହି ବର୍ଷ, ପୁରୁଣା ଆଜୁସା ଷ୍ଟ୍ରିଟ୍ ସଭାରେ, ଲସ୍ ଆଞ୍ଜେଲସରେ ପେଣ୍ଟିକଷ୍ଟାଲ୍ ସଭାରେ, ଯେଉଁଠାରେ ସେମାନଙ୍କର ପ୍ରଥମ ଥର ପାଇଁ ପବିତ୍ରଆତ୍ମା ଓହ୍ଲାଇ ଆସିଥିଲେ, ଯେତେବେଳେକି ଲୋକମାନେ ଏକାଠି ସମବେତ ହୋଇଥିଲେ। ଯେତେବେଳେ ଖ୍ରୀଷ୍ଟ ସେହି ଲୋକମାନଙ୍କ ମଧ୍ୟରେ ଓହ୍ଲାଇ ଆସିଥିଲେ, ସେମାନେ ସେତିକି ନମ୍ର, ଠିକ୍ ସେତିକି ଶାନ୍ତିପୂର୍ଣ୍ଣ ଥିଲେ। ସେମାନେ ଧାର୍ମିକ ଜୀବନଯାପନ କରୁଥିଲେ। ସେମାନେ ଉତ୍ସର୍ଗୀକୃତ ଜୀବନଯାପନ କରୁଥିଲେ। ସେମାନେ ଦେଇ ଦେବାକୁ ଇଚ୍ଛୁକ ଥିଲେ। ସେମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବାକୁ ଇଚ୍ଛୁକ ଥିଲେ। ଲୋକମାନେ କ'ଣ କହିଥିଲେ, ସେଥିପ୍ରତି ସେମାନେ ଖାତିର୍ କରି ନ ଥିଲେ, ସେମାନେ ଥିଲେ "ପୁରୁଣା-କାଳିଆ,"

ସେମାନଙ୍କୁ ଯାହା କୁହା ଯାଉଥିଲା ଯେ ସେମାନେ "ପାଗଳ" ଅଟନ୍ତି କିମ୍ବା ଏହା ବିଷୟରେ ଯାହା ଅଟନ୍ତି, ସେମାନେ ତ ପବିତ୍ରଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବାକୁ ଇଚ୍ଛୁକ ଥିଲେ।

60 ମାତ୍ର, ଆଜି, ଓଃ, ମୋ'ର ପ୍ରଭୁ, ଏକ ପାଉଡର ଲଗାଇବାର ଡବା ଏବଂ ଏକ ସୌନ୍ଦର୍ଯ୍ୟ-ପ୍ରସାଧନ ବାକ୍ସ ସହିତ, ଓ ହଳେ ଛୋଟ ପାଇଜାମା ପିନ୍ଧି ଆଉ ରାସ୍ତାରେ ବାହାରି ଯାଆନ୍ତି, କାହିଁକି, ଏହା ତ ଏକ ଲଜ୍ଜାଜନକ ବିଷୟ ଅଟେ! ଏବଂ ନିଜକୁ ବୋଲାନ୍ତି, "ପବିତ୍ରଆତ୍ମାଙ୍କ ସହିତରେ ଅଛୁ।" ଓଃ, ଆପଣ କୁହନ୍ତି, "କିନ୍ତୁ ମୁଁ ପରଭାଷାରେ କଥା କହିଲି।" ହଁ, ଏବଂ ଶୟତାନ ମଧ୍ୟ, ତାହା କରେ। "ଓଃ, ମୁଁ ଉଚ୍ଚ ପାଟିରେ ଚିତ୍କାର କଲି।" ଆଉ ଶୟତାନ ମଧ୍ୟ, ତାହା କରେ। ପରମେଶ୍ୱରଙ୍କ ପାଖରେ ଥିବା ପ୍ରତ୍ୟେକ ବିଷୟକୁ ଶୟତାନ ନକଲ କରିପାରେ, କେବଳ ପ୍ରେମ ବ୍ୟତୀତ, ଆଉ ସେ ପ୍ରେମକୁ ନକଲ କରିପାରେ ନାହିଁ। ହଁ।

61 ତେବେ, ପ୍ରଥମ ବିଷୟ ଆପଣ ଜାଣନ୍ତି, ଯେତେବେଳେ ଆପଣ ସେହି ବିଷୟଗୁଡ଼ିକୁ କରିବା ଆରମ୍ଭ କଲେ, ଆପଣ ସେହି ସୁରକ୍ଷାର ବାଡ଼ଗୁଡ଼ିକୁ ପକାଇ ଦେଲେ, ଆପଣ ଆପୋଷ ନିଷ୍ପତ୍ତି ନେବା ଆରମ୍ଭ କରିଦେଲେ, ତା'ପରେ ମଣ୍ଡଳୀରେ ସେମାନଙ୍କ ମଧ୍ୟରେ ଛୋଟ ଛୋଟ ଠୁକ୍, ଠାକ୍ ଶବ୍ଦ ହେବା ଆରମ୍ଭ ହୋଇଗଲା, ଆଉ ଏହି ଜଣକ କହିଲା, "ଆପଣ ଜାଣନ୍ତି, ପାଳକ ତ ଠିକ୍ *ଅମୁକ-ଓ-ଅମୁକ* ଅଟନ୍ତି," କିମ୍ବା "ଦୀକନ ତ *ଅମୁକ-ଓ-ଅମୁକ* ଅଟନ୍ତି।" ଆଉ, ପ୍ରଥମ ବିଷୟ ଆପଣ ଜାଣନ୍ତି, ଆପଣ ତାହାକୁ ଶୁଣିଲେ! ଏବଂ ତାହାହିଁ କାରଣ ଅଟେ ଯେ ଆମର ଏତେ ସମସ୍ୟା ରହିଅଛି, କାରଣ ଆପଣ ଶୟତାନର କଥାକୁ ଶୁଣିବାକୁ ଆରମ୍ଭ କରି ଦେଇଛନ୍ତି, ଏବଂ ସେହି ନମ୍ର କପୋତକୁ ଶୁଣିବା ପରିବର୍ତ୍ତେ ଏକ ହୁଙ୍କାର ପାଇଛନ୍ତି, ଯାହାକି ସେହି ପବିତ୍ରଆତ୍ମା, ପରମେଶ୍ୱରଙ୍କ ସେହି କପୋତ ଅଟନ୍ତି ଯିଏକି ଆପଣଙ୍କୁ କଢ଼େଇ ନେବେ ଏବଂ ଆପଣଙ୍କୁ ମାର୍ଗଦର୍ଶନ କରିବେ, ଆପଣଙ୍କୁ ପ୍ରେମ କରିବେ ଏବଂ ଆପଣଙ୍କୁ ଆଶୀର୍ବାଦ କରିବେ।

62 ପ୍ରଥମ ଥର ଯେତେବେଳେ ଆପଣ ସେହି ଛୋଟ ଚୋଟ କ୍ରୋଧର ଲହରୀଗୁଡ଼ିକ ମଧ୍ୟରୁ ଗୋଟିଏକୁ ପାଆନ୍ତି, ସେହି କପୋତ ତୁରନ୍ତ ଉଡ଼ି ଚାଲିଯାଏ। ତାହା ଠିକ୍ ଅଟେ। ସେ ଏହାକୁ ସହିପାରେ ନାହିଁ। ତା'ର ସ୍ୱଭାବ ଅଲଗା ଅଟେ। ଓଃ, ସେ ତ ତାହା ଆଦୌ ସହିପାରେ ନାହିଁ। ଆଉ ଆପଣ ନିଜର ପଡ଼ୋଶୀ ବିଷୟରେ କଥାବାର୍ତ୍ତା କରିବାକୁ ଯାଆନ୍ତି, ସେ ତାହା ସହିପାରେ ନାହିଁ, ସେ ତ ତାହା ସହିତ ଏକମତ ହେବ ହିଁ ନାହିଁ। ସେ ତ ତା'ର ଉଡ଼ାଣକୁ ନେଇନିଏ ଓ ଦୂରକୁ ଚାଲିଯାଏ। ସେ ତ ଏହାକୁ ଆଉ ଅଧିକ ସହିପାରେ ନାହିଁ। କପୋତ ଅତି ଭଦ୍ର ଅଟେ। କପୋତ ନମ୍ର ଅଟେ, ଏବଂ ସେହି କପୋତ, ଏବଂ—ଏବଂ ଏହା ସେପର୍ଯ୍ୟନ୍ତ କୌଣସି ବିଷୟ ଉପରେ ଛିଡ଼ା ହୋଇପାରେ ନାହିଁ ଯେପର୍ଯ୍ୟନ୍ତକି ଏହା ସେହି ସମାନ ସ୍ୱଭାବର ନ ଥାଏ।

63 ତେବେ, ପରମେଶ୍ୱର ଆପଣଙ୍କୁ ଏକ ଭିନ୍ନ ସ୍ୱଭାବର କରିପାରନ୍ତି, ପୁରୁଷ କିମ୍ବା ସ୍ତ୍ରୀ, ସେ ଆପଣଙ୍କୁ ଏକ ଭିନ୍ନ ସ୍ୱଭାବ ଦେଇପାରନ୍ତି। ଆଉ ଆପଣ କୁହନ୍ତି, "ଆଚ୍ଛା, ଭାଇ ବ୍ରାନହାମ୍, ଆମେ ତାହା ବିଷୟରେ କ'ଣ କରିପାରିବା?" ପୁନର୍ବାର ଏକ ମେଷଶାବକ ହୋଇଯା'ନ୍ତୁ।

ଏହା ତ ସେହି ଦୁଇ ପ୍ରାଣୀ କେବଳ ଯଦି କେବେ ଏକତ୍ର ମିଳିତ ହେବେ, ତାହା ହେଉଛି କପୋତ ଏବଂ ମେଷଶାବକ । କପୋତଟି ମେଷଶାବକ ବ୍ୟତୀତ ଅନ୍ୟ କାହାରି ଉପରକୁ ଆସିବ ନାହିଁ । ଆଉ ଯଦି ଆପଣ ଗୋଟିଏ ଛେଳି ହୋଇ ଯାଇଛନ୍ତି, ତାହାହେଲେ ଆପଣ ନିଜଠାରୁ ସେହି ପୁରୁଣା ଛେଳିର ଆତ୍ମାକୁ ବାହାର କରି ଦିଅନ୍ତୁ । ତାହା ଠିକ୍ । ଯଦି ଆପଣ ଅନ୍ୟ କିଛି ହୋଇ ଯାଇଛନ୍ତି, ତେବେ ତାହାକୁ ନିଜଠାରୁ ଦୂର କରି ଦିଅନ୍ତୁ, ଯଦି ଆପଣ ଜଣେ ପରଚର୍ଚ୍ଚାକାରୀ ହେବାକୁ ଆରମ୍ଭ କରି ଦେଇଛନ୍ତି ।

64 ଏଠାରେ ଥରେ, ମୁଁ ଏକ ନିର୍ଦ୍ଦିଷ୍ଟ ସହରରେ ଯେତେ କଡ଼ା ଭାବରେ ପ୍ରଚାର କରିପାରେ ସେତିକି କଡ଼ା ପ୍ରଚାର କଲି, ସେଠାରେ ହଜାର ହଜାର ଲୋକ ଥିଲେ । ମୁଁ ଏକ ବେଦୀର ଡାକରା ଦେଲି । ମୁଁ ଭାବିଲି ଯେ ମୁଁ ପାପର ସମଗ୍ର ପରିସରକୁ ସମ୍ପୂର୍ଣ୍ଣ ଭାବେ ସ୍ପର୍ଶ କରିଅଛି, ମୁଁ ତାହାସବୁ ସମ୍ପୂର୍ଣ୍ଣ ଭାବରେ ନେଇଅଛି ଯାହା ମୁଁ ଭାବି ପାରିଥିଲି । ସେହି ରାତ୍ରିରେ ସେବା ସମାପ୍ତ ହୋଇସାରିବା ପରେ, ଜଣେ ଅତି ସ୍ୱଧାର୍ମିକ ସାନ ମହିଳାଟିଏ ଚାଲି କରି ଆସିଲେ, ସେ କହିଲେ, "ତେବେ, ଭାଇ ବ୍ରାନହାମ୍, ମୁଁ ନିଶ୍ଚିତରେ ଆନନ୍ଦିତ ଯେ ଆପଣ ଆଜି ରାତ୍ରି ମୋତେ ସ୍ପର୍ଶ କଲେ ନାହିଁ ।"

ମୁଁ ଭାବିଲି, "ତାହା ଜଣେ ପ୍ରକୃତ ଖ୍ରୀଷ୍ଟିଆନ ହୋଇଥିବା ଉଚିତ୍ ।" କହିଲେ, "ଆଜି ରାତ୍ରି ଆପଣ ମୋତେ ସ୍ପର୍ଶ କଲେ ନାହିଁ ।"

65 ମୁଁ କହିଲି, "ହଁ, ଭଦ୍ର ମହିଳା, ମୁଁ ତାହା ଶୁଣି ନିଶ୍ଚିତରେ ଆନନ୍ଦିତ ଅଟେ, ଆପଣ ନିଶ୍ଚୟ ପରମେଶ୍ୱରଙ୍କ ରାଜ୍ୟର ନିକଟବର୍ତ୍ତୀ ହୋଇଥିବେ ।" ଏବଂ ସେ ଚାଲିଗଲେ ।

66 ସେଠାରେ କୌଣସି ବୃଦ୍ଧ ମହିଳା ଜଣେ ଛିଡ଼ା ହୋଇଥିଲେ । ମୁଁ ପଚାରିଲି, "କୁହନ୍ତୁ, କ'ଣ ଆପଣ ସେହି ସ୍ତ୍ରୀକୁ ଜାଣିଛନ୍ତି କି?"

"ହଁ ।"

ମୁଁ କହିଲି, "ସେ ନିଶ୍ଚୟ ଜଣେ ପ୍ରକୃତ ଖ୍ରୀଷ୍ଟିଆନ ହୋଇଥିବେ ।"

67 କହିଲେ, "ଆଜି ରାତ୍ରି ଆପଣ ଗୋଟିଏ ବିଷୟକୁ ଆଘାତ କରିବାରେ ବିଫଳ ହେଲେ, ଭାଇ ବ୍ରାନହାମ୍, ତାହା ହେଲା ପରଚର୍ଚ୍ଚା । ସେ ହେଉଛନ୍ତି ଦେଶର ମୁଖ୍ୟ ପରଚର୍ଚ୍ଚାକାରୀ ।" ସେଠାରେ ଆପଣ ଅଛନ୍ତି, ଦେଖନ୍ତୁ, ତାହାହିଁ ଅଟେ ।

68 ମାତ୍ର ଯେତେବେଳେ ଆପଣ ସେହି ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏକୁ ଆସନ୍ତି, ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ ସେହି ପ୍ରଚାରକ ଏହାକୁ ମଞ୍ଚ ଉପରେ ଆଘାତ କରନ୍ତି କି ନାହିଁ, ଯେତେବେଳେ ଆପଣ ଜଗତର ସେହି ଶାରିରୀକ ବିଷୟଗୁଡ଼ିକୁ ଦେଖନ୍ତି, ଯେପର୍ଯ୍ୟନ୍ତ ଆପଣ ତାହା ସହିତ ଅନ୍ତଃ-ସହିଷ୍ଣୁ ହୁଅନ୍ତି, ଆପଣ ପରମେଶ୍ୱରଙ୍କଠାରୁ ଦୂରରେ ଅଛନ୍ତି, ଏବଂ ପବିତ୍ରଆତ୍ମା ସେଠାରୁ ଦୂରରେ ରହିବେ । ସେହି କାରଣରୁ ସଭାଗୁଡ଼ିକ ସେପରି ହେଉନାହିଁ ଯେପରିକି ତାହା ପୂର୍ବରେ ହେଉଥିଲା । ସେହି କାରଣରୁ ଆଜି ସକାଳରେ ଆରାଧନାଳୟରେ ସେହି କାଷ୍ଠଗୁଣ୍ଡର ଚଲାପଥ ସୃଷ୍ଟି ହେଉନାହିଁ । ସେହି କାରଣରୁ ସେହି ବଡ଼ ବଡ଼ ତମ୍ବୁ

ସଭାଗୁଡ଼ିକ ସମଗ୍ର ଦେଶର ଚାରିଆଡ଼େ ହେଉ ନାହିଁ, ତାହାର କାରଣ ହେଲା ଯେ ଆମେ ପରମେଶ୍ୱରଙ୍କ ସେହି ନମ୍ର କପୋତଙ୍କୁ ଦୁଃଖ ଦେଇଅଛୁ। ତାହା ଠିକ୍ ଅଟେ। ସେ ଆମ ସହିତ ସେପର୍ଯ୍ୟନ୍ତ ରହିବେ ନାହିଁ ଯେପର୍ଯ୍ୟନ୍ତକି ଆମେ ଏତେ ଉଦାସୀନ ହୋଇ ରହିଥିବା, ଯେପର୍ଯ୍ୟନ୍ତ ଆମେ ଜଣେ ଅନ୍ୟର ପିଠି ପଛରେ କଥା କହୁଥିବା, "ଆମେମାନେ ଆମର ମାର୍ଗସକଳ ଚାହୁଁ!"

69 ତେବେ, ମୁଁ ଚାହେଁ ଯେ ଆପଣ ଏହା ଧ୍ୟାନ ଦିଅନ୍ତୁ, ସେହି ମେଷଶାବକ ଏକ ନୀରବ ମେଷଶାବକ ଥିଲେ। ବାଇବଲ କହେ, "ସେ ଆପଣା ମୂଖ ଫିଟାଇଲେ ନାହିଁ। ଯେପରିକି ମେଷମାନେ ସେହି ପଶମଛେଦନକାରୀମାନଙ୍କ ସମ୍ମୁଖରେ ରହିଥା'ନ୍ତି, ସେ ମୂକ ଥିଲେ।" ସେ ଆପଣା ମୂଖ ଫିଟାଇଲେ ନାହିଁ। ସେ ଏପରି ଜଣେ ବ୍ୟକ୍ତି ନ ଥିଲେ ଯିଏକି ତାଙ୍କର ଅଧିକାରଗୁଡ଼ିକ ଚାହିଁଥିଲେ। ନା, ମହାଶୟ, ସେ ତ ନିଜର ଅଧିକାରକୁ ହରାଇବାକୁ ପ୍ରସ୍ତୁତ ଥିଲେ। ସେ ଜଣେ ନୀରବ ମେଷଶାବକ ଥିଲେ।

70 ମାତ୍ର, ଆଜି, ଓଃ, ମୋ'ର ପ୍ରଭୁ, ଆମେମାନେ କିପରି ଭାବରେ ଆମର ପାର୍ଥକ୍ୟଗୁଡ଼ିକୁ ଚାହିଁଥାଉ! ଓଃ, ମୋ'ର ପ୍ରଭୁ! "ମୁଁ ଆପଣଙ୍କୁ କହୁଛି, ଆପଣ କେବଳ କାହାରିକୁ ମୋତେ କିଛି କହିବାକୁ ଦିଅନ୍ତୁ, ମୁଁ ଯିବି ଆଉ ତା'ର କଥା ବୁଝିବି, ପିଲା, ମୁଁ ତା'କୁ ଚିରି ପକାଇବି।" "ମୁଁ ଯେଉଁଦିନ ସେହି ପୁରୁଣା କପଟୀକୁ ଦେଖିବି, ମୁଁ ସେହି ଦିନ ତା'କୁ କହିବି! ଆପଣ କେବଳ ସେପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ଯେପର୍ଯ୍ୟନ୍ତ ମୁଁ ତା'କୁ ଦେଖି ନ ନିଏ! ପରମେଶ୍ୱର ଧନ୍ୟ ହେଉନ୍ତୁ, ହାଲ୍ଲେଲୁୟା! ଉଃ-ହୁ!" କପୋତ ଠିକ୍ ତା'ର ଉଡ଼ାଣକୁ ନେଇ ନିଏ ଓ ଦୂରକୁ ଚାଲିଯାଏ। ତାହା ଠିକ୍। ଯେପର୍ଯ୍ୟନ୍ତ ଆପଣ ସେପରି ଅନୁଭବ କରୁଥା'ନ୍ତି, ପବିତ୍ରଆତ୍ମା ଆପଣଙ୍କ ସହିତରେ ଆଉ ଆଦୌ ନ ଥା'ନ୍ତି। ଆପଣ ନିଜ ବହିରେ ଏହାକୁ ଚିହ୍ନିତ କରି ରଖନ୍ତୁ, ଏହା କେବେବି ତାହା କାର୍ଯ୍ୟକାରୀ ହେବ ନାହିଁ। ପବିତ୍ରଆତ୍ମା କେବେ ବି ସେହି ସ୍ଥାନର ଆଖପାଖରେ ରହିବେ ନାହିଁ ଯେଉଁଠାରେ ସେହି ପ୍ରକାରର ଏକ ଆତ୍ମା ଥାଏ। ଏହାକୁ ତ ଏକ ମେଷଶାବକଙ୍କର ଆତ୍ମା, ଏକ ନମ୍ର ଆତ୍ମା ହେବା ଆବଶ୍ୟକ, ଅନ୍ୟଥା ଏହା ତାହା ସହିତ ରହିବ ହିଁ ନାହିଁ, ତାହା ସହିତ ଏହା ହିଁ ସବୁକିଛି ଅଟେ; ଯଦି ଏହା ପବିତ୍ରଆତ୍ମାଙ୍କ ଦ୍ୱାରା ପରିଚାଳିତ, ଏକ ନମ୍ର, ଦୀନ ନ ଥାଏ। ଆଉ ଯଦି କିଛି ବିଷୟ ଉଠି ଆସେ, ଏହା ତ ତାହାକୁ ଧ୍ୟାନ ସୁଦ୍ଧା ଦିଏ ନାହିଁ, କେବଳ ଚାଲିଯାଏ। ବୁଝିଲେ? ଏବଂ ଠିକ୍ ସେହି ମିନିଟ୍ ଯେତେବେଳେକି ତାହା ବୁଲି ପଡ଼େ, ଆପଣ ଜାଣନ୍ତି, ଠିକ୍ ତାହା ହିଁ ଅଟେ...ଯେତେବେଳେ ଆପଣ ବୁଲି ପଡ଼ିଲେ।

71 ଆପଣ ଜାଣନ୍ତି, ପ୍ରଥମ କରି ପାପ ଜଣେ ବ୍ୟକ୍ତିଙ୍କଠାରେ ସେତେବେଳେ ଆରମ୍ଭ ହେଲା ଯେତେବେଳେ ସେ ମାତ୍ର ଗୋଟିଏ ମିନିଟ୍ ପାଇଁ ବୁଲି ପଡ଼ିଥିଲା। କ'ଣ ଆପଣ ତାହା ଜାଣିଥିଲେ କି? ବାଇବଲ ଏହିପରି ହିଁ ବ୍ୟକ୍ତ କରେ। ହବା କେବଳ ଅଳ୍ପ କିଛି କ୍ଷଣ ହିଁ ବୁଲି ପଡ଼ିଲେ, ଏହା ଶୁଣିବା ନିମନ୍ତେ ଯେ ଶୟତାନକୁ କ'ଣ କହିବାକୁ ଥିଲା, ଆଉ ସେ ତା' ପାଖରେ ଏତେ ସୁନ୍ଦର ଚିତ୍ରଟିଏ ଆଙ୍କିଲା ଯେ ଏପରିକି ଯେ ସେ ପ୍ରକୃତରେ ଭାବିଲେ ଯେ ତାହା ସତ୍ୟ ଅଟେ। ଆଉ ସେ ତା' କଥା ଶୁଣିଲେ।

72 ଆଉ ଗୋଟିଏ ମାତ୍ର ବିଷୟ ଆପଣ କରନ୍ତୁ ବୋଲି ଶୟତାନ ଚାହେଁ, ତାହା ହେଲା କେବଳ କିଛି ମିନିଟ୍ ପାଇଁ ବୁଲି ପଡ଼ି ଅଲଗା ହୋଇଯାଆନ୍ତୁ । ସେ ଚିତ୍ର ଆଙ୍କି ପାରିବ, କହିବ, "ତେବେ, ଏଠାରେ ଦେଖ । ଆପଣ ଜାଣନ୍ତି, ଭାଇ, ଆପଣ ଜାଣନ୍ତି, ଭଉଣୀ, ଯଦି ସେମାନେ ଠିକ୍ ପ୍ରକାରର ଲୋକ ହୋଇଥା'ନ୍ତେ, ସେମାନେ *ଏହା* କରି ନ ଥା'ନ୍ତେ । ଯଦି ସେମାନେ ଠିକ୍ ଏଠାରେ *ଏହା* କରିଥା'ନ୍ତେ, ଆପଣ ଜାଣନ୍ତି ।" ସେ ଆପଣଙ୍କୁ ତାହା ଏତେ ବାସ୍ତବିକ ଭାବେ କରିପାରେ ଯେ ଏପରିକି ତାହା ଏକ ପ୍ରକୃତ ସତ୍ୟ ହୋଇଯାଏ । ତାହା ଠିକ୍ ଅଟେ! ମାତ୍ର ମନେରଖନ୍ତୁ, ତାହା ଶୟତାନ ଅଟେ!

73 ମୋ'ର ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କେତେ ନିମ୍ନ-ଶ୍ରେଣୀର ଅଟନ୍ତି, ସେମାନେ ପାପରେ କେତେ ଅଧିକ ପତିତ ଅଟନ୍ତି, ଏହା ତ ଆପଣଙ୍କର ବେପାର ଯେ ସେମାନଙ୍କର ଚାରିପାଖରେ ଏକ ବାହୁ ଦେଇ ସେମାନଙ୍କୁ ପରମେଶ୍ୱରଙ୍କ ପ୍ରେମ ଦ୍ୱାରା ଉପରକୁ ଉଠାଇବା । ଯେତେବେଳେ ପରମେଶ୍ୱରଙ୍କ କପୋତ ଆପଣଙ୍କୁ ପଙ୍କ କାଦୁଅରୁ ଉପରକୁ ଉଠାଇଲେ ସେତେବେଳେ ଆପଣ କେଉଁଠାରେ ଥିଲେ? ମୋ'ର ବନ୍ଧୁ, ଏହା ତ ଆପଣଙ୍କର ବେପାର ଅଟେ । ଏହି ଜଗତ ଅଳ୍ପ ଟିକିଏ ପ୍ରେମ ପାଇଁ ମରୁଅଛି । ସେହି…

74 ମୁଁ ଚାହେଁ ଯେ ଆପଣ ଏହି ପଶୁକୁ, ମଧ୍ୟ, ଏହି ସାନ ପଶୁକୁ ଧ୍ୟାନ ଦିଅନ୍ତୁ, ଏହା ଏକ ନୀରବ ମେଷଶାବକ ଥିଲା କାରଣ ଏହା କଲା ନାହିଁ…ଯେତେବେଳେ ତାହାଙ୍କୁ ଅପମାନିତ କରାଗଲା, ସେ ଫେରି ଅପମାନିତ କଲେ ନାହିଁ । ସେ ତାହାକୁ ଧରି ରହି କାନ୍ଦି ବସିଲେ ନାହିଁ, ଏବଂ ଝଗଡ଼ା ଓ ଚିନ୍ତା ଏବଂ ଘାବରା ହେଲେ ନାହିଁ, ସେ ତାହା କଲେ ନାହିଁ । ଯେତେବେଳେ କେହି…ଯେତେବେଳେ ତାହାଙ୍କୁ ଅପମାନିତ କରାଗଲା, ସେ ପୁନର୍ବାର ଫେରି ଅପମାନିତ କଲେ ନାହିଁ । ସେ ମୁହଁ ଫିଟାଇଲେ ନାହିଁ ।

75 ମାତ୍ର ଆପଣ କାହାରିକୁ ଆପଣଙ୍କ ସହିତ କିମ୍ବା ମୋ' ସହିତ କିଛି କରିବାକୁ ଦିଅନ୍ତୁ, ହେ, ମୋ'ର ପ୍ରଭୁ, ଆମେମାନେ ଏପରି ପାଟି କରିଥାଉ ଯେପରିକି ଗୋଟିଏ ରାଜବେଙ୍ଗ ଏକ ଗୁଳିକୁ ଗିଳି ପକାଇଥାଏ, ଏକ ପୁରୁଣା କୁକୁଡ଼ା ପରି—ପରି ଫୁଲି ଯାଇଥାଉ । "ମୁଁ ଠିକ୍ ବର୍ତ୍ତମାନ ଆପଣଙ୍କୁ କହିବି, ଯଦି ସେ ମୋ' ପାଦଆଙ୍ଗୁଠି ଉପରେ ପୁଣି ଥରେ ସେପରି ପାଦ ଦିଏ, ତାହାହେଲେ ମୁଁ ଆଉ କେବେ ପୁନର୍ବାର ସେହି ପୁରୁଣା ମଣ୍ଡଳୀକୁ ଫେରିକି ଯିବି ନାହିଁ । ନା, ମହାଶୟ! ପରମେଶ୍ୱର ଧନ୍ୟ ହେଉନ୍ତୁ! ହାଲ୍ଲେଲୁୟା! ନାଜରିନ ଦଳ ମୋତେ ଗ୍ରହଣ କରିନେବେ, ପିଲଗ୍ରିମ୍ ହୋଲିନେସ୍, ସେମାନେ ମୋତେ ନେଇଯିବେ । ହାଲ୍ଲେଲୁୟା । ମୋତେ ତାହା ଆଉ ଅଧିକ କରିବାକୁ ପଡ଼ିବ ନାହିଁ ।" ଠିକ୍ ଅଛି, କପୋତ ତା'ର ଉଡ଼ାଣକୁ ନେଇ ନିଏ ।

76 "କ'ଣ ଆପଣ ଜାଣିଛନ୍ତି କି? ଯଦି ସେହି ପୁରୁଣା କପଟୀ ସେହି ମଣ୍ଡଳୀକୁ ଯାଏ, ମୁଁ ଆଉ ପୁନର୍ବାର କେବେବି ଯିବି ନାହିଁ । ପରମେଶ୍ୱର ଧନ୍ୟ ହେଉନ୍ତୁ, ମୁଁ ତାହା କେବେବି କରିବି ନାହିଁ!" ଯେତେବେଳେ ସେହି ବିଷୟ ଆପଣଙ୍କୁ ଆଘାତ କରେ, ସେହି ହୁଙ୍କାର କରୁଥିବା

ପୁରୁଣା ବିଲୁଆ, ସେତେବେଳେ କପୋତ ତା'ର ଉଡ଼ାଣକୁ ନେଇ ନିଏ। ଠିକ୍। ସେତେବେଳେ ପବିତ୍ରଆତ୍ମା ଚାଲି ଯାଇଥା'ନ୍ତି।

77 ତା' ପରେ ଆପଣ ଆଶ୍ଚର୍ଯ୍ୟ କରନ୍ତି ଯେ ଆପଣଙ୍କ ସହିତ ମାମଲା କ'ଣ ଅଟେ? ଆପଣ ଆଶ୍ଚର୍ଯ୍ୟ କରନ୍ତି ଯେ ମଣ୍ଡଳୀ ସହିତରେ ମାମଲା କ'ଣ ଅଟେ? ଆପଣ ଆଶ୍ଚର୍ଯ୍ୟ କରନ୍ତି ଯେ ଆପଣଙ୍କ ସହିତ ମାମଲା କ'ଣ ଅଟେ? ଆପଣ କାହିଁକି ସେହିପରି ଜୟପ୍ରାପ୍ତ ହେଉ ନାହାଁନ୍ତି ଯେପରି ଆପଣ ପୂର୍ବରେ ହେଉଥିଲେ? ଆପଣ ନିଜର ସ୍ୱଭାବ ପରିବର୍ତ୍ତନ କରି ନେଇଛନ୍ତି। ଆପଣ ଏକ ମେଷଶାବକ ହେବା ପରିବର୍ତ୍ତେ ଏକ ଛେଳି ହୋଇ ଯାଇଛନ୍ତି। ଆପଣ ଏକ ମେଷଶାବକ ବ୍ୟତୀତ ଅନ୍ୟ କିଛି ହୋଇ ଯାଇଛନ୍ତି।

78 ଆପଣଙ୍କୁ ତ ସେହି ପ୍ରକୃତ ନମ୍ର ଆତ୍ମା ପାଇବାକୁ ଅଛି, "ଏହା ହେଉ ଯେ ପବିତ୍ରଆତ୍ମା ମୋତେ ଯେକୌଣସି ସ୍ଥାନକୁ କଢ଼ାଇ ନେଇଯାଉନ୍ତୁ। ପରମେଶ୍ୱର, ମୁଁ ପ୍ରତ୍ୟେକ ପାପୀକୁ ପ୍ରେମ କରେ, ସେମାନେ ଯେଉଁଠାରେ ଥାଆନ୍ତୁ ନା କାହିଁକି।" ସେହି ପ୍ରକାରର ଏକ ସ୍ଥାନ ଯଦି ମନୁଷ୍ୟର ହୃଦୟରେ ଆସିଯାଏ, ତା' ପରେ ଯାଇ ଆପଣ ନିଜ ପ୍ରାଣରେ, କିଛି ଗୋଟାଏ ଘଟୁଥିବାର ଦେଖିବାକୁ ପାଇବେ।

79 ଆପଣ କୁହନ୍ତି, "ଆଚ୍ଛା, ଭାଇ ବ୍ରାନହାମ୍, କ'ଣ ଏହାର କୌଣସି ସମାଧାନ ଅଛି କି?" ହଁ, କେବଳ ଏକ ମେଷଶାବକ ହୋଇଯା'ନ୍ତୁ, ତାହାହିଁ ସବୁକିଛି ଅଟେ। ଆପଣ କୁହନ୍ତି, "ଆଚ୍ଛା, ଭାଇ ବ୍ରାନହାମ୍!"

80 ଅନ୍ୟ ଏକ ରାତ୍ରିରେ, ଶ୍ରେଭେପୋର୍ଟରେ ମୁଁ ଜଣେ ଯୁବା ମହିଳାଙ୍କ ସହିତ ସାକ୍ଷାତ କଲି। ସେବା ସମାପ୍ତ ହେବା ପରେ ବିଲି ଏବଂ ମୁଁ ଏକ ସାଣ୍ଡୱିଚ୍ ଆଣିବା ପାଇଁ ଗୋଟିଏ ସ୍ଥାନକୁ ଗଲୁ। ସେଠାରେ ଜଣେ ସୁନ୍ଦର ସ୍ତ୍ରୀଲୋକଟିଏ ଆସିଲେ, ବୋଧହୁଏ ଯୁବା ଝିଅଟିଏ, କିଅବା ବୋଧହୁଏ କୋଡ଼ିଏ କିମ୍ବା ସେପରି କିଛି ବୟସର ହୋଇଥିବେ, ଭଲ ପୋଷାକ ପିନ୍ଧିଥିଲେ। ସେ ବସିଲେ। ମୁଁ ଲକ୍ଷ୍ୟ କଲି ଯେ ସେ ସେହି ଆଡ଼କୁ ଅନାଇ ରହିଥିଲେ। ମୁଁ ଖାଇବାକୁ ଲାଗିଲି। କିଛି ମିନିଟ୍ ପରେ ସେହି ମହିଳା ଭିତରକୁ ଆସିଲେ। ସେ କହିଲେ, "କେମିତି ଅଛନ୍ତି?" ତା'ଙ୍କ ସହିତ କଥା ହେଲି। ଆଉ ମୁଁ ଜାଣିଲି ଯେ ସେହି ମହିଳା ଜଣକ ସେଠାରେ ଭଉଣୀ ଡେଭିସ୍ ଥିଲେ। ପୁଣି ସେ ଏବଂ ଲାଇଫ୍ ଟେବର୍ନେକଲ୍‌ର ଅନ୍ୟ ଜଣେ ମହିଳା, ମୁଁ ସେମାନଙ୍କୁ ଭଲଭାବେ ଜାଣେ, ସେ ଆସିଲେ ଓ ମୋ' ସହିତ କଥାବାର୍ତ୍ତା ହେଲେ, ତାହା ଚାଲିଲା। ତା'ପରେ ସେଠାରେ ବସିଥିବା ସେହି ଯୁବା ମହିଳା ଜଣକ କହିଲେ, "ଭାଇ ବ୍ରାନହାମ୍, ଆଜି ରାତ୍ରି ତାହା ଏକ ସୁନ୍ଦର ବାର୍ତ୍ତା ଥିଲା।"

81 ମୁଁ କହିଲି, "ଭଉଣୀ, ଆପଣ କେମିତି ଅଛନ୍ତି?" ମୁଁ କହିଲି, "ଆପଣଙ୍କୁ, ବହୁତ ଧନ୍ୟବାଦ।" ଆଉ ମୁଁ ପଚାରିଲି, "କ'ଣ ଆପଣ ଲାଇଫ୍ ଟେବର୍ନେକଲ୍‌ର ଜଣେ ସଦସ୍ୟ ଅଟନ୍ତି କି?"

82 ସେ ଉତ୍ତର ଦେଲେ, "ମୁଁ ଅଟେ।" ସେ କହିଲେ, "ଆପଣ ଜାଣନ୍ତି, ଭାଇ ବ୍ରାନହାମ୍, ମୁଁ ସେହି ଗାୟନମଣ୍ଡଳୀରେ ଗୀତ ଗାଇ ପାରିଥା'ନ୍ତି, ମାତ୍ର ସେମାନେ ସେଠାରେ ଏକ କଟକଣା କରିଛନ୍ତି।" ସେ କହିଲେ, "ମୋ'ର, ଓଃ, ଏତେ ବର୍ଷର କଣ୍ଠର ପ୍ରଶିକ୍ଷଣ, ଏବଂ ସବୁକିଛି ରହିଥିଲା।" କହିଲେ, "ମୁଁ ଏକକ ଗୀତ ଗାଇଅଛି ଏବଂ ମୁଁ କେତେକ ନିର୍ଦ୍ଦିଷ୍ଟ ବିଷୟ ଗାଇଅଛି।" କହିଲେ, "କିନ୍ତୁ, ମୁଁ—ମୁଁ ଗାଇ ପାରିଲି ନାହିଁ, କାରଣ ସେମାନଙ୍କର ଅଛି—ସେମାନଙ୍କର ଏକ କଟକଣା ରହିଛି ଯେ 'ରଙ୍ଗ ପ୍ରସାଧନ ଲଗାଇଥିବା କୌଣସି ସ୍ତ୍ରୀଲୋକ ଗାୟନମଣ୍ଡଳୀରେ ଗୀତ ଗାଇ—ଗାଇ ପାରିବେ ନାହିଁ।'"

ମୁଁ କହିଲି, "ତେବେ, ଲାଇଫ୍ ଟେବର୍ନେକଲ୍ ପାଇଁ ପରମେଶ୍ୱରଙ୍କ ପ୍ରଶଂସା ହେଉ!"

83 ସେ କହିଲେ, "ତେବେ, ମୁଁ ଆପଣଙ୍କୁ କହୁଛି, ଭାଇ ବ୍ରାନହାମ୍," ସେ କହିଲେ, "ମୁଁ ଜଣେ ଖ୍ରୀଷ୍ଟିଆନ ଅଟେ।"

84 ମୁଁ କହିଲି, "ତାହାହେଲେ, ଭଉଣୀ, ଘରକୁ ଯାଆନ୍ତୁ ଏବଂ ନିଜର ମୁହଁ ଧୋଇ ଦିଅନ୍ତୁ, କିମ୍ବା ଆପଣ ଯାହା କରନ୍ତି।" ମୁଁ କହିଲି, "କ'ଣ ଆପଣଙ୍କର ମୋତେ ଏହା କହିବାର ଅଭିପ୍ରାୟ ଯେ ଆପଣ ନିଜର ମୁହଁରେ ସେହି ପୁରୁଣା ପ୍ରସାଧନରୁ ଅଳ୍ପ ଟିକିଏ ଲଗାଇବା ଭଳି ଏକ ଛୋଟ ବିଷୟକୁ କରିବା ପାଇଁ ଦେବେ..."

85 ଆଉ ମୁଁ ଆପଣଙ୍କୁ ପ୍ରମାଣ କରିପାରେ ଯେ ତାହା ଶୟତାନଠାରୁ ଆସିଛି। ମୁଁ ଆପଣଙ୍କୁ ପ୍ରମାଣ କରିପାରେ ଯେ କୌଣସି ବିଷୟ ଏଥିରେ ନାହିଁ...ଏହାର ଆରମ୍ଭ ପ୍ରତିମାପୂଜକମାନେ ଥିଲେ। ଆଉ ଯେପର୍ଯ୍ୟନ୍ତ ଆପଣ ତାହାକୁ ଲଗାଇଥା'ନ୍ତି, ତାହା ଜଣେ ପ୍ରତିମାପୂଜକର ଏକ ଚିହ୍ନ ଅଟେ। ତେବେ, ମୁଁ ଆଫ୍ରିକାରୁ ବର୍ତ୍ତମାନ ଫେରିଅଛି, ଏବଂ ମୁଁ ହଟେଣ୍ଟୋଟ ଆଦିମ ଜଙ୍ଗଲରେ ରହିଆସିଛି ଆଉ ଏହା ପାଇଛି ଯେ ଠିକ୍ କେଉଁଠାରୁ ସେହି କାନଫୁଲମାନ, କେଉଁଠାରୁ ସେହିସବୁ ବିଷୟମାନ ଆସିଥାଏ, ଏବଂ ଏହିସବୁ ବିଷୟ, ଆପଣଙ୍କ ଗଳାରେ ଓ କାନରେ ଏବଂ ସବୁଥିରେ ଅନେକ ଅଳଙ୍କାରମାନ ଗୁଡ଼ାଇ ହୋଇ ରହିଥାଏ, ତାହା କେଉଁଠାରୁ ଆସିଥାଏ। ଏହା ତ ପ୍ରତିମାପୂଜକମାନେ ଅଟନ୍ତି। ଆଉ ବାଇବଲ ଚାହେଁ ନାହିଁ ଯେ ଜଣେ ଖ୍ରୀଷ୍ଟିଆନ ପ୍ରତିମାପୂଜକ ହୁଅନ୍ତୁ। ଏବଂ ଆପଣ ଚାହାଁନ୍ତି ନାହିଁ...ମୁଁ କହୁନାହିଁ ଯେ ଆପଣ ଜଣେ ପ୍ରତିମାପୂଜକ ଅଟନ୍ତି ଯେହେତୁ ଆପଣ ତାହା କରନ୍ତି, ମାତ୍ର ଆପଣ ନିଜକୁ ସେହି ଜଣକା ପରି ଦେଖାଉଛନ୍ତି। ଏହା ଏଇଥିପାଇଁ ଅଟେ କାରଣ ଆପଣଙ୍କର ପାଳକ ଆପଣଙ୍କୁ ସତ୍ୟ କହିଲେ ନାହିଁ। ବାଇବଲ ଏହିପରି ହିଁ କହେ।

86 ଆଉ ବର୍ତ୍ତମାନ ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ମୁଁ ଭାବୁଛି ଯଦି ମୋ'ର ଛୋଟ କେଶ ଥାଏ, ଏହା ମୋତେ ଥଣ୍ଡା କରେ ଏବଂ ସବୁକିଛି ବିଷୟ ପରି କରେ।" ତାହା ଠିକ୍, ମାତ୍ର ଯଦି ଆପଣ ଲମ୍ବା କେଶ ରଖନ୍ତି ତେବେ ଆପଣ ଅଧିକ ଥଣ୍ଡା ରହିବେ। ଏହା ତ ଆପଣଙ୍କର ଗଳା ପାଖରୁ ସବୁକିଛିକୁ ନେଇଯିବ, ଓ ଏହାକୁ ଗୁଡ଼ାଇ ଦେଇ ଠିକ୍ କରିଦେବ।

87 କାହିଁକି, କ'ଣ ଆପଣ ଜାଣିଛନ୍ତି ଯେ ବାଇବଲ କ'ଣ କହେ? ଏହା ଯେ, ଯଦି ଜଣେ ସ୍ତ୍ରୀଲୋକ ନିଜର କେଶ କାଟେ ତାହାହେଲେ ତା'ର ସ୍ୱାମୀର ଏହା ଅଧିକାର ଅଛି ଯେ ସେ ତା'ର ସ୍ତ୍ରୀକୁ ପରିତ୍ୟାଗ କରିପାରେ ଏବଂ ଛାଡ଼ପତ୍ର ଦେଇପାରେ। ଯଦି ସେ ତା'ର କେଶ କାଟେ, ତେବେ ଏହା ଦର୍ଶାଏ ଯେ ସେ ତା'ର ସ୍ୱାମୀ ସହିତ ଅସତ୍ୟଭାବେ ଜୀବନଯାପନ କରୁଅଛି। ବାଇବଲ ଏହିପରି ହିଁ କହେ, ପ୍ରଥମ କରିନ୍ଥୀୟ 12, ଖୋଜି ଦେଖନ୍ତୁ ଯେ ତାହା ସତ୍ୟ ଅଟେ କି ନୁହେଁ। ସେ ଯିଏକି...ଜଣେ ସ୍ତ୍ରୀଲୋକ ଯିଏକି ତା'ର କେଶ କାଟେ ତା'ର ମସ୍ତକକୁ ଅପମାନ କରେ, ଯାହାକି ତା'ର ସ୍ୱାମୀ ଅଟେ। ଏବଂ ଯଦି ସେ ଅପମାନଜନକ ଅଟେ, ତେବେ ତା'କୁ ଛାଡ଼ପତ୍ର ଦିଆଯିବା ଉଚିତ୍ ଓ ପରିତ୍ୟାଗ କରାଯିବା ଉଚିତ୍। ତାହା ଠିକ୍ ଅଟେ। ମାତ୍ର, ଦେଖନ୍ତୁ, ପାଳକ ଆପଣଙ୍କୁ ସେହି ବିଷୟଗୁଡ଼ିକୁ କେବେବି କୁହନ୍ତି ନାହିଁ। ଏବଂ ତାହାହିଁ ସେହି କାରଣ ଯେ ଆପଣ ସେପରି ଭାବରେ ଆଚରଣ କରନ୍ତି ଯେପରି ଆପଣ କରୁଥା'ନ୍ତି। ଏବଂ—ଏବଂ ସେହି ବ୍ୟକ୍ତି, ବାଇବଲ କହେ...

88 ଏଠାରେ କିଛି ସମୟ ପୂର୍ବରୁ କେହି ଜଣେ ଲେଖିଥିଲେ ଏବଂ କହିଥିଲେ, "ଭାଇ ବ୍ରାନହାମ୍, ସେହି—ଏହି ବ୍ଲାଉଜଗୁଡ଼ିକ ଯାହାକି ସ୍ତ୍ରୀଲୋକମାନେ ପାଆନ୍ତି," କହିଲେ, "କାହିଁକି, ଏହା ତ ଏପରି ଏକ...ଆପଣ ବଡ଼ କଷ୍ଟରେ ବ୍ଲାଉଜଗୁଡ଼ିକ ଆଉ ଅଧିକ ପାଇପାରନ୍ତି ନାହିଁ, ଏବଂ କ'ଣ ଏହା ଆମ ଖ୍ରୀଷ୍ଟିଆନ ସ୍ତ୍ରୀଲୋକମାନଙ୍କ ପାଇଁ ଏହି ଡାକ୍ରନ୍, ନାଇଲନ୍, କିଅବା ଏହା ଯାହାକିଛି ପରି ଅଟେ, ତାହା ପିନ୍ଧିବା ଠିକ୍ ହେବ କି?"

89 ମୁଁ କହିଲି, "ଦେଖନ୍ତୁ, ଭଉଣୀ, ଏହା ବିଷୟରେ ଗୋଟିଏ କଥା ଅଛି। ଏଠାରେ ଗୋଟିଏ କଥା ସତ୍ୟ ଅଟେ। ଆପଣ ଏହା କରି ପାରିବେ: ଯଦି ଆପଣ ଗୋଟିଏ କିଣି ପାରନ୍ତି ନାହିଁ, ସେମାନେ ସିଲେଇ ମେସିନ୍ ବିକ୍ରି କରନ୍ତି, ଆପଣ ଗୋଟିଏ ତିଆରି କରି ପାରିବେ।" ମୁଁ କହିଲି, "ତାହା ଠିକ୍ ଅଟେ। ଏହାକୁ ଠିକ୍ ଦେଖାଯିବା ପାଇଁ..." ମୁଁ ବିଶ୍ୱାସ କରେ...ଆପଣ ଜାଣନ୍ତି, ଯାହା ଆପଣଙ୍କ ହୃଦୟରେ ଥାଏ ତାହାହିଁ ଆପଣାକୁ ପ୍ରକାଶ କରିଥାଏ। ଆପଣ ଯେପରି ଭାବରେ କାର୍ଯ୍ୟ କରନ୍ତି ଏବଂ ଆପଣ ଯେପରି ଭାବରେ ଆଚରଣ କରନ୍ତି, ତାହା ଏହା ଦର୍ଶାଏ ଯେ ଆପଣଙ୍କ ଭିତରେ କ'ଣ ଅଛି।

90 ଏହାହିଁ କାରଣ ଅଟେ ଯେ ଏଠାରେ ଏହିସବୁ ପାଟି କରିବା ଏବଂ ଝଗଡ଼ା କରିବା ଓ ପରଚର୍ଚ୍ଚା କରିବା, ଆଉ—ଆଉ କାମୁଡ଼ା କାମୁଡ଼ି ହେବା, ଏବଂ ଏହିସବୁ ବିଷୟ ମଣ୍ଡଳୀର ଚାରିଆଡ଼େ କରିବା, ତାହା ହିଁ ଅଟେ ଯାହାକି ମଣ୍ଡଳୀକୁ ଭାଙ୍ଗି ଦେଇଥାଏ। ତାହା ଏହା ଦର୍ଶାଏ ଯେ ଶୟତାନ ଆପଣଙ୍କ ଭିତରେ ପ୍ରବେଶ କରିଛି, ଆଉ ଏହା ଦର୍ଶାଏ ଯେ ପବିତ୍ରଆତ୍ମା ଆପଣଙ୍କୁ ଛାଡ଼ି ଦେଇଛନ୍ତି। ତେବେ, ମୁଁ ଜାଣେ ଯେ ତାହା ଆପଣଙ୍କ ମଧ୍ୟରୁ କେତେକଙ୍କର କଳା ଡ଼ାମ୍ବରକୁ ଠିକ୍ ପୋଡ଼ି ଦେଉଅଛି, ମାତ୍ର ତାହା କରାଯିବା ଉଚିତ୍ ଅଟେ। ତାହା କରିବା ଉଚିତ୍! ତାହା ପାଇଁ ତ ଏହା କୁହାଯାଉଛି; ଚତୁର ହେବା ପାଇଁ ନୁହେଁ, ସୁନ୍ଦର ଦିଶିବା ପାଇଁ ନୁହେଁ; ମାତ୍ର ତାହା କହିବା ପାଇଁ ଯେ ସମସ୍ୟାଟି କେଉଁଠାରେ ଅଛି, କାରଣ ଦିନେ ମୋତେ ଛିଡ଼ା ହେବାକୁ ପଡ଼ିବ ଏବଂ ଆପଣଙ୍କ ପାଇଁ ଏକ ଉତ୍ତର ଦେବାକୁ ପଡ଼ିବ। ଆଉ ଠିକ୍ ସେହି

କାରଣ ଯେଉଁଥି ଯୋଗୁଁ ଆପଣ ସେହିପରି କାର୍ଯ୍ୟ କରନ୍ତି ଏବଂ ଆପଣ ସେହିପରି ଆଚରଣ କରନ୍ତି, ତାହା ଏହା ଦର୍ଶାଏ ଯେ ଆପଣ କ'ଣ ଅଟନ୍ତି । ଯଦି ଆପଣଙ୍କର ଏପରି ଏକ ପୁରୁଣା କ୍ରୋଧ ଅଛି ଯାହାକି ଅଳ୍ପ କିଛି ବିଷୟରେ ନିୟନ୍ତ୍ରଣରୁ ବାହାର ହୋଇଯାଏ, ଏବଂ ଏଠାରେ ବାହାରି ଆସି ବିଭିନ୍ନ ବିଷୟ କରେ, କିମ୍ବା ସମାଲୋଚନା, ଅବା ଅଶ୍ଳୀଳତା ଏବଂ ସେହିପରି ବିଷୟ ପ୍ରଭୃତି, ତାହା ଦର୍ଶାଏ ଯେ ଏହା କେଉଁଠାରୁ ଆସୁଅଛି ।

91 ତେବେ କେବଳ ଗୋଟିଏ ବିଷୟ କରିବାକୁ ଅଛି, ଯେ ସେହି ବିଷୟକୁ ସେଠାରୁ ବାହାର କରି ଦିଅନ୍ତୁ, ଆଉ କପୋତ ଆପଣଙ୍କ ହୃଦୟକୁ ଫେରି ଆସିବ । ଯେତେବେଳେ ସେହି କପୋତ ଜାହାଜରୁ ବାହାରି ଗଲା, ତା'କୁ ଛଡ଼ା ଯାଇଥିଲା । ମାତ୍ର ସେ ଫେରି ଆସିଲା ଏବଂ ସେହି ଜାହାଜର ଦ୍ୱାରକୁ ଆଘାତ କଲା ଯେପର୍ଯ୍ୟନ୍ତକି ନୋହ ତା'କୁ ଭିତରକୁ ନେଇ ନ ନେଲେ । [ଭାଇ ବ୍ରାନହାମ୍ ମଞ୍ଚ ଉପରେ ଆଘାତ କରନ୍ତି—ଅନୁ ।] ପବିତ୍ରଆତ୍ମା ଏଠାରେ ଅଛନ୍ତି । ପବିତ୍ରଆତ୍ମା ଭିତରକୁ ଆସିବାକୁ ଚାହୁଁଛନ୍ତି । ତାହାହିଁ ଆଜି ସେହି କାରଣ ଅଟେ, ଯେ ପବିତ୍ରଆତ୍ମା, ସେ ଆପଣଙ୍କଠାରୁ ସବୁଦିନକା ପାଇଁ ଯାଇ ନାହାଁନ୍ତି । ସେ ତ କେବଳ ସେଠାରେ କେଉଁଠାରେ ଗଛର ଡ଼ାଳରେ ବସିଛନ୍ତି, ପୁଣିଥରେ ନିଜେ ଉଡ଼ି ଆପଣଙ୍କ ଭିତରକୁ ଆସିବା ପାଇଁ ପ୍ରସ୍ତୁତ ଅଛନ୍ତି, ଏବଂ ଆପଣଙ୍କୁ ପ୍ରେମ ଓ ଶାନ୍ତି ଓ ଆନନ୍ଦ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି ଯେପରି ଭାବରେ ତାହା ଆପଣଙ୍କ ପାଖରେ ରହିଥିଲା । ନିଶ୍ଚିତରେ, ତାହା ଅଟେ । ସେ ତାହା କରିବାକୁ ପ୍ରସ୍ତୁତ ଅଟନ୍ତି । ସେ ତାହା କରିବାକୁ ଚାହୁଁଛନ୍ତି । ସେ ତାହା କରିବାକୁ ଇଚ୍ଛା କରନ୍ତି । ମାତ୍ର ଆପଣ ତାହାଙ୍କୁ ତାହା କରିବାକୁ ଦିଅନ୍ତି ନାହିଁ!

92 ତେବେ, ମୁଁ ଆପଣ ଅପରିଚିତ ବ୍ୟକ୍ତିମାନଙ୍କ ସହିତରେ କଥାବାର୍ତ୍ତା କରୁନାହିଁ । ମୁଁ ଜାଣେ ନାହିଁ ଯେ ଆପଣଙ୍କର ପାଳକ କ'ଣ…ମୁଁ ତ ବ୍ରାନହାମ୍ ଟେବର୍ନେକଲ୍ ସହିତ କଥାବାର୍ତ୍ତା କରୁଛି । ମୁଁ ଅନ୍ୟ ମଣ୍ଡଳୀରୁ ଆସିଥିବା ଆପଣ ଲୋକମାନଙ୍କ ସହିତ କଥାବାର୍ତ୍ତା କରୁନାହିଁ । ମୁଁ ବ୍ରାନହାମ୍ ଟେବର୍ନେକଲ୍ ସହିତ କଥାବାର୍ତ୍ତା କରୁଛି । ତାହାହିଁ ତ ମାମଲା ଏଠାରେ ଚାରିଆଡ଼େ ଅଟେ ।

93 ତାହା ହିଁ ସେହି କାରଣ ଯେ କପୋତକୁ ଉଡ଼ାଣ ନେବା ପାଇଁ ବାଧ୍ୟ କରିଥାଏ । କେବଳ କାହାରି ଜଣକାକୁ ମଣ୍ଡଳୀର ଚାରିପାଖରେ ଠିକ୍ କିଛି ଗୋଟାଏ ଛୋଟ ବିଷୟ ଆରମ୍ଭ କରିବାକୁ ଦିଅନ୍ତୁ, ଆଉ ପ୍ରଥମ ବିଷୟ ଏହା ହେବ ଯେ, "ଓଃ, କ'ଣ ଏହା ସେହିପରି କି? ଓଃ, କ'ଣ…? ଆପଣଙ୍କର ତାହା ଅଭିପ୍ରାୟ ନୁହେଁ?" ଠିକ୍ ସେତିକିବେଳେ ପବିତ୍ରଆତ୍ମା ଚାଲି ଯାଆନ୍ତି, ଉଡ଼ି ଯାଆନ୍ତି । ଏହା ତ ଠିକ୍ ସେହି ପ୍ରକାରର ଆତ୍ମାକୁ ସହିପାରେ ନାହିଁ । ଯେପର୍ଯ୍ୟନ୍ତ ସେହି ମେଷଶାବକଙ୍କର ସ୍ୱଭାବ ଆପଣଙ୍କୁ ଛାଡ଼ି ଦେଇଥାଏ, ସେପର୍ଯ୍ୟନ୍ତ ପବିତ୍ରଆତ୍ମା ଚାଲି ଯାଇଥା'ନ୍ତି । ତାହା ଠିକ୍ ଅଟେ । ଆଉ ଆଜି ତାହାହିଁ ମାମଲା ଅଟେ । ସେହି କାରଣ ଯେଉଁଥି ଯୋଗୁଁ ଲୋକମାନେ ସେହି ସ୍ଥିତିରେ ଅଛନ୍ତି, ତା'ର କାରଣ ହେଲା ଯେ ସେମାନେ ସେହି ଭୁଲ୍ ଆତ୍ମାକୁ ସେମାନଙ୍କ ହୃଦୟ ଭିତରେ, ସେମାନଙ୍କ ଜୀବନରେ ପ୍ରବେଶ କରିବାକୁ ଦିଅନ୍ତି । ତେବେ ତାହାହିଁ ସେହି କାରଣ ଯେ ଆମମାନଙ୍କ ପାଖରେ ଅଛି…

94 ବାଇବଲ କହେ ଯେ ସେହି କାରଣ ଯେଉଁଥି ଯୋଗୁଁକି ଆମ ମଧ୍ୟରେ ଅନେକେ ଅସୁସ୍ଥ ଏବଂ ପୀଡ଼ିତ ଅଟନ୍ତି, ତା'ର କାରଣ ହେଲା ଏହି ବିଷୟଗୁଡ଼ିକ। ଆମେମାନେ ନମ୍ର ହେବା ଉଚିତ୍। ଆମେମାନେ ଶାନ୍ତିପୂର୍ଣ୍ଣ ହେବା ଉଚିତ୍। ଆମେ ନିଶ୍ଚୟ ଏକ ମେଷଶାବକ ହେବା ଉଚିତ୍, ଯେପରିକି କପୋତ ଆମ ସହିତରେ ବାସ କରିପାରିବ।

95 ତେବେ, ମନେରଖନ୍ତୁ ଯେ, ସେହି କପୋତ ଆସିବ। ସେ କହିଲେ, "ଓଃ, ଭାଇ ବ୍ରାନହାମ୍, ମୋତେ କୁହନ୍ତୁ ନାହିଁ ଯେ ମୁଁ କେବେ ପବିତ୍ରଆତ୍ମା ଗ୍ରହଣ କରି ନାହିଁ। ହାଲ୍ଲେଲୁୟା! ତଳେ, ସେହି ରାତ୍ରିରେ ସେଠାରେ ଗୋଟିଏ ରାତ୍ରି, ଓଃ, ଯେତେବେଳେ ସେ ଭିତରକୁ ଆସିଲେ, ମୁଁ କେବଳ ଚାଲି ପାରୁଥିଲି..." ନିଶ୍ଚିତରେ, ତାହା ସେ ହିଁ ଥିଲେ! "ଓଃ, ମୁଁ ବହୁତ ଭଲ ଅନୁଭବ କରିଥିଲି, ମୋତେ ଏପରି ଅନୁଭବ ହେଉଥିଲା ଯେ ମୁଁ ଗଛରୁ ପ୍ରତ୍ୟେକ ଛୋଟ ପକ୍ଷୀକୁ ନେଇପାରେ ଓ ଆଲିଙ୍ଗନ କରି ପ୍ରେମ କରିପାରେ। ମୋ' ପାଇଁ ସବୁଠୁ ଦୁଷ୍ଟ ବ୍ୟକ୍ତି ଯିଏକି ମୋ' ପ୍ରତି କେବେ କିଛି କରିଥଲା, ମୋତେ ଏପରି ଅନୁଭବ ହେଉଥିଲା ଯେ ମୁଁ ସେମାନଙ୍କ ଚାରିପଟେ ମୋ'ର ବାହୁକୁ ରଖି ସେମାନଙ୍କୁ ଆଲିଙ୍ଗନ କରିପାରେ। ଓଃ, ଭାଇ ବ୍ରାନହାମ୍, ମୁଁ କିପରି ଅନୁଭବ କରିଥିଲି!" ନିଶ୍ଚିତରେ, ତାହା ପବିତ୍ରଆତ୍ମା ଥିଲେ।

96 ମାତ୍ର, ଆପଣ ଦେଖନ୍ତୁ, ସେହି କାରଣ ଯେଉଁଥି ଯୋଗୁଁ ସେ ବାସ କରିପାରନ୍ତି ନାହିଁ। ଆପଣ ସେତେବେଳେ ଏକ ମେଷଶାବକ ଥିଲେ; ମାତ୍ର ଯେତେବେଳେ ଆପଣ ଏକ ବିଲୁଆ ହୋଇଗଲେ, ତାହାଙ୍କୁ ତାଙ୍କର ଉଡ଼ାଣ ନେବାକୁ ପଡ଼ିଲା। ସେହି କପୋତ ସହିତ—ସହିତ—ସହିତ କିଛି ଭୁଲ୍ ନାହିଁ; ଏହା ତ ଆପଣ ଅଟନ୍ତି, ଏବଂ ସେହି...ଆପଣ ସେହି ଆତ୍ମାଙ୍କୁ ଆପଣଙ୍କ ପାଖକୁ ଆସିବାକୁ ଦିଅନ୍ତି। "ଭାଇ ବ୍ରାନହାମ୍, କ'ଣ ମୁଁ ଏହାକୁ ଦେଇଥିଲି କି?" ହଁ, ଯେତେବେଳେ ଆପଣ ସେହି ପରଚର୍ଚ୍ଚାକୁ ଶୁଣିବାକୁ ଗଲେ, ଯେତେବେଳେ ଆପଣ ସେହି ମିଥ୍ୟାକୁ ଶୁଣିଲେ, ଯେତେବେଳେ ଆପଣ ଏହା କହିବାକୁ ଗଲେ, "ହଁ, ମୋ'ର ତାହା କରିବାକୁ ଏକ ଅଧିକାର ଅଛି!"

97 ଆପଣଙ୍କର କୌଣସି ଅଧିକାର ନାହିଁ! ଆପଣଙ୍କୁ ତ ଏକ ମୂଲ୍ୟରେ କ୍ରୟ କରାଯାଇଛି, ତାହା ହେଲା ପରମେଶ୍ୱରଙ୍କ ପୁତ୍ରଙ୍କର ମୂଲ୍ୟବାନ ରକ୍ତର ମୂଲ୍ୟ। ଆପଣଙ୍କର କୌଣସି ଆଇନଗତ ଅଧିକାର ନାହିଁ। ହାଲ୍ଲେଲୁୟା! ଆପଣଙ୍କର ଅଧିକାରଗୁଡ଼ିକ ଯାହା କେବଳ ଅଛି, ତାହା ହେଲା, ଇମ୍ମାନୁୟେଲ୍‌ଙ୍କ ଶିରାରୁ ଟଣାଯାଉଥିବା ରକ୍ତରେ ପରିପୂର୍ଣ୍ଣ ସେହି ନିର୍ଝର ନିକଟକୁ ଆସନ୍ତୁ, ଯେତେବେଳେ ପାପୀମାନେ ସେହି ବନ୍ୟାର ତଳେ ବୁଡ଼ ଲଗାନ୍ତି, ସେମାନଙ୍କର ସମସ୍ତ ଦୋଷୀ ଦାଗ ଧୌତ ହୋଇଯାଏ। ହଁ, ମହାଶୟ। ତାହାହିଁ ସେହି ଏକମାତ୍ର ଅଧିକାର ଯାହା ଆପଣଙ୍କର ଅଛି, ତାହା ହେଲା ପରମେଶ୍ୱରଙ୍କ ନିକଟରେ, ସମର୍ପଣ କରିଥିବା ସ୍ୱ-ଇଚ୍ଛା, ଆଉ ତା'ପରେ ସେହି ଦିନଠାରୁ ପରମେଶ୍ୱର କଢ଼ାଇ ନେଇ ଯାଆନ୍ତି। ସେହି କାରଣରୁ ହିଁ ସେହି ସଭାଗୁଡ଼ିକ ହୋଇଥାଏ...ସେହି କାରଣରୁ ହିଁ ଅନେକ ବିଚିତ୍ର ବିଷୟଗୁଡ଼ିକ ହୋଇଥାଏ। ପବିତ୍ରଆତ୍ମା ଏପରି ଗୋଟିଏ ସ୍ଥାନକୁ ଯିବେ, ପବିତ୍ରଆତ୍ମା କହନ୍ତି, "ଏହା ଠିକ୍ ନୁହେଁ। ସଭା ବନ୍ଦ କର, ଆଗକୁ ଯାଅ।" ଭାଇ, ମୁଁ ମଧ୍ୟ, ଏହାକୁ ବନ୍ଦ

କରିଦେବି, ଆଗକୁ ବଢ଼ିଯିବି । ତାହା ଠିକ୍ ଅଟେ, କାରଣ ଆପଣଙ୍କୁ ତ ପରମେଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବାକୁ ଅଛି । ଆଉ କେବଳ ଗୋଟିଏ ମାତ୍ର ଉପାୟରେ ପରମେଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ପରିଚାଳିତ ହୋଇପାରିବେ, ତାହା ହେଲା, ନମ୍ର ହୋଇ ରୁହନ୍ତୁ, ବହୁତ ଅଧିକ କିଛି ବିଷୟ ଜାଣନ୍ତୁ ନାହିଁ ।

98 "ଓଃ," ଆପଣ ଭାବନ୍ତି, "ମୁଁ ବହୁତ କିଛି ଜାଣେ ।" ହଁ, ଆପଣ ତ ନିଜର ମସ୍ତିଷ୍କକୁ ଏହିପରି ଭାବରେ ସବୁ ବିଷୟରେ କାର୍ଯ୍ୟକ୍ଷମ କରିଥା'ନ୍ତି ଆଉ ଏପରିକି ସୁଦ୍ଧା ଏହା ନିଜେ ମଧ୍ୟ କାମ କରିପାରେ ନାହିଁ । ଆପଣ ସମସ୍ତ ପୁସ୍ତକମାନ ଏବଂ ସମସ୍ତ ଉତ୍ତରଗୁଡ଼ିକ, ଆଉ ସମସ୍ତ ଗ୍ରୀକ୍ ଏବଂ ସମସ୍ତ ଏବ୍ରୀ ଭାଷା ଜାଣନ୍ତି, ମାତ୍ର ସେହି କପୋତକୁ ବସା କରିବା ନିମନ୍ତେ କୌଣସି ସ୍ଥାନ ରଖି ନ ଥା'ନ୍ତି । ତାହା ଠିକ୍ । ମାତ୍ର ଆପଣ ସବୁ ବିଷୟ ଜାଣିଥା'ନ୍ତି, ତା' ପରେ ସେହି କପୋତ ନେତୃତ୍ୱ ନେଇପାରେ ନାହିଁ, କାରଣ ଆପଣ ବହୁତ ଅଧିକ ଜାଣିଥା'ନ୍ତି ।

99 ସେହି ମେଷଶାବକ କିଛି ଜାଣିଛନ୍ତି ବୋଲି ଦାବି କରନ୍ତି ନାହିଁ । ତାହାଙ୍କର ନେତୃତ୍ୱ କରିବା ପାଇଁ ତାହାଙ୍କୁ ନିଜ ସହିତରେ ଅନ୍ୟ କାହାରିକୁ ରଖିବା ଆବଶ୍ୟକ ଅଟେ । ମହିମା ହେଉ! ଏହାହିଁ ଅଟେ । କିଛି ଜାଣନ୍ତି ନାହିଁ! ଆମେନ୍ । କେବଳ ଗୋଟିଏ ବିଷୟ ମୁଁ ଜାଣେ, ତାହା ହେଲା, ଖ୍ରୀଷ୍ଟ ଯୀଶୁ ମୋତେ ଉଦ୍ଧାର ଦେବା ପାଇଁ ମରିଥିଲେ ।

100 ତଳେ କାଲିଫର୍ଣ୍ଣିଆ ଦେଇ ଜଣେ ଲୋକ ଆସୁଥିଲା, ତାଙ୍କର ସମ୍ମୁଖ ଭାଗରେ ଏକ ଚିହ୍ନ ଲାଗିଥିଲା, କହୁଥିଲା, "ମୁଁ ଖ୍ରୀଷ୍ଟଙ୍କ ପାଇଁ ମୂର୍ଖ ଅଟେ," ଏବଂ ପଛ ପଟେ କହୁଥିଲା, "ଆପଣ କାହାର ମୂର୍ଖ ଅଟନ୍ତି?" ତାହା ଠିକ୍ । ଜଗତ ପାଇଁ, ଏକ ମୂର୍ଖ ହୁଅନ୍ତୁ, ଯେପରିକି ଆପଣ ପବିତ୍ରଆତ୍ମାଙ୍କ ଦ୍ୱାରା ପରିଚାଳିତ ହୋଇପାରନ୍ତି, 'କାରଣ ପରମେଶ୍ୱରଙ୍କ ପୁତ୍ର ଓ ପୁତ୍ରୀମାନେ ପବିତ୍ରଆତ୍ମାଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି । ରୋମୀୟ ୫:1, କହେ, "ଅତଏବ ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କଠାରେ ଅଛନ୍ତି ସେମାନଙ୍କ ପ୍ରତି ବର୍ତ୍ତମାନ କୌଣସି ଦଣ୍ଡାଜ୍ଞା ନାହିଁ, ଯେଉଁମାନେ ଶାରୀରିକ ଭାବାନୁସାରେ ଆଚରଣ ନ କରି, ବରଂ ଆତ୍ମିକ ଭାବାନୁସାରେ ଆଚରଣ କରିଥା'ନ୍ତି," ବିଲୁଆକୁ ଅନୁସରଣ ନ କରି, ବରଂ କପୋତକୁ ଅନୁସରଣ କରିଥା'ନ୍ତି । ଆମେନ୍ ।

101 ଡକ ଏକ ଗୀତ ଗାଇଥା'ନ୍ତି, "ପ୍ରତିଦିନ ମୋ'ର ମାର୍ଗକୁ ପରିପୂର୍ଣ୍ଣ କର ପ୍ରେମରେ, ଯେତେବେଳେ ମୁଁ ଚାଲେ ସ୍ୱର୍ଗୀୟ କପୋତ ସହିତରେ; ମୁଁ ସବୁବେଳେ ଯାଏ ଏକ ଗୀତ ଏବଂ ଏକ ହସ ସହିତରେ, ମୋ'ର ମାର୍ଗକୁ ପରିପୂର୍ଣ୍ଣ କର ପ୍ରେମରେ ।" ବ୍ରାନହାମ୍ ଟେବର୍ନେକଲ୍ ପାଇଁ, କିମ୍ବା ଅନ୍ୟ କୌଣସି ମଣ୍ଡଳୀ ପାଇଁ କିଅବା କୌଣସି ବ୍ୟକ୍ତିବିଶେଷଙ୍କ ପାଇଁ ଏହା କେତେ ଏକ ଶାନ୍ତିପୂର୍ଣ୍ଣ ଦିନ ହେବ, ଯେତେବେଳେ ସେମାନେ ଏକ ମେଷଶାବକ ହେବା ପାଇଁ ସେମାନଙ୍କର ଅଧିକାରଗୁଡ଼ିକୁ ହରାଇ ଦେବେ ।

"ଭାଇ ବ୍ରାନହାମ୍, ପ୍ରଶ୍ନଟି କ'ଣ?"

102 ଏକ ମେଷଶାବକକୁ ଫେରି ଆସନ୍ତୁ, ନମ୍ର ହେବାକୁ ଫେରି ଆସନ୍ତୁ, କିଛି ନ ଜାଣିବାକୁ ଫେରି ଆସନ୍ତୁ, କେବଳ ଖ୍ରୀଷ୍ଟଙ୍କଠାରେ ନିଜକୁ ସମର୍ପଣ କରିବାକୁ ଫେରି ଆସନ୍ତୁ । ଚେଷ୍ଟା କରନ୍ତୁ ନାହିଁ, କିଛି ଜାଣିବାକୁ ଚେଷ୍ଟା କରନ୍ତୁ ନାହିଁ । କେବଳ ନମ୍ର ଭାବରେ, ଶାନ୍ତ ଭାବରେ, ଦୀନ ଭାବରେ, ଭଦ୍ର ଭାବରେ ଚାଲନ୍ତୁ, ଏବଂ କପୋତ ଆପଣଙ୍କୁ କଢ଼େଇ ନେବ । ମାତ୍ର ଯେତେବେଳେ ବି ଆପଣ ଦେଖନ୍ତି...ସେହି ପରଚର୍ଚ୍ଚା ଆଲୋଚନାକୁ ଶୁଣିବାକୁ ଯାଆନ୍ତି, ଯେତେବେଳେ ବି ଆପଣଙ୍କର ସେହି କ୍ରୋଧ ବଢ଼ିବାକୁ ଯାଏ, ଯେତେବେଳେ ବି ଆପଣ ଏହା ଚିନ୍ତା କରିବାକୁ ଯାଆନ୍ତି ଯେ ଆପଣଙ୍କଠାରେ *ଏହା* କରିବାର ଓ *ତାହା* କରିବାର ଏକ ଅଧିକାର ଅଛି, ଠିକ୍ ସେତେବେଳେ କପୋତ ତା'ର ଉଡ଼ାଣକୁ ନେଇନିଏ ଓ ଦୂରକୁ ଚାଲିଯାଏ । ତା' ପରେ ତାହା ଆଉ ଆପଣଙ୍କ ପାଖରେ ନ ଥାଏ । ତେବେ, ମଣ୍ଡଳୀ, ଆଜି ସକାଳରେ ସେ ଆପଣଙ୍କଠାରୁ ବହୁତ ଦୂରରେ ନାହାଁନ୍ତି । ସେ ତ ଠିକ୍ ସେଠାରେ ଶାନ୍ତିର ଡ଼ାଳରେ ବସି, ଆପଣଙ୍କ ସ୍ୱଭାବର ପରିବର୍ତ୍ତନକୁ ଅପେକ୍ଷା କରି ରହିଛନ୍ତି । ଆମେନ୍ ।

103 ଆଜି ଆପଣଙ୍କୁ ଯାହା ଆବଶ୍ୟକ ଅଟେ ତାହା ହେଲା ଆପଣାର ସମସ୍ତ ଅଧିକାରଗୁଡ଼ିକୁ ସମର୍ପି ଦେବା, ଓ ପରମେଶ୍ୱର ଆପଣଙ୍କୁ ଶୁଆଇ ଦିଅନ୍ତୁ ଏବଂ ଆପଣଙ୍କର ସମସ୍ତ ଅଧିକାରଗୁଡ଼ିକୁ ଆପଣଙ୍କଠାରୁ କ୍ଷୁର କରିଦିଅନ୍ତୁ । ଆମେନ୍ । କ'ଣ ଆପଣ କଳ୍ପନା କରିପାରନ୍ତି ଯେ କପରି ଗୋଟିଏ ଛୋଟି ପୁରୁଣା ମେଣ୍ଢାଟିଏ, ଯାହାର ସମସ୍ତ—ସମସ୍ତ ପଶମ ତା'ର ଦେହ ଉପରେ ଝୁଲି ରହିଥାଏ? ତାହା ହେଉଛି ତା'ର ଅଧିକାରମାନ । ହଁ । "*ଧକାଏ, ଧକାଏ, ଧକାଏ* ।" ଥକି ଯାଇଥାଏ, ଆଉ ତା'ପରେ କ୍ଷୁର କରାଯିବା ମେଜ ଉପରେ କେବଳ ପଡ଼ି ରହିଥାଏ । ସେମାନେ ଜାଣନ୍ତି ଯେ ତାହା ପାଇଁ କ'ଣ ସର୍ବୋତ୍ତମ ଅଟେ । ତାହାଠାରୁ ତା'ର ସମସ୍ତ ଅଧିକାରଗୁଡ଼ିକ ନେଇ ଯାଆନ୍ତି ଓ ତାହାସବୁ କ୍ଷୁର କରିଦିଅନ୍ତି, ସେ କେତେ ଶାନ୍ତ ଏବଂ ହାଲୁକା ହୋଇ ଦୌଡ଼ିଥାଏ । ମୋ'ର ପ୍ରଭୁ, ମୋ'ର ପ୍ରଭୁ, ସେ ଆନନ୍ଦିତ ଅଟେ, ଏବଂ ଚାରିଆଡ଼େ ଡେଇଁଥାଏ ଏବଂ ତା'ର ଏକ ବଡ଼ ସମୟ ଚାଲିଥାଏ । ହଁ, ଆଜ୍ଞା । ଯଦି ଆପଣ ନିଜର ଅଧିକାରଗୁଡ଼ିକ ଦେଇ ଦେବେ, ତେବେ ତାହା ହିଁ ଅଟେ ଯାହାକି ଆପଣ ପାଇବେ । ମାତ୍ର ଆପଣଙ୍କୁ ତ ନିଜର ଅଧିକାରଗୁଡ଼ିକୁ ହରାଇବାକୁ ହେବ ଏବଂ ଏହା ହେଉ ଯେ ପରମେଶ୍ୱରଙ୍କ ବାକ୍ୟ ଆପଣଙ୍କଠାରୁ ସମସ୍ତ ଜଗତକୁ କ୍ଷୁର କରି ବାହାର କରି ଦେଉ, ଜଗତର ସମସ୍ତ ଅଭ୍ୟାସଗୁଡ଼ିକୁ ଦୂର କରି ଦେଉ, ଆଉ ତା'ପରେ ଆପଣ ଖ୍ରୀଷ୍ଟଙ୍କଠାରେ ଏକ ନୂତନ ସୃଷ୍ଟି ହୋଇଯା'ନ୍ତି ।

104 ଏଠାରେ କିଛି ସମୟ ପୂର୍ବରୁ, ଆଫ୍ରିକାରେ, ମୁଁ ଜଣେ ବୃଦ୍ଧ ସାଧୁଙ୍କ ସହିତ—ସହିତ କଥାବାର୍ତ୍ତା ହେଉଥିଲି । ସେ କହିଲେ, "ଭାଇ ବ୍ରାନହାମ୍, ମୁଁ ଜାଣେ ଯେ ଆପଣ ପରମ ଅଲୌକିକରେ ବିଶ୍ୱାସ କରନ୍ତି ।"

ମୁଁ କହିଲି, "ନିଶ୍ଚିତରେ, ମୋ'ର ଭାଇ ।"

105 ସେ କହିଲେ, "ବହୁ ବର୍ଷ ପୂର୍ବେ ମୁଁ ଭାବୁଥିଲି ଯେ ମୁଁ ଜଣେ କିଛି ଗୋଟାଏ ଥିଲି ।" କହିଲେ, "ମୁଁ ଭାବୁଥିଲି ଯେ ମୁଁ ପ୍ରକୃତରେ ଜଣେ ଖ୍ରୀଷ୍ଟିଆନ ଥିଲି ।" ଆଉ ସେ କହିଲେ,

"ତା' ପରେ ଆମର ଗୀର୍ଜାରେ...ମୋତେ ଏକ ପାହାଡ଼ ଚଢ଼ିବାକୁ ପଡୁଥିଲା, ଯେଉଁଠାରେ ମୁଁ ମୋ'ର ଛୋଟ କାରଟିକୁ ଅଟକାଇ ଦେଉଥିଲି।" ଏବଂ କହିଲେ, "ମୋତେ ଏକ ପାହାଡ଼ ଚଢ଼ିବାକୁ ପଡୁଥିଲା ପ୍ରାୟଃ, ଓଃ, ତିନି କିମ୍ବା ଚାରିଶହ ପାହା, ଆଉ ବୁଦାଗୁଡ଼ିକର ଚାରିପଟେ ଓ ସେହିପରି ବିଷୟଗୁଡ଼ିକ ଦେଇ, ଉପରକୁ ଉଠିବାକୁ ପଡୁଥିଲା।" ଆଉ କହିଲେ, "ଆମର ସେଠାରେ ଉପରେ ପ୍ରାର୍ଥନା ସଭା ହେଉଥିଲା।" ଏବଂ କହିଲେ, "ମୁଁ ଭାବୁଥିଲି ଯେ ମୁଁ ପ୍ରକୃତରେ ଜଣେ ଖ୍ରୀଷ୍ଟିଆନ ଥିଲି।" ସେ କହିଲେ, "ମୁଁ ସମସ୍ତ ବାଇବଲ ଜାଣିଥିଲି। ମୁଁ ସମସ୍ତ ଏବ୍ରୀ ଭାଷା ଅଧ୍ୟୟନ କରିଥିଲି। ମୁଁ ଶବ୍ଦଗୁଡିକର ସମସ୍ତ ସଠିକ୍ ଉଚ୍ଚାରଣମାନ ଅଧ୍ୟୟନ କରିଥିଲି।" ଆଉ କହିଲେ, "ଯେକେହି ମୋ' ପାଖକୁ ଆସିଲେ, ମୁଁ ପାରୁଥିଲି" [ଭାଇ ବ୍ରାନହାମ୍ ତାଙ୍କର ଆଙ୍ଗୁଳି ଟିପନ୍ତି—ଅନୁ।] "ସେମାନଙ୍କ ସହିତ ବାଇବଲ ବିଷୟରେ ସେହିପରି କଥାବାର୍ତ୍ତା ହୋଇ ପାରୁଥିଲି। ମୁଁ ଜାଣିଥିଲି ଯେ ମୁଁ କେଉଁ ବିଷୟରେ କଥା କହୁଅଛି।" ସେ କହିଲେ, "ଦିନେ ରାତ୍ରିରେ ମୁଁ ଗୀର୍ଜାକୁ ଯାଉଥିଲି। ଆମ ମଣ୍ଡଳୀରେ ବହୁତ ବିବାଦ ଲାଗି ରହିଥିଲା।" କହିଲେ, "ସେଠାରେ ପରସ୍ପର ବିରୁଦ୍ଧରେ ଛୋଟ ଦଳଗୁଡ଼ିକ ଗଠନ ହୋଇଥିଲା। ଆପଣ ଜାଣନ୍ତି ଯେ ସେମାନେ କିପରି ଭାବରେ ଉଠି ଥାଆନ୍ତି।"

ମୁଁ କହିଲି, "ହଁ, ଆଜ୍ଞା।"

106 ସେ କହିଲେ, "ପାହାଡ଼ ଉପରକୁ ଯିବା ମୋ'ର ମାର୍ଗରେ, ମୁଁ ଚାଲି ଯାଉଥିଲି, ଏବଂ ତତ୍‌କ୍ଷଣାତ୍ ହିଁ ମୁଁ ସଚେତନ ହେଲି ଯେ କେହି ଜଣେ ମୋତେ ଅନୁସରଣ କରୁଥିଲା।" ଆଉ ସେ କହିଲେ, "ମୁଁ ଭାବିଲି ଯେ ମୁଁ ତାଙ୍କ ପାଇଁ ଟିକିଏ ଅପେକ୍ଷା କରିଯିବି ସେ ଯେକେହି ବି ହୁଅନ୍ତୁ, ଯେ ତାଙ୍କ ସଙ୍ଗେ ମିଶିଯିବି, ଆଉ ମୁଁ ସେମାନଙ୍କ ସହିତରେ ଅଳ୍ପ ଟିକିଏ କଥାବାର୍ତ୍ତା ହେବି ଯେତେବେଳେକି ଆମେ ଏକ ସଙ୍ଗରେ ମିଶି ରାସ୍ତାରେ ଉପରକୁ ଯାଉଥିବୁ।" ଆପଣ ଜାଣନ୍ତି, ଯେ ତାହା ଏକ ପ୍ରକାର ଉତ୍ତମ ବିଷୟ ଅଟେ, ଆପଣ ଟିକିଏ ସମୟ ଅପେକ୍ଷା କରିଯା'ନ୍ତି। ଆଉ କହିଲେ, "ଯେତେବେଳେ ମୁଁ ପାହାଡ଼ ଉପରକୁ ଚଢୁଥିଲି," କହିଲେ, "ମୁଁ ଉପରକୁ ଆସିଲି। ଜଣେ ଲୋକ ପାହାଡ଼ ଉପରକୁ ଆସିଲେ," ଆହୁରି କହିଲେ, "ତା'ର ପିଠିରେ ଏକ ବଡ଼ ପୁଟୁଳି ଥିଲା ଯାହାକି ସେହି ଲୋକଠାରୁ ବହୁତ ଅଧିକ ବଡ଼ ଥିଲା।" ଆଉ କହିଲେ, "ସେ କେବଳ ଧକାଉଥିଲେ ଏବଂ ଜୋର୍ ନିଶ୍ୱାସ ଫୁଙ୍କୁଥିଲେ, ଏବଂ ଛୋଟ ଛୋଟ ପାଦ ପକାଇ, ଉପରକୁ ଉଠିବାକୁ ଚେଷ୍ଟା କରୁଥିଲେ। ଆଉ ମୁଁ ପଚାରିଲି, 'ବନ୍ଧୁ, କ'ଣ ମୁଁ ଆପଣଙ୍କର ଏହି ଭାରକୁ ପାହାଡ଼ ଉପରକୁ ନେଇ ଯିବାରେ ସାହାଯ୍ୟ କରିପାରେ କି?' ସେ ଉତ୍ତର ଦେଲେ, 'ନା, ମୋତେ ହିଁ ଏହାକୁ ନେଇଯିବାକୁ ଅଛି।'" କହିଲେ, "ମୁଁ ତାଙ୍କର ହାତକୁ ଅନାଇଲି," କହିଲେ, "ମୁଁ ସେତେବେଳେ ଜାଣିଲି ଯେ ତାହା ଏକ ଦର୍ଶନ ଥିଲା। ତାଙ୍କ ହାତରେ କ୍ଷତ ଦାଗଗୁଡ଼ିକ ଥିଲା।" କହିଲେ, "ମୁଁ ତଳେ ପଡ଼ିଗଲି, ଆଉ ମୁଁ କହିଲି, 'ପ୍ରଭୁ, କ'ଣ ତୁମେ ସେହି ଅଖା ଭିତରେ ଜଗତର ପାପଗୁଡ଼ିକୁ ବହିନେଇ ଯାଉଛ କି? ' ସେ ଉତ୍ତର ଦେଲେ, 'ନା, ମୁଁ ତ କେବଳ ତୁମର ବହିନେଇ ଯାଉଛି। କେବଳ ତୁମକୁ ପାହାଡ଼ ଉପରକୁ ନେଇ ଯାଉଅଛି, ଯେପରିକି ତୁମେ ଠିକ୍ ଉଠି ପାର।'"

107 ତାହା ଠିକ୍ ସେହି ପ୍ରକାରେ ହିଁ ଅଟେ। ଯଦି ଆମେ କେବଳ ଚାରିପାଖକୁ ଅନାଇବା, ଆମେ ଏହା ପାଇବା ଯେ ସେ ଆମର ବହିନେଇ ଯାଉଛନ୍ତି। କ'ଣ ଏହା ଆପଣଙ୍କୁ ନ୍ୟୁନ ଅନୁଭବ କରାଏ ନାହିଁ କି? ଆମର ଦୁଷ୍ଟ, ନିଷ୍ଠୁର ହୃଦୟ, କେବଳ ଏଇଥି ପାଇଁ ଯେ ଆମେ ତାହା କରିପାରୁ!

108 ଏଠାରେ କିଛି ସମୟ ପୂର୍ବେ ମୁଁ ଶିକାର କରୁଥିଲି। ଯେପରିକି ଆପଣମାନେ ଜାଣନ୍ତି, ମୁଁ ଶିକାର କରିବାକୁ ଭଲ ପାଏ। ଆଉ ସେହି ଦେଶରେ ଜଣେ ଦୁଷ୍ଟ ଲୋକ ଥିଲେ, ସେ ଜଣେ ଦୁଷ୍ଟ ବ୍ୟକ୍ତି ଥିଲେ। ଆଉ ସେ ମୋ'ର ପରିହାସ କରୁଥିଲେ କାରଣ ମୁଁ ହରିଣୀ ଏବଂ ହରିଣ ଶାବକମାନଙ୍କୁ ଗୁଳି ମାରୁ ନ ଥିଲି। ମୁଁ କହୁଥିଲି, "ଏହା ଜଘନ୍ୟ ଅଟେ।" ମୁଁ କହୁଥିଲି, "ଆପଣ କାହିଁକି ଜଣେ ବାସ୍ତବିକ, ସଫା ସୁତୁରା ଶିକାରୀ ହେଉ ନାହାଁନ୍ତି ଏବଂ ସେହି ବୟସ୍କ ନର ହରିଣମାନଙ୍କୁ ଓ ସେହି ଜନ୍ତୁମାନଙ୍କୁ ଶିକାର କରୁ ନାହାଁନ୍ତି ଯାହାକି ବୃଦ୍ଧ ଏବଂ ମରିବା ଉପରେ ଥାଆନ୍ତି? ପରମେଶ୍ୱର ସେମାନଙ୍କୁ ଆମକୁ ଦେଇଛନ୍ତି। ଏହା ହେଉ ଯେ ସେହି ଯୁବା ମାତାମାନେ ଏବଂ ବିଷୟମାନ..."

109 ସେ କହିଲେ, "ଆହା, ତୁମେ କୁକୁଡ଼ା-ହୃଦୟ, ପ୍ରଚାରକ!" ମୋତେ ତାହା ସେହିପରି କହି ଚାଲିଲେ।

110 ମୁଁ କହିଲି, "ତେବେ, ଦେଖନ୍ତୁ, ଯଦି ମୁଁ କ୍ଷୁଧିତ ଥିବି ଆଉ ମୁଁ ସେହି ହରିଣ ଶାବକମାନଙ୍କ ମଧ୍ୟରୁ ଗୋଟିଏ ଚାହିଁବି, ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ମୋତେ ତାହା ପ୍ରାପ୍ତ କରିବାକୁ ଦେବେ। ମାତ୍ର କେବଳ ଚତୁର ଦେଖାଇବା ପାଇଁ ତା'କୁ କେବଳ ଗୁଳି କରିବା," ତେବେ, ସେ ତ ଏକ ଗାଡ଼ି ଭର୍ତ୍ତି କରିଦେବେ। ଆଉ ସେ ଗଲେ ଓ ଏକ ଡାକରା ଶବ୍ଦ କଲେ, ଏକ ପ୍ରକାର ଶିଟି ଥିଲା, ଆଉ ସେ ସେହି ଶିଟିକୁ ବଜାଇ ପାରୁଥିଲେ ଏବଂ ଠିକ୍ ସେପରି ଶବ୍ଦ କରି ପାରୁଥିଲେ ଯେପରିକି ଏକ ହରିଣ ଶାବକ ଡାକ ଦେଇଥାଏ। ଦିନେ ଆମେ ଏକାଠି ବୁଦା ଭିତରେ ଥିଲୁ। ମୁଁ ତାଙ୍କୁ ଲଜ୍ଜା ଦେଲି, ମୁଁ କହିଲି, "ମୁଁ ମୋ' ନିଜ ପାଇଁ ଲଜ୍ଜିତ ଅଟେ।" ଗୋଟିଏ ଥରରେ ଆଠଟି କିମ୍ବା ଦଶଟି ହରିଣ ଶାବକମାନଙ୍କୁ ହତ୍ୟା କରି ଦେଇଥା'ନ୍ତେ, ଯଦି ସେ ପାରିଥାନ୍ତେ, କରିଥା'ନ୍ତେ ଓ ସବୁକିଛି, କେବଳ ଚତୁର ଦେଖାଇବା ପାଇଁ, ବୋଧହୁଏ ପଛ ଗୋଡ଼ର ଭାଗକୁ କାଟି ଦିଅନ୍ତେ ଓ ବାକି ଅଂଶକୁ ସେଠାରେ ଛାଡ଼ି ଦିଅନ୍ତେ। ମୁଁ କହିଲି, "ଆପଣଙ୍କୁ ତାହା କରିବା ଉଚିତ୍ ନୁହେଁ।"

"ଆହା," କହିଲେ, "ତୁମେ ପ୍ରଚାରକମାନେ ଅତ୍ୟଧିକ କୁକୁଡ଼ା-ହୃଦୟର ଅଟ!"

111 ଦିନେ ସେ ବୁଦା ଭିତରେ ପଛଆଡ଼େ ଛିଡ଼ା ହୋଇଥିଲେ, ସେ ଏହି ଶିଟିକୁ ଧରିଥିଲେ ଏବଂ ସେ ଜୋର୍ ଶବ୍ଦ କଲେ, ଆଉ ତାହା ଏକ ହରିଣ ଶାବକ କାନ୍ଦୁଥିବା ପରି ଶବ୍ଦ ଶୁଣାଗଲା। ଠିକ୍ ଯେତେବେଳେ ସେ ତାହା କଲେ, ଗୋଟିଏ ସୁନ୍ଦର ହରିଣୀ ତା'ର ମୁଣ୍ଡକୁ ଟେକି, ପଦାକୁ ବାହାରି ଆସିଲା। ଆପଣ ତା'ର ବଡ଼ ବଡ଼ ବାଦାମୀ ଆଖିଗୁଡ଼ିକୁ ଚାହୁଁଥିବାର ଦେଖିପାରନ୍ତି। ସେ ଆଶ୍ଚର୍ଯ୍ୟ କରୁଥିଲା। ସେ ଚାରିଆଡ଼େ ଅନାଉଥିଲା। ଶିକାରୀ ଉପରକୁ ଉଠିଲା, ସେହି

ହରିଣୀକୁ ଗୁଳି ମାରିବା ପାଇଁ ତା'ର ବନ୍ଧୁକକୁ ନେଲା । ଆଉ ସେହି ହରିଣୀ ଶିକାରୀକୁ ଦେଖି ପକାଇଲା । ମାତ୍ର, ଆପଣ ଜାଣନ୍ତି କ'ଣ, ସେହି ହରିଣ ଶାବକର ସେହି ଚିତ୍କାର, ସେ ହରିଣୀ ସେହି ବନ୍ଧୁକକୁ ଲକ୍ଷ୍ୟ କଲା ନାହିଁ । ସେ ସେହି ଶିଶୁକୁ ଖୋଜୁଥିଲା; ତାହା ସଙ୍କଟରେ ଥିଲା । ଆପଣ ଜାଣନ୍ତି, ବାସ୍ତବିକ ମାତୃତ୍ୱ ଏବଂ ମାତୃ ପ୍ରେମର ସେହି ପ୍ରଦର୍ଶନକୁ, ଯେ ସେ ନିଜ ମୁଖ ଆଗରେ ସେହି ବନ୍ଧୁକକୁ ମଧ୍ୟ ସମ୍ମୁଖୀନ ହୋଇଯିବ, ମୃତ୍ୟୁ ନିମନ୍ତେ, ସେହି ବନ୍ଧୁକର ନଳୀରେ ମଧ୍ୟ ଦେଖି ରହିଥିଲା । ଆପଣ ଜାଣିଛନ୍ତି କି, ସେହି ପ୍ରଦର୍ଶନଟି ଏତେ ମହାନ୍ ଥିଲା, ଯେ ଏହା ସେହି ଶିକାରୀର ହୃଦୟକୁ ସ୍ପର୍ଶ କଲା, ସେ ତା'ର ବନ୍ଧୁକକୁ ଫିଙ୍ଗି ଦେଲେ! ସେ ପଛକୁ ଦୌଡ଼ିଲେ ଓ ମୋତେ ବାହୁରେ ଧରି ପକାଇ, ସେ କହିଲେ, "ବିଲି, ମୋ' ପାଇଁ ପ୍ରାର୍ଥନା କର, ମୋ'ର ଏହା ଯଥେଷ୍ଟ ହେଲା!" ଯେତେବେଳେ ସେ ମାଆର ବୀରତ୍ୱର ସେହି ପ୍ରଦର୍ଶନକୁ ଦେଖିଲେ!

112 ଓଃ, ଯେତେବେଳେ ଜଗତ ପରମେଶ୍ୱରଙ୍କ ପ୍ରେମର ପ୍ରଦର୍ଶନକୁ ଦେଖେ, ଏବଂ ଆମର ମାନବ ହୃଦୟରେ ସେହି ସାହାସକୁ ଦେଖେ, ତାହା କି ଏକ ପାର୍ଥକ୍ୟ ହେବ । ଯେତେବେଳେ ଆମେ ପରମେଶ୍ୱରଙ୍କ କପୋତକୁ ଆମ ହୃଦୟ ଭିତରକୁ ଆସିବାକୁ ଦେଉ ଏବଂ ଆମକୁ କୋମଳ କରିବାକୁ ଦେଉ, ଆମକୁ ନମ୍ର କରିବାକୁ ଦେଉ ।

113 ସେଠାରେ ସେହି ଖୋଲା ମେଲା ଝାଟି ମାଟିର ତମ୍ବୁ ସଭାରେ, ମୁଁ ସେଠାରେ ଛିଡ଼ା ହୋଇ ସେହି ବୃଦ୍ଧ ବାଳକ ପାଇଁ ପ୍ରାର୍ଥନା କଲି, ମୁଁ ତାଙ୍କୁ ପ୍ରଭୁ ଯୀଶୁଙ୍କ ନିକଟକୁ କଢ଼େଇ ନେଲି । ସେହି ସମୟଠାରୁ, ସେ ଜଣେ ଭଲ, ସଫା ସୁତୁରା ଶିକାରୀ ହେଲେ ।

114 ନିଶ୍ଚିତରେ, ସେ ଭାବୁଥିଲେ ଯେ ତାଙ୍କର ଏକ ଅଧିକାର ଅଛି, ତାଙ୍କର ଯାହା ଇଚ୍ଛା ହେବ ସେ ତାହା କରିବେ । "ସେମାନେ ସବୁ ମୋ' ସ୍ଥାନରେ ଅଛନ୍ତି, ସେମାନଙ୍କର ଯେତେବେଳେ ଇଚ୍ଛା ସେମାନେ ସେଠାରେ ତଳେ ମୋ'ର ଆଲ୍‌ଫାଲ୍‌ଫା ଘାସ ଖାଉଛନ୍ତି ।"

115 ମୁଁ କହିଲି, "ତାହା ଠିକ ଅଟେ, ମାତ୍ର ତାହା କରିବା ଅମାନବୀୟ ଅଟେ ।" ଆପଣଙ୍କୁ ତ ଆପଣଙ୍କର ଅଧିକାରଗୁଡ଼ିକୁ ହରାଇବାକୁ ଥାଏ । ହେ ପରମେଶ୍ୱର, ଦୟା କର, ଯେପରିକି ଆମେମାନେ ତାହା କରିବା ।

116 ଏଠାରେ କିଛି ସମୟ ପୂର୍ବେ, ବୋଧେ, ଓଃ, ପ୍ରାୟଃ ଶହେ ବର୍ଷ ପୂର୍ବେ, ଯୁକ୍ତରାଷ୍ଟ୍ରର ଦକ୍ଷିଣ ପଶ୍ଚିମାଞ୍ଚଳରେ ଜଣେ ମହାନ ଖ୍ରୀଷ୍ଟିଆନ ବ୍ୟକ୍ତି ବାସ କରୁଥିଲେ । ତାଙ୍କର ନାମ ଡାନିଏଲ୍ କରୀ ଥିଲା, ଜଣେ ଅଦ୍ଭୁତ ବ୍ୟକ୍ତି, ଜଣେ ପରମେଶ୍ୱର ପରାୟଣ ବ୍ୟକ୍ତି, ଜଣେ ସାଧୁ ବ୍ୟକ୍ତି ଥିଲେ, ଜଣେ ବାସ୍ତବିକ ଖ୍ରୀଷ୍ଟିଆନ, ଜଣେ ଏପରି ବ୍ୟକ୍ତି ଯାହାଙ୍କୁ ସମସ୍ତେ ବହୁତ ଉତ୍ତମ ଚିନ୍ତା କରୁଥିଲେ, ଏପରି ଜଣେ ଅଦ୍ଭୁତ ବ୍ୟକ୍ତି ଥିଲେ । ଆଉ କାହାଣୀଟି ଏପରି ଯେ, ସେ ମରିଗଲେ କିମ୍ବା ଏକ ଅବଚେତନ ଅବସ୍ଥା ମଧ୍ୟକୁ ଚାଲିଗଲେ, ଆଉ ସେ କହିଲେ...ଯେତେବେଳେ ସେ ସ୍ୱର୍ଗକୁ ଗଲେ, ଅବଶ୍ୟ, ଯେତେବେଳେ ସେ ମୃତ୍ୟୁବରଣ କଲେ । ଆଉ ଯେତେବେଳେ

ସେ ମଣିମୁକ୍ତାଖଚିତ ଦ୍ୱାରଗୁଡ଼ିକ ନିକଟରେ ପହଞ୍ଚିଲେ, ତଦାରଖକାରୀ ସେହି ଦ୍ୱାର ନିକଟକୁ ଆସିଲେ, ଏବଂ ପଚାରିଲେ, "ତୁମେ କିଏ?"

117 ସେ ଉତ୍ତର ଦେଲେ, "ମୁଁ ସୁସମାଚାର ପ୍ରଚାରକ, ଡାନିଏଲ୍ କରୀ, ମୁଁ ଖ୍ରୀଷ୍ଟଙ୍କ ପାଇଁ ହଜାର ହଜାର ପ୍ରାଣଗୁଡ଼ିକୁ ଜିଣିଅଛି। ଆଉ ମୁଁ...ମୁଁ ଆଜି ସକାଳେ ଭିତରକୁ ଆସିବାକୁ ଚାହୁଁଛି। ପୃଥିବୀରେ ମୋ' ଜୀବନ ଯାତ୍ରା ସମାପ୍ତ ହୋଇଛି, ମୋ' ପାଖରେ ବର୍ତ୍ତମାନ ଯିବା ପାଇଁ ଆଉ କୌଣସି ସ୍ଥାନ ନାହିଁ।"

118 ହେ ପାପୀ, କୌଣସି ଏକ ସକାଳରେ ଏହା ସେହିପରି ଭାବରେ ଆପଣଙ୍କ ପାଖକୁ ଆସୁଅଛି। ବିପଥ ଗମନକାରୀ, ଏହା ସେହିପରି ଭାବରେ ଆପଣଙ୍କ ପାଖକୁ ଆସୁଅଛି। ଏହା ସେହିପରି ଭାବରେ ଆପଣଙ୍କ ପାଖକୁ ଆସୁଅଛି ଯେଉଁମାନେକି ପବିତ୍ରଆତ୍ମାଙ୍କୁ ଦୁଃଖ ଦେଇ ତାହାଙ୍କୁ ନିଜଠାରୁ ଦୂର କରି ଦେଇଛନ୍ତି, ଏବଂ ଆଉ ଅଧିକ ଭଦ୍ର ଏବଂ କୋମଳ ନୁହଁନ୍ତି। ଆପଣ ଅନେକ ବର୍ଷ ହେଲା କାନ୍ଦି ନାହାଁନ୍ତି। ଆପଣ ଲଜ୍ଜିତ ହୋଇ ନାହାଁନ୍ତି, କାରଣ ମୁଁ ଜାଣେ ନାହିଁ କେବେ। ସମସ୍ତ ନମ୍ରତା ଆପଣଙ୍କଠାରୁ ଚାଲିଯାଇଛି। ନିଶ୍ଚିତ ଭାବରେ। ମାତ୍ର ଏହି ସକାଳମାନ ମଧ୍ୟରୁ ଗୋଟିଏରେ ଏହା ଆପଣଙ୍କ ଦ୍ୱାର ନିକଟକୁ ଆସିବାକୁ ଯାଉଅଛି। ଆଉ ଯେତେବେଳେ ସେହି କୋମଳ ପବିତ୍ରଆତ୍ମା ଆସନ୍ତି ଓ ଦ୍ୱାରକୁ ଆଘାତ କରନ୍ତି, ଆପଣ କାହିଁକି ତାହାଙ୍କୁ କେବଳ ଭିତରକୁ ଆସିବା ପାଇଁ ଦେଉ ନାହାଁନ୍ତି?

119 ଏଣୁ ଯେତେବେଳେ ଡାନିଏଲ୍ କରୀ ସେଠାରେ ଦ୍ୱାର ନିକଟକୁ—କୁ—କୁ ଆସିଲେ, ସେମାନେ ଭିତରକୁ ଗଲେ, ଓ କହିଲେ, "ଆମେ ଦେଖିବା ଯେ ତୁମର ନାମ ଏଠାରେ ଅଛି କି ନାହିଁ।" ସେମାନେ ଚାରିଆଡ଼େ ଦେଖିଲେ, ସେମାନେ କୌଣସି ନାମ ପାଇଲେ ନାହିଁ। କହିଲେ, "ନା, ଏଠାରେ କୌଣସି ଡାନିଏଲ୍ କରୀ ନାହିଁ।"

120 "ଓଃ," ସେ କହିଲେ, "ନିଶ୍ଚିତରେ!" କହିଲେ, "ମୁଁ ଜଣେ ସୁସମାଚାର ପ୍ରଚାରକ ଅଟେ।" ସେ କହିଲେ, "ମୁଁ ଖ୍ରୀଷ୍ଟଙ୍କ ପାଇଁ ପ୍ରାଣଗୁଡ଼ିକୁ ଜିଣିଅଛି।" କହିଲେ, "ମୁଁ ତାହା କରିବାକୁ ଚେଷ୍ଟା କରିଛି ଯାହା ଠିକ୍ ଅଟେ।"

121 ସେହି ତଦାରଖକାରୀ କହିଲେ, "ମହାଶୟ, ମୁଁ ଆପଣଙ୍କୁ କହିବା ପାଇଁ ଦୁଃଖିତ, ମାତ୍ର ଏଠାରେ କୌଣସି ଡାନିଏଲ୍ କରୀ ନାହିଁ।" କହିଲେ, "ମୁଁ ତୁମକୁ କହିବି ଯେ ତୁମେ କ'ଣ କରିପାର।" କହିଲେ, "ତୁମର ମାମଲା ନେବାକୁ ଆମ ପାଖରେ ଏଠାରେ କୌଣସି ଅଧିକାର ନାହିଁ।" ସେ ପଚାରିଲେ, "ମାତ୍ର କ'ଣ ତୁମେ ନିଜର ମାମଲାକୁ ଆବେଦନ କରିବାକୁ ଚାହୁଁଛ? ଯଦି ତୁମେ ଚାହୁଁଛ, ତେବେ ତୁମେ ଏହାକୁ ଶ୍ୱେତ ସିଂହାସନ ବିଚାରକୁ ଆବେଦନ କରିପାର।" ମାତ୍ର କହିଲେ, "ଏଠାରେ ଆମ ପାଖରେ ତୁମ ପାଇଁ, ଆଦୌ କୌଣସି ଦୟା ନାହିଁ, କାରଣ ଆମ ପାଖରେ ଏଠାରେ ତୁମର କୌଣସି ବିଷୟ ନାହିଁ। ତୁମ ପାଇଁ କୌଣସି ଦୟା ନାହିଁ।" କହିଲେ, "କ'ଣ ତୁମେ ନିଜର ମାମଲାକୁ ଆବେଦନ କରିବାକୁ ଚାହୁଁଛ କି?"

ସେ କହିଲେ, "ମହାଶୟ, ମୋ' ପାଖରେ ମାମଲାକୁ ଆବେଦନ କରିବା ବ୍ୟତିତ ମୁଁ ଆଉ ଅଧିକ କ'ଣ ବା କରିପାରେ?"

122 ସେ କହିଲେ, "ତେବେ, ଠିକ୍ ଅଛି, ତୁମେ ଶ୍ୱେତ ସିଂହାସନ ବିଚାରକୁ ଯାଇ ସେଠାରେ ନିଜର ମାମଲାକୁ ଆବେଦନ କରିପାର ।"

123 ଡାନିଏଲ୍ କରୀ କହିଲେ ଯେ ସେ ନିଜକୁ ପ୍ରାୟଃ ଗୋଟିଏ ଘଣ୍ଟା ଶୁନ୍ୟରେ ଗତି କରୁଥିବା ପରି ଅନୁଭବ କଲେ । ସେ କହିଲେ ଯେ ସେ ଏପରି ଏକ ସ୍ଥାନକୁ ଆସିଲେ, ଏହା ପ୍ରକାଶମୟ, ଟିକେ ପ୍ରକାଶମୟ, ଅଧିକ ଟିକେ ପ୍ରକାଶମୟ, ଆହୁରି ଅଧିକ ଟିକେ ପ୍ରକାଶମୟ ହେବାକୁ ଲାଗିଲା । କହିଲେ, ସେ ଯେତେ ଦୂରକୁ ଗଲେ, ସେତିକି ଅଧିକ ପ୍ରକାଶମୟ ହେବାକୁ ଲାଗିଲା । ଏହା କେବେ ସୂର୍ଯ୍ୟ ଚମକିବାଠାରୁ ଶହେ ଗୁଣ, ହଜାରେ ଗୁଣ ଅଧିକ ଉଜ୍ଜ୍ୱଳ ଥିଲା । ଏବଂ କହିଲେ ଯେ ସେ ଥର, ଥର ହୋଇ ଥରୁଥିଲେ । ଆଉ କହିଲେ, ଯେତେବେଳେ ସେ ସେହି ପ୍ରକାଶର ମଧ୍ୟଭାଗରେ ପହଞ୍ଚିଲେ, ସେ ଏକ ସ୍ୱରକୁ କହୁଥିବାର ଶୁଣିଲେ, "କ'ଣ ତୁମେ ପୃଥିବୀରେ ସିଦ୍ଧ ଥିଲ କି?" ଠିକ୍ ଗୋଟିଏ—ଗୋଟିଏ ପ୍ରକାଶରୁ ତାହା ଆସୁଥିଲା ।

ସେ ଉତ୍ତର ଦେଲେ, "ନା, ମୁଁ ସିଦ୍ଧ ନ ଥିଲି," ଥରି ଉଠିଲି ।

ପଚାରିଲେ, "କ'ଣ ତୁମେ ସବୁବେଳେ ସମସ୍ତଙ୍କ ସହିତ ସଚ୍ଚୋଟ ରହିଥିଲ କି?"

124 ଉତ୍ତର ଦେଲି, "ନା ।" (କହିଲେ, "ମୋ' ମନରେ କିଛି ବିଷୟଗୁଡ଼ିକ ଆସିଲା ଯାହା ବିଷୟରେ ମୁଁ ଠିକ୍ ସଚ୍ଚୋଟ ନ ଥିଲି ।") କହିଲି, "ନା, ମୁଁ—ମୁଁ—ମୁଁ ଅନୁମାନ କରୁଛି ଯେ ମୁଁ ସଚ୍ଚୋଟ ନ ଥିଲି ।"

ପଚାରିଲେ, "କ'ଣ ତୁମେ ତୁମ ଜୀବନରେ ପ୍ରତ୍ୟେକ ଥର, ସତ କହିଥିଲ କି?"

125 ଉତ୍ତର ଦେଲି, "ନା । ମୋ'ର ମନେ ପଡୁଛି ଯେ କେତେକ ବିଷୟ ଯାହା ମୁଁ କହିଛି, ତାହା ସନ୍ଦେହଜନକ ନ ଥିଲା...ତାହା ସନ୍ଦେହଜନକ ଥିଲା । ମୁଁ—ମୁଁ—ମୁଁ—ମୁଁ କଦାପି ଠିକ୍ ଅବିକଳ ଭାବେ ସଚ୍ଚୋଟ ନ ଥିଲି ।"

126 ପଚାରିଲେ, "ତେବେ, କ'ଣ ତୁମେ କେବେ ଏପରି କୌଣସି ବିଷୟ ନେଇଛ କି ଯାହା ତୁମର ନୁହେଁ, କିଛି ବି, ଟଙ୍କା, କୌଣସି ବସ୍ତୁ ଯାହା ତୁମର ନୁହେଁ?"

127 କହିଲେ ଯେ ସେ ଭାବୁଥିଲେ ଯେ ପୃଥିବୀରେ ସେ ବହୁତ ଭଲ ଥିଲେ, ମାତ୍ର ସେ ତ ଦୋଷୀ କରା ଯାଉଥିଲେ । ଉତ୍ତର ଦେଲି, "ନା । ନା, ମୁଁ ଏପରି କୌଣସି ବିଷୟ ନେଇ ନାହିଁ ଯାହା ମୋ'ର ନୁହେଁ ।"

ସେ କହିଲେ, "ତେବେ ତୁମେ ସିଦ୍ଧ ନ ଥିଲ ।" ସେ ଉତ୍ତର ଦେଲେ, "ନା, ମୁଁ ସିଦ୍ଧ ନ ଥିଲି ।"

128 କହିଲେ ସେ କୌଣସି ବି ମୁହୂର୍ତ୍ତରେ ସେହି ମହାନ୍ ପ୍ରକାଶଠାରୁ ଯେଉଁଠାରେକି ସେହି କପୋତ ବିଶ୍ରାମ କରୁଥିଲେ ଏକ ବୃହତ ବିସ୍ଫୋରଣକୁ ହେବାର ଅପେକ୍ଷା କରୁଥିଲେ, "ଦୋଷୀ ଅଟ!" କହିଲେ, ଠିକ୍ ସେତିକିବେଳେ ସେ ତାଙ୍କ ପଛରେ ଏକ ସ୍ୱର ଶୁଣିଲେ, ତାହା

ସେ କେବେ ଶୁଣିଥିବା କୌଣସି ମାତାଙ୍କ ସ୍ୱରଠାରୁ ମଧ୍ୟ ଅଧିକ ମଧୁର ଥିଲା । କହିଲେ ସେ ଦେଖିବା ପାଇଁ ବୁଲି ପଡ଼ିଲେ । ଆଉ ସବୁଠୁ ମଧୁର ମୁଖମଣ୍ଡଳ ଯାହା ସେ କେବେ ଦେଖିଥିଲେ, କୌଣସି ମାତାଙ୍କ ମୁଖ ଅପେକ୍ଷା ଅଧିକ ମଧୁର, ତାଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ । ଏବଂ କହିଲା ସେ କହିଲେ, “ପିତା, ଡାନିଏଲ୍ କରୀ ମୋ’ ପାଇଁ ପୃଥିବୀ ପୃଷ୍ଠରେ ଛିଡ଼ା ହୋଇଥିଲା । ଏହା ସତ ଅଟେ, ସେ ସିଦ୍ଧ ନ ଥିଲା, ମାତ୍ର ସେ ମୋ’ ପାଇଁ ଛିଡ଼ା ହୋଇଥିଲା । ପୃଥିବୀରେ ସେ ମୋ’ ପାଇଁ ଛିଡ଼ା ହୋଇଥିଲା, ବର୍ତ୍ତମାନ ମୁଁ ତାହା ପାଇଁ ସ୍ୱର୍ଗରେ ଛିଡ଼ା ହେବାକୁ ଯାଉଛି । ତା’ର ସମସ୍ତ ପାପକୁ ନେଇ ମୋ’ ଜମାଖାତାରେ ରଖି ଦିଅ ।”

129 ଭାଇ, ସେଦିନ ଆପଣଙ୍କ ପାଇଁ କିଏ ଛିଡ଼ା ହେବାକୁ ଯାଉଛନ୍ତି, ଭାଇ, ଯଦି ଆଜି ଆପଣ ତାହାଙ୍କୁ ଦୁଃଖିତ କରି ନିଜଠାରୁ ଦୂର କରି ଦେଉଛନ୍ତି? ମୁଁ ଆଉ ଅଧିକ ପ୍ରଚାର କରିପାରେ ନାହିଁ । ଆସନ୍ତୁ ଆମର ମସ୍ତକଗୁଡ଼ିକୁ ନତ କରିବା ।

130 ପ୍ରିୟ ପରମେଶ୍ୱର, ମୃତ୍ୟୁବରଣ କରୁଥିବା ପ୍ରିୟ ମେଷଶାବକ, ନମ୍ର, ଦୀନ, ସରଳ । ପକ୍ଷୀମାନଙ୍କର ବସା ଥିଲା, ଏବଂ କୋକୀଶିଆଳିମାନଙ୍କର ଗହ୍ୱର ଥିଲା, ମାତ୍ର ତୁମ୍ଭର ଏକ ସ୍ଥାନ ନ ଥିଲା, ଆଉ, ତଥାପି, ଠିକ୍ ମହିମାର ପ୍ରଭୁ ଥିଲ! ଯେତେବେଳେ ତୁମେ ଜନ୍ମ ହୋଇଥିଲ, ତୁମକୁ ପିନ୍ଧାଇବାକୁ ସେମାନଙ୍କ ପାଖରେ କୌଣସି ବସ୍ତ୍ର ନ ଥିଲା । ହେ ପରମେଶ୍ୱର, ତେବେ ମୋ’ର ବସ୍ତ୍ର ମୋ’ର କି ଲାଭ କରେ? ମୋ’ କାର ମୋତେ କି ଲାଭ ଦିଏ? ଏକ ସୁନ୍ଦର ଘର ମୋତେ କି ଲାଭ ଦିଏ? ସେଦିନ ଏହା କ’ଣ ଭଲ କରିବାକୁ ଯାଉଅଛି? ତୁମେ ବନ୍ଧୁହୀନ ଥିଲ; କେହି ତୁମ ସହିତ ବନ୍ଧୁତ୍ୱ କଲେ ନାହିଁ । କେହି ହେଲେ ତୁମକୁ ଏକ ସାହାଯ୍ୟର ହସ୍ତ ଦେବାକୁ ଚାହୁଁଥିବା ପରି ମନେ ହେଉ ନ ଥିଲା । ତୁମେ ସେଦିନ କହିଲ ତୁମେ କହିଲ, “ମୁଁ କ୍ଷୁଧିତ ଥିଲି, ତୁମେ ମୋତେ ଖାଇବାକୁ ଦେଲ ନାହିଁ । ମୁଁ ଉଲଗ୍ନ ଥିଲି, ତୁମେ ମୋତେ ପରିଧାନ କରିବାକୁ ବସ୍ତ୍ର ଦେଲ ନାହିଁ ।” ପ୍ରଭୁ, ଏହିସବୁ ବିଷୟ ଯାହା ଆମ ପାଖରେ ଅଛି ସେହିଦିନ ତାହା କି ଲାଭ ହେବାକୁ ଯାଉଅଛି? ଆସୁ ଆମେ ତୁମ ପାଇଁ ଛିଡ଼ା ହେଉ, ଯେପରିକି ଯେତେବେଳେ ସେହି ସମୟ ଆସେ ଆଉ ଆମେ ତାହାଙ୍କର ଉପସ୍ଥିତିରେ ଚାଲିକରି ଯାଉ, ସେହି ସର୍ବଶକ୍ତିମାନ, ସର୍ବବ୍ୟାପୀ, ସର୍ବ-…ହେ ପରମେଶ୍ୱର, ଯେତେବେଳେ ଆମେ ସେହି କପୋତକୁ ଶୁଣୁ, ଯିଏକି ତାହାଙ୍କର ଡେଣାଗୁଡ଼ିକୁ ସେହି ମହାନ ପ୍ରକାଶରେ ସ୍ଥାପିତ କରି ରହିଛନ୍ତି, ଏହା ସମସ୍ତ ଅନନ୍ତତା ଦେଇ ଝଲସି ଉଠିବ । ଯେତେବେଳେ, ତୁମେ ପ୍ରକାଶରେ ବାସ କରିଥାଅ!

131 “ଯେତେବେଳେ ମୋତେ ସେଠାରେ ଏକାକୀ ଛିଡ଼ା ହେବାକୁ ଥାଏ, ମୋ’ ଭାଇ ଚାଲିଯାଇଥିବ, ମୋ’ ପାଳକ ଚାଲିଯାଇଥିବେ, ମୋ’ ମାଆ ଚାଲିଯାଇଥିବ, ମୋ’ ବାପା ଚାଲିଯାଇଥିବେ, ମୋ’ ପତ୍ନୀ ଚାଲିଯାଇଥିବ, ମୋ’ ପିଲାମାନେ ଚାଲିଯାଇଥିବେ, ହେ ପରମେଶ୍ୱର, ସେତେବେଳେ, ମୁଁ କ’ଣ କରିବାକୁ ଯାଉଛି, ପ୍ରଭୁ? ସେତେବେଳେ ମୁଁ କ’ଣ କରିବାକୁ ଯିବି? ଆଉ ହୋଇପାରେ ଯେ ତାହା ଆଜି ରାତ୍ରି ସୂର୍ଯ୍ୟ ଅସ୍ତ ହେବା ପୂର୍ବରୁ ହେବ । ମାତ୍ର ମୁଁ କ’ଣ କରିବାକୁ ଯାଉଅଛି? ମୁଁ କ’ଣ କରିପାରେ? ହେ ଖ୍ରୀଷ୍ଟ, ମୁଁ ବର୍ତ୍ତମାନ ତୁମ ପାଇଁ

ଛିଡ଼ା ହେବି! ମୁଁ ଆଜି ମୋ'ର ପସନ୍ଦକୁ ନେବି । ଅନ୍ୟ ଲୋକମାନଙ୍କ ସମ୍ବନ୍ଧରେ ମୋ'ର ସମସ୍ତ କଥାବାର୍ତ୍ତା ଆଲୋଚନା ବିଷୟକୁ ମୁଁ ପରିତ୍ୟାଗ କରିଦେବି । ମୁଁ ମୋ'ର ସମସ୍ତ କ୍ରୋଧକୁ ପରିତ୍ୟାଗ କରିଦେବି । ମୁଁ ମୋ'ର ସମସ୍ତ ମନ ମାଳିନ୍ୟତାକୁ ପରିତ୍ୟାଗ କରିଦେବି । ମୁଁ ସବୁକିଛି ପରିତ୍ୟାଗ କରିଦେବି । ହେ ପ୍ରଭୁ, ମୋତେ କ୍ଷୁର କରିଦିଅ, ମୋ'ର ଯାହାକିଛି ଅଛି ସବୁ ବାହାର କରିଦିଅ । ହେ ପ୍ରଭୁ, ତୁମେ କେବଳ ମୋତେ ଗ୍ରହଣ କରିନିଅ । ମୁଁ—ମୁଁ—ମୁଁ ତୁମ ସ୍ଥାନରେ ଛିଡ଼ା ହେବାକୁ ଚାହେଁ । ମୁଁ କ୍ଷୁର କରାଯିବାକୁ ଚାହେଁ । ମୁଁ ଚାହେଁ ଯେ ସମସ୍ତ ସ୍ୱାର୍ଥ, ସମସ୍ତ ଗର୍ବ, ସମସ୍ତ ଉଦାସୀନତା, ସମସ୍ତ ବିଷୟକୁ କେବଳ ମୋ' ଠାରୁ ଦୂରେଇ ନିଆଯାଉ । ତା' ପରେ ମୁଁ ତୁମ ପାଇଁ ଏକ କ୍ଷୁର କରାଯାଇଥିବା ମେଷଶାବକ ପରି, ଛିଡ଼ା ହେବାକୁ ଚାହେଁ, ସେସମସ୍ତ ସୁଖକୁ ପରିତ୍ୟାଗ କରିବାକୁ ଇଚ୍ଛୁକ ହୋଇ ଯାହାସବୁ ସେମାନେ ଜୀବନର ସୁଖଭୋଗ ବୋଲି କହିଥା'ନ୍ତି, ସମସ୍ତ ନୃତ୍ୟ, ସମସ୍ତ ଭୋଜମାନ, ସମସ୍ତ ପୁରୁଣା ଅଶ୍ଳୀଳ ପୋଷାକମାନ, ସୌନ୍ଦର୍ଯ୍ୟ-ପ୍ରସାଧନ, ଓଷ୍ଠରଙ୍ଗ, ନଖପାଲିସ୍, ଏହି ସମସ୍ତ ଉଦାସୀନତା ଯାହା ଜଗତ ପରି ଦେଖାଯାଏ । ତୁମେ କହିଛ, 'ଜଗତ ପରି ଆଚରଣ ସୁଦ୍ଧା କର ନାହିଁ । ଜଗତ ସହିତ କୌଣସି ସମ୍ପର୍କ ରଖ ନାହିଁ । ସେମାନଙ୍କ ମଧ୍ୟରୁ ବାହାରି ଆସ!' ହେ ପରମେଶ୍ୱର! ମୋତେ ସାହାଯ୍ୟ କର, ପ୍ରଭୁ । ମୋତେ ଆଜି କ୍ଷୁର କରିଦିଅ । ମୋତେ ଗୋଟିଏ ମେଷଶାବକ ପରି ନିଅ ଏବଂ ହେଉ ଯେ ମୁଁ ମୂକ ଥାଏ, ମୋ'ର ପାଟି ଫିଟାଏ ନାହିଁ, ଏହା ବିଷୟରେ କିଛି କୁହେ ନାହିଁ, କେବଳ ଛିଡ଼ା ହୁଏ ଏବଂ କ୍ଷୁର ହୁଏ ।"

132 ହେ ପରମେଶ୍ୱର, ଏଥିରେ କି ପାର୍ଥକ୍ୟ ହେବ! ମୋ'ର ମନେ ଅଛି ଯେତେବେଳେ ତୁମେ ମୋତେ ଥରେ କ୍ଷୁର କରିଥିଲ, ମୋ' ପତ୍ନୀ, ମୋ' ଛୁଆ, ମୋ' ବାପା ଏବଂ ମୋ' ଭାଇଙ୍କୁ ନେଇଥିଲ । ତୁମେ ମୋତେ ସଫା କରି କ୍ଷୁର କରିଥିଲ । ତଥାପି, ମୋ' ହୃଦୟରେ, ମୁଁ ଜାଣିଥିଲି ଯେ ମୁଁ ତୁମକୁ ପ୍ରେମ କରେ । ତୁମେ ମୋତେ କିପରି ଆଶୀର୍ବାଦ କରିଛ! ତୁମେ କେତେ ଭଲ ରହି ଆସିଛ! ଯାହାସବୁ ମୁଁ ଅଛି, ଯାହାସବୁ ମୁଁ ହୋଇପାରେ, ଯାହାସବୁ କଦାପି ମୁଁ ହେବି; ଏହା ତୁମେ ଅଟ, ପରମେଶ୍ୱର, ଏହା ତୁମେ ଅଟ । ମୁଁ ମୋ'ର ଭୁଲଗୁଡ଼ିକୁ ସ୍ୱୀକାର କରେ, ମୁଁ ସ୍ୱୀକାର କରେ ଯାହାସବୁ ମୁଁ କେବେ କରିଛି କିମ୍ବା ଭାବିଛି । ହେ ପ୍ରଭୁ, ମୋତେ କେବଳ କ୍ଷୁର କରିଦିଅ, ମୁଁ ତୁମର ମେଷଶାବକ ହେବାକୁ ଚାହେଁ ।

133 କେବଳ ସେତିକି ନୁହେଁ, ପ୍ରଭୁ, ମାତ୍ର ଆଜି ସକାଳେ ଏଠାରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଅ, ପ୍ରତ୍ୟେକ ମେଣ୍ଢାକୁ, ଏବଂ ସେମାନଙ୍କୁ ନିଅ ଯେଉଁମାନେକି ମେଣ୍ଢା ହେବାକୁ ଇଚ୍ଛା କରନ୍ତି, ଆଜି ସକାଳେ, ହେ ପ୍ରଭୁ, ସେସମସ୍ତଙ୍କୁ କ୍ଷୁର କରିଦିଅ । ସେମାନଙ୍କର ଛୋଟ ଛୋଟ ପାଦଗୁଡ଼ିକୁ ସୁସମାଚାରର ଭଣ୍ଡାର ପାଖରେ ରଖିଦିଅ । ହେବାକୁ ଦିଅ ଯେ ପବିତ୍ରଆତ୍ମା ସେମାନଙ୍କୁ ବର୍ତ୍ତମାନ ପଶ୍ଚାତାପ ଆଡ଼କୁ କଢ଼େଇ ନିଅନ୍ତୁ, ସେମାନେ ଜାଣନ୍ତୁ ଯେ ସେମାନେ ପରମେଶ୍ୱରଙ୍କ ପ୍ରତି ଉଦାସୀନ ରହି ଆସିଛନ୍ତି । ଆଉ ଏହା ହେଉ ଯେ ସେ ସମସ୍ତ ଉଦାସୀନତାକୁ, ସମସ୍ତ ଜଗତକୁ ଏବଂ ଜଗତର ସମସ୍ତ ବିଷୟକୁ କ୍ଷୁର କରି ଅଲଗା କରି ଦିଅନ୍ତୁ । ହେ ପ୍ରଭୁ, ଆଜି ସକାଳେ ତୁମେ ଏହାସବୁକୁ କ୍ଷୁର କରି ଅଲଗା କରିଦିଅ, ଯେପରିକି

ଆମେ ତୁମ ସମ୍ମୁଖରେ ଶାନ୍ତ ଏବଂ ନୀରବ ଭାବେ ଛିଡ଼ା ହୋଇ ରହିପାରିବୁ, ନୂତନ-ଜନ୍ମ ପାଇଥିବା ଖ୍ରୀଷ୍ଟିଆନ ଭାବରେ । ହେ ପ୍ରଭୁ, ଏହାକୁ ପ୍ରଦାନ କର ।

134 ମୁଁ ତୁମକୁ ପ୍ରେମ କରେ । ମୁଁ ଯିବାକୁ ଚାହେଁ, ଏଥିରେ କିଛି ଯାଏ ଆସେ ନାହିଁ ଯେ ସେହି ପାଗ ଗରମ ଅଛି, ମୋତେ ତାହା ଭଲ ଲାଗୁଛି କି ନାହିଁ । ମୁଁ ଯିବାକୁ ଚାହେଁ । ମୁଁ ତୁମ ପାଇଁ ଛିଡ଼ା ହେବାକୁ ଚାହେଁ, କାରଣ ମୁଁ ଚାହେଁ ଯେ ସେଦିନ ତୁମେ ମୋ'ର ମାମଲା ସପକ୍ଷରେ କଥା କୁହ, ଏହା କୁହ, "ହଁ, ସେ ମୋ' ପାଇଁ ଛିଡ଼ା ହୋଇଥିଲା, ବର୍ତ୍ତମାନ ମୁଁ ତା' ପାଇଁ ଛିଡ଼ା ହେବି ।" ହେ ପରମେଶ୍ୱର, ଆଜି ଏହା ପ୍ରଦାନ କର ।

135 ଆଉ ଯେତେବେଳେ ପ୍ରତ୍ୟେକ ମସ୍ତକ ନତ ହୋଇଅଛି, ଏବଂ ପ୍ରତ୍ୟେକ ହୃଦୟ ନତ ହୋଇଅଛି । ମୁଁ ଆଜି ସକାଳେ ଆଶ୍ଚର୍ଯ୍ୟ କରେ ଯଦି ଏଠାରେ ଏପରି କେହି ଜଣେ ଥିବେ ଯିଏକି ଏହା ଅନୁଭବ କରନ୍ତି ଯେ ଆପଣ ନିଜର ମାର୍ଗ ନେବାକୁ ଚେଷ୍ଟା କରିଥିଲେ, ଆପଣ ଏହି ବିଷୟଗୁଡ଼ିକୁ ଏପରି କଲେ ଯାହାକି ଆପଣଙ୍କୁ କରିବାର ଉଚିତ୍ ନ ଥିଲା, ଆଉ ଆପଣ ଆଜି ସକାଳରେ ଏପରି ଅନୁଭବ କରନ୍ତି ଯେ ଆପଣ ଚାହାଁନ୍ତି ଯେ ସଦାପ୍ରଭୁ ଆପଣଙ୍କୁ ଠିକ୍ କ୍ଷୁର କରନ୍ତୁ, ଆଉ ଏପରି କରନ୍ତୁ ଯଥା, "ଆପଣଙ୍କୁ ଏକ ବାସ୍ତବିକ ମେଷଶାବକ କରନ୍ତୁ," କ'ଣ ଆପଣ ନିଜର ହାତ ଉଠାଇବେ କି? ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ । କେହି ଜଣେ କହିଲେ, "ହେ ପ୍ରଭୁ, ମୋତେ କ୍ଷୁର କରନ୍ତୁ, ମୁଁ ଛିଡ଼ା ହୋଇଅଛି । ମୁଁ ଏକ ମେଣ୍ଢା ଅଟେ । ମୁଁ ମୋ'ର ପାଟି ସୁଦ୍ଧା ଫିଟାଇବି ନାହିଁ, ମୁଁ ଚାହେଁ ଯେ ତୁମେ ମୋ' ଠାରୁ ସମସ୍ତ ଜଗତକୁ କାଟି ଦୂର କରି ଦିଅ ।" ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ପ୍ରିୟ ପୁତ୍ର । ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଭଉଣୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । "ହେ ପ୍ରଭୁ, ମୋତେ କ୍ଷୁର କରି ଦିଅ ।" ଭଉଣୀ ଗର୍ଟି । ଏବଂ ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଭଉଣୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । "ହେ ପ୍ରଭୁ, ମୋତେ ବର୍ତ୍ତମାନ କ୍ଷୁର କରି ଦିଅ । ମୁଁ—ମୁଁ ଚାହେଁ ଯେ ଜଗତର ସମସ୍ତ ବିଷୟ...ମୁଁ ଆଜି ସକାଳରେ ତୁମ ପାଇଁ ଛିଡ଼ା ହେବାକୁ ଚାହେଁ । ମୁଁ ଏକ କ୍ଷୁର କରାଯାଇଥିବା ମେଷ ପରି ଛିଡ଼ା ହେବାକୁ ଚାହେଁ । ମୁଁ ଚାହେଁ ଯେ ଜଗତର ସମସ୍ତ ବିଷୟବସ୍ତୁ ମୋ'ଠାରୁ କାଟି ଦୂର କରାଯାଉ । ମୁଁ ତୁମର ହେବାକୁ ଚାହେଁ ଏବଂ ତୁମେ ମୋର ହୁଅ । ପ୍ରଭୁ, କ'ଣ ତୁମେ ମୋତେ ଗ୍ରହଣ କରିବ, ଯେତେବେଳେ ମୁଁ ତୁମ ପାଇଁ ମୋ' ହାତକୁ ଉଠାଏ?" ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମହାଶୟ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମହାଶୟ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମହାଶୟ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମୁଁ ଆପଣଙ୍କର ଦେଖିପାରୁଛି । ମୋ' ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ

କରନ୍ତୁ । ହେ ଛୋଟ ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାହା ଉତ୍ତମ ଅଟେ । ମାଆ, ସେଠାରେ ପଛରେ ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଭଉଣୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାହା ଠିକ୍, କେବଳ ସଚ୍ଚୋଟ ରହିଥା'ନ୍ତୁ । "ମୁଁ ଚାହୁଁଛି ଯେ ପରମେଶ୍ୱର ମୋ' ଠାରୁ ସେସମସ୍ତ ବିଷୟକୁ ଦୂର କରି ନିଅନ୍ତୁ ଯାହା ଠିକ୍ ତାହାଙ୍କ ପରି ନୁହେଁ, କୌଣସି ସ୍ୱାର୍ଥପର ଉଦ୍ଦେଶ୍ୟ ଯାହା ମୋ'ର ରହିଅଛି, କୌଣସି ଉଦାସୀନତା ଯାହା ମୋ'ର ଅଛି । ମୁଁ ଚାହୁଁଛି ଯେ ଆଜି ସକାଳରେ, ସେ ମୋତେ ସବୁକିଛି ବିଷୟରେ କ୍ଷୁର କରି ଦିଅନ୍ତୁ । ମୁଁ ତାହାଙ୍କ ପରି ହେବାକୁ ଚାହେଁ । ମୋ'ର ସେଥିରେ କିଛି ଫରକ୍ ପଡ଼େ ନାହିଁ ଯେ ସେଗୁଡ଼ିକ ଅଧିକାର କି ନୁହେଁ; ମୋ'ର କୌଣସି ଅଧିକାର ହିଁ ନାହିଁ । କେବଳ ଗୋଟିଏ ଅଧିକାର ଅଛି, ଏବଂ ତାହା ହେଉଛି, ତାହାଙ୍କ ନିକଟକୁ ଆସିବା । ବାକି ସବୁ ସେ ଅଧିକାର କରନ୍ତି ।"

136 କ'ଣ ଏଠାରେ ଜଣେ ଏପରି ପାପୀ ଅଛନ୍ତି ଯିଏକି ଥରେ ହେଲେ କେବେ ଖ୍ରୀଷ୍ଟଙ୍କୁ ସ୍ୱୀକାର କରିନାହାଁନ୍ତି, କଦାପି ଉଦ୍ଧାର କରା ଯାଇନାହାଁନ୍ତି, ଏବଂ ଆପଣ ଚାହାଁନ୍ତି ଯେ ଆଜି ସକାଳେ ଏହି ପ୍ରାର୍ଥନାରେ ଆପଣଙ୍କୁ ସ୍ମରଣ କରାଯାଉ, ହେ ପାପୀ ବନ୍ଧୁ, କ'ଣ ଆପଣ ନିଜର ହାତ ଉଠାଇବେ କି? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଆଉ ଜଣେ କେହି ନିଜର ହାତ ଉଠାନ୍ତୁ, କୁହନ୍ତୁ, "ଭାଇ ବ୍ରାନହାମ୍, ମୋତେ ସ୍ମରଣ କରିବେ । ମୁଁ ଜଣେ ଖ୍ରୀଷ୍ଟିଆନ ନୁହେଁ, ଆଉ ମୁଁ ଜାଣେ ନାହିଁ ଯେ ମୋତେ କେଉଁ ସମୟରେ ପରମେଶ୍ୱରଙ୍କୁ ସାକ୍ଷାତ କରିବାକୁ ପଡ଼ିବା ଆଉ ମୁଁ—ମୁଁ ଚାହେଁ ଯେ ଯେତେବେଳେ ଆପଣ ସଭା ସମାପ୍ତ କରନ୍ତି, ମୋତେ ଠିକ୍ ବର୍ତ୍ତମାନ ହିଁ ପ୍ରାର୍ଥନାର ଏକ ଶବ୍ଦରେ ସ୍ମରଣ କରାଯାଉ ।" ତେବେ, କ'ଣ ଆପଣ ନିଜର ହାତ ମୋ' ପ୍ରତି ଉଠାଇବେ କି ଯେପରିକି ମୁଁ ଆପଣଙ୍କ ନିମନ୍ତେ ପ୍ରାର୍ଥନା କରିପାରେ? ସେ ଦେଖନ୍ତି । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ହେ ସାନ ମହିଳା । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ହେ ମହିଳା । ମହାଶୟ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଅନ୍ୟ କେହି ଜଣେ, "ମୁଁ ହେବାକୁ ଚାହେଁ, ମୁଁ ଚାହେଁ…"

137 ଏଠାରେ କେତେ ଜଣ ଅଛନ୍ତି ଯିଏକି ବିପଥଗମନ ହୋଇଛନ୍ତି? "ଓଃ," ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ମୁଁ ତାହା ସ୍ୱୀକାର କରିବି ନାହିଁ ।" ମାତ୍ର, ଦେଖନ୍ତୁ, ଯଦି ସେହି ନମ୍ରତାର କପୋତ ଆପଣଙ୍କଠାରୁ ଚାଲି ଯାଇଅଛି, ତାହାହେଲେ ଭାଇ, ସେଠାରେ କିଛି ଗୋଟାଏ ଭୁଲ୍ ଅଛି । ଯେତେବେଳେ ଆପଣ ପରସ୍ପର ଜଣେ ଅନ୍ୟର ସହି ପାରନ୍ତି ନାହିଁ ସେତେବେଳେ କିଛି ଗୋଟାଏ ଭୁଲ୍ ଅଛି । ଯେତେବେଳେ ଆପଣ ଠିକ୍ ନିଜର ହୃଦୟର ଗଭୀରତାରୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ କ୍ଷମା କରିପାରନ୍ତି ନାହିଁ, ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କ'ଣ କରିଛନ୍ତି କିମ୍ବା ସେମାନେ କ'ଣ କହିଛନ୍ତି, ଯଦି ଆପଣ ସେମାନଙ୍କୁ ଗଭୀରତାରୁ କ୍ଷମା କରିପାରନ୍ତି ନାହିଁ, ଯୀଶୁ କହିଲେ, "ଯଦି ତୁମେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କର ଅପରାଧଗୁଡ଼ିକ କ୍ଷମା କରିବ ନାହିଁ, ନିଜର ହୃଦୟରୁ, ତାହାହେଲେ ତୁମର ସ୍ୱର୍ଗୀୟ ପିତା ମଧ୍ୟ ତୁମକୁ କ୍ଷମା କରିବେ ନାହିଁ ।"

138 ତେବେ, କ'ଣ ହେବ ଯଦି, ଏହି ଗରମ ପାଗ, କ'ଣ ହେବ ଯଦି ଆଜି ପରମେଶ୍ୱର ଆପଣଙ୍କୁ ଡାକି ନିଅନ୍ତି? ଯେତେବେଳେକି ଏକ ନିର୍ଝର ଉନ୍ମୁକ୍ତ ଅଛି, ଏକ ମଣ୍ଡଳୀ ପ୍ରସ୍ତୁତ ଅଛି, ପବିତ୍ରଆତ୍ମା ଏଠାରେ ଏହି ଭବନର ତ୍ରିକୋଣୀୟ ଶେଷଭାଗରେ ବସି ରହିଛନ୍ତି, ଠିକ୍ ତଳକୁ ଓହ୍ଲାଇ ଆସିବା ପାଇଁ ଏବଂ ଆପଣଙ୍କ ହୃଦୟରେ ଫେରି ଆସିବା ପାଇଁ ଓ ଆପଣଙ୍କୁ ନମ୍ର ଏବଂ ଶାନ୍ତିପୂର୍ଣ୍ଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। "ଭାଇ ବ୍ରାନହାମ୍, ମୋତେ କ'ଣ କରିବା ଉଚିତ୍?" କେବଳ ଏକ ମେଷଶାବକ ହୋଇଯା'ନ୍ତୁ। ଯେତେବେଳେ ଆପଣ ଏକ ମେଷଶାବକ ହୋଇଯିବେ, ପବିତ୍ରଆତ୍ମା ଠିକ୍ ତଳକୁ ଓହ୍ଲାଇ ଆସିବେ। ମାତ୍ର ଯଦି ଆପଣଙ୍କର ଭୁଲ୍ ଉଦ୍ଦେଶ୍ୟମାନ ଥାଏ, ଭୁଲ୍—ଭୁଲ୍ ଧାରଣା, ଆପଣ ନିଜର ମାର୍ଗ ନେବା ପାଇଁ ଚାହାଁନ୍ତି, ଏବଂ ତାହା ପରିତ୍ୟାଗ କରିବାକୁ ଇଚ୍ଛୁକ ନୁହଁନ୍ତି, ତାହାହେଲେ ପବିତ୍ରଆତ୍ମା କେବେ ବି ଆସିବେ ନାହିଁ।

139 ତେବେ ଆମମାନଙ୍କର ମସ୍ତକ ନତ ଥିବାବେଳେ, ମୁଁ ଆଶ୍ଚର୍ଯ୍ୟ କରେ ଯେ ଯଦି ଆପଣଙ୍କ ମଧ୍ୟରୁ କେହି ଯେଉଁମାନେକି ନିଜର ହାତ ଉଠାଇଥିଲେ କ'ଣ...ତେବେ ଯୀଶୁ କହିଲେ, "ଯିଏ ମୋ'ର ବାକ୍ୟ ଶୁଣେ ଏବଂ ମୋ'ର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଏ, ଓ କଦାପି ବିଚାରକୁ ଆସିବ ନାହିଁ ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଯାଏ," ସାଧୁ ଯୋହନ 5:24। ମାତ୍ର ବର୍ତ୍ତମାନ ଯଦି ଆପଣ ବେଦୀ ନିକଟକୁ ଆସିବାକୁ ଚାହାଁନ୍ତି, ଏଠାରେ ଆଣ୍ଠୁପାତ କରିବାକୁ ଚାହାଁନ୍ତି, ତାହାହେଲେ ଆସନ୍ତୁ ଏକାଠି ମିଶି ପ୍ରାର୍ଥନା କରିବା ଯେପର୍ଯ୍ୟନ୍ତକି ସେହି ନମ୍ର, ଶାନ୍ତିପୂର୍ଣ୍ଣ ଅନୁଭବ ଯାହାକି ଥରେ ଆପଣଙ୍କ ପାଖରେ ଥିଲା, କିମ୍ବା ଆପଣ ପାଇବାକୁ ଇଚ୍ଛା କରନ୍ତି, ପୁନର୍ବାର ଆପଣଙ୍କ ପାଖକୁ ଫେରି ନ ଆସିଯାଏ। ଯେତେବେଳେକି ଆମେମାନେ ନିଜର ମସ୍ତକ ନତ କରିଥାଉ, ଯେତେବେଳେକି ଆମେମାନେ ଗୀତ ଗାଉ, *ରକ୍ତରେ ପରିପୂର୍ଣ୍ଣ ଏକ ନିର୍ଝର ଅଛି*, ମୁଁ ଚାହେଁ ଯେ ଆପଣ ଆସନ୍ତୁ, ଆଣ୍ଠୁପାତ କରନ୍ତୁ ଏବଂ ପ୍ରାର୍ଥନା କରନ୍ତୁ। ପ୍ରତ୍ୟେକେ ବର୍ତ୍ତମାନ ଯେଉଁମାନେକି ଆସିବାକୁ ଚାହାଁନ୍ତି, ଏଠାରେ ତଳେ ବେଦୀର ଚତୁଃପାର୍ଶ୍ୱରେ ଆଣ୍ଠୁପାତ କରିବାକୁ ଓ କିଛି ସମୟ ପ୍ରାର୍ଥନା କରିବାକୁ ଚାହାଁନ୍ତି।

ରକ୍ତରେ ପରିପୂର୍ଣ୍ଣ ଏକ ନିର୍ଝର ଅଛି,
ଇମ୍ମାନୁୟେଲ୍‌ଙ୍କ ଶିରାରୁ ଯାହା ବାହାରିଥାଏ,
ଏବଂ ପାପୀମାନେ ତଳେ ବୁଡ଼ ଲଗାନ୍ତି...

ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହିଳା, ଏଠାରେ ଉପରକୁ ଆସନ୍ତୁ ଏବଂ ଆଣ୍ଠୁପାତ କରନ୍ତୁ।

ଧୌତ ହୋଇଯାଏ...

140 ଆପଣଙ୍କର ମସ୍ତକ ନତ ଥିବା ବେଳେ, ଯେପରିକି ମୁଁ ଆଶା କରେ ଯେ ତାହା ଆପଣମାନଙ୍କର ହୃଦୟରେ ଅଛି। କ'ଣ ଆପଣମାନେ ଜାଣନ୍ତି ଯେ ଆଜି ସକାଳରେ

ଯେକେହି ସେହି ଗଳିପଥକୁ ଭାଙ୍ଗନ୍ତି, ତାହା ଆପଣମାନଙ୍କୁ ନିଜକୁ ଲଜ୍ଜିତ ଅନୁଭବ କରାଇବା ଉଚିତ୍? ଜଣେ ଅଶ୍ୱେତ ମହିଳା, ଗରିବ ଲୋକ, ବଳାଗଣ୍ଠି ଫୁଲିଛି, ଧୂସର କେଶ ଅଛି, ସେ ବେଦୀ ନିକଟକୁ ତାଙ୍କର ମାର୍ଗ ନେଇ ପହଞ୍ଚି ଆସିଲେ ।

141 ଏଠାରେ କିଛି ସମୟ ପୂର୍ବେ, ଜଣେ ବୃଦ୍ଧ ଅଶ୍ୱେତ ବ୍ୟକ୍ତି, ଦାସତ୍ତ୍ୱ ସମୟରେ ଉଦ୍ଧାର ପାଇଥିଲେ । ସେ ଗଲେ, ଏବଂ ଯେହେତୁ ସେ ଉଦ୍ଧାର ପାଇଥିଲେ, ସେ ତାଙ୍କ ମାଲିକଙ୍କୁ କହିଲେ ଯେ ସେ ମୁକ୍ତ ଅଟନ୍ତି । ସେହି ମାଲିକ ପଚାରିଲେ, "ତୁମେ କ'ଣ ଅଟ?"

ଉତ୍ତର ଦେଲେ, "ମୁଁ ମୁକ୍ତ ଅଟେ ।" ତା'ପରେ ସେ ତାଙ୍କୁ ମୁକ୍ତ କରିଦେଲେ ।

142 ଆଜି ସକାଳେ ଏଠାରେ ଲୋକମାନଙ୍କର ଅନ୍ୟ ଏକ ଗୋଷ୍ଠୀ ପରିତ୍ରାଣ ପାଇଁ ତଳକୁ ଆସୁଛନ୍ତି । (କହିଲେ ସେ ମୁକ୍ତ ଅଟନ୍ତି ।) ପ୍ରତ୍ୟେକେ ପ୍ରାର୍ଥନାରେ ଥାଆନ୍ତୁ, ଏବଂ ଯଦି ଆପଣ ଇଚ୍ଛା କରନ୍ତି ତେବେ ବ୍ୟାକୁଳତାର ସହ ପ୍ରାର୍ଥନା କରନ୍ତୁ, ଯେତେବେଳେକି ନିଷ୍ପତ୍ତି ନେଉଥିବା ଲୋକମାନଙ୍କ ସହିତରେ ପବିତ୍ରଆତ୍ମା ବ୍ୟବହାର କରନ୍ତୁ ।

ସେହି ମାଲିକ କହିଲେ, "ମୋଶା, କ'ଣ ତୁମେ କହିଲ ଯେ ତୁମେ ମୁକ୍ତ ଅଟ?" ଉତ୍ତର ଦେଲେ, "ହଁ, ଆଜ୍ଞା, ସ୍ୱାମୀ । ମୁଁ ମୁକ୍ତ ଅଟେ ।"

143 ମାଲିକ କହିଲେ, "ଯଦି ତୁମେ ମୁକ୍ତ ଅଟ, ତେବେ ମୁଁ ମଧ୍ୟ, ତୁମକୁ ମୁକ୍ତ କରିବାକୁ ଯାଉଅଛି । ଯାଅ ସୁସମାଚାର ପ୍ରଚାର କର ।"

144 ଯେତେବେଳେ ସେ ମରିବାକୁ ପ୍ରସ୍ତୁତ ହେଲେ, ତାଙ୍କର ଅନେକ ଶ୍ୱେତ ଭାଇମାନେ ତାଙ୍କୁ ଦେଖା କରିବାକୁ ଆସିଲେ, ଆଉ ଯେତେବେଳେ ସେମାନେ ଆସିଲେ, ସେ କହିଲେ, ଯେ ସେ ଭାବିଲେ ସେ ଅଚେତନ ଅବସ୍ଥାରେ ପଡ଼ି ରହିଛନ୍ତି । ଯେତେବେଳେ ସେ ଉଠିଲେ, ସେ କହିଲେ, "ମୁଁ ଭାବିଲି ଯେ ମୁଁ ମରିଯାଇଛି ।" (ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମୋ' ଭାଇ, ଠିକ୍ ସେହିଠାରେ, ଆଣ୍ଠୁମାଡ଼ି ରୁହନ୍ତୁ ।) କହିଲେ, "ମୁଁ ଭାବିଲି ମୁଁ ପୂର୍ବରୁ ମରି ଯାଇସାରିଛି ।"

ପଚାରିଲେ, "ତୁମେ କ'ଣ ଦେଖିଲ, ମୋଶା?"

145 ସେ କହିଲେ, "ଯେତେବେଳେ ମୁଁ ଫାଟକ ଦେଇ ଭିତରକୁ ଗଲି, ମୁଁ ତାହାଙ୍କୁ ଦେଖିଲି ।" କହିଲେ, "ମୁଁ ସେଠାରେ ଛିଡ଼ା ହୋଇ, ତାହାଙ୍କୁ ଅନାଉଥିଲି ।" ଏବଂ କହିଲେ, "ସେଠାରେ ଜଣେ ଦୂତ ଆସିଲେ ଓ କହିଲେ, 'ମୋଶା, ଆସ । ତୁମେ ଅନେକ ବର୍ଷ ହେଲା ସୁସମାଚାର ପ୍ରଚାର କରିଆସିଛ, ତୁମ ପାଇଁ ଏକ ପୋଷାକ ଏବଂ ଏକ ମୁକୁଟ ଅପେକ୍ଷା କରି ରହିଛି ।'" ସେ କହିଲେ, "'ମୋ' ସହିତରେ ପୋଷାକ ଏବଂ ମୁକୁଟ ବିଷୟରେ କଥାବାର୍ତ୍ତା କରନ୍ତୁ ନାହିଁ । ମୁଁ କୌଣସି ପୋଷାକ ଏବଂ ମୁକୁଟ ଚାହେଁ ନାହିଁ । ମୁଁ କେବଳ ତାହାଙ୍କୁ ଦେଖିବାକୁ ଚାହେଁ ।'" ମୁଁ ଭାବୁଛି ତାହାହିଁ ଯେକୌଣସି ଖ୍ରୀଷ୍ଟିଆନର ମନୋଭାବ ଅଟେ ।

146 ଏଠାରେ କିଛି ସମୟ ପୂର୍ବେ, ଚିକାଗୋରୁ ଅନେକ ବାହାରେ, ମୁଁ ଏକ ରଙ୍ଗଶାଳାରେ ଥିଲି, ବରଂ, ଏକ ସଂଗ୍ରହାଳୟରେ ଥିଲି, ଆଉ ମୁଁ ସେଠାରେ ସବୁଆଡ଼େ ଅନାଉଥିଲି । ମୁଁ ଏକ

ପୁରୁଣା ନିଗ୍ରୋ ବ୍ୟକ୍ତିଙ୍କୁ ଦେଖିଲି, ତାଙ୍କ ମୁଣ୍ଡରେ ଧଳା ରଙ୍ଗର କେଶର ଏକ ଛୋଟ ଧାଡ଼ିଟିଏ ଥିଲା, ନିଜ ହାତରେ ତାଙ୍କର ଟୋପିକୁ ଧରି, ସେ ସେଠାରେ ବୁଲୁଥିଲେ । ମୁଁ ତାଙ୍କ ଆଡ଼କୁ ଚାହିଁଲି । ସେ ଗୋଟିଏ ଛୋଟ ସ୍ଥାନକୁ ଅନାଇଲେ, ଏବଂ ସେ ପଛକୁ ଡେଇଁ ପଡ଼ିଲେ, ଆଉ ତାଙ୍କର ପୁରୁଣା ଶ୍ୟାମ ବର୍ଣ୍ଣ ଗାଲରୁ ଲୁହ ଝରିବାକୁ ଲାଗିଲା । ସେ ପ୍ରାର୍ଥନା କରିବାକୁ ଆରମ୍ଭ କରିଦେଲେ । ମୁଁ ତାଙ୍କୁ ଅଳ୍ପ ସମୟ ପାଇଁ ଦେଖି ରହିଲି । ସେ ପୁଣି ଥରେ ଅନାଇଲେ, ପୁଣି ଥରେ କାନ୍ଦିବାକୁ ଲାଗିଲେ । ମୁଁ ଚାଲିକରି ଗଲି ଏବଂ ମୁଁ କହିଲି, “ମହାଶୟ ।”

ସେ ଉତ୍ତର ଦେଲେ, “ହଁ, ଶ୍ୱେତ ବନ୍ଧୁ?”

ମୁଁ କହିଲି, “ମୁଁ ଦେଖୁଛି ଯେ ଆପଣ...ଆପଣଙ୍କୁ କ’ଣ ଏତେ ଉତ୍ସାହିତ କଲା? ଆପଣ କେଉଁ ବିଷୟ ପାଇଁ ଏତେ ଉତ୍ସାହିତ ହେଲେ?”

147 ସେ ଉତ୍ତର ଦେଲେ, “ମହାଶୟ, ଯଦି ଆପଣ ମୋ’ର ପକ୍ଷକୁ ଅନୁଭବ କରିପାରନ୍ତେ, ମୋ’ର ଚାରିଆଡ଼େ ଚମଡ଼ାସବୁ କଠିଣ ହୋଇ ଗଣ୍ଠି ପଡ଼ିଯାଇଛି ।” କହିଲେ, “ଏକଦା ମୁଁ ଜଣେ ଦାସ ଥିଲି ।” ସେ କହିଲେ, “ଏଠାରେ ଥିବା ଏହି ଛୋଟ କାଞ୍ଚ ପିଞ୍ଜରାରେ, ସେଠାରେ ଏକ ପୋଷାକ ରହିଛି ।”

ମୁଁ କହିଲି, “ମୁଁ ଦେଖୁଛି ଯେ ତାହା ଏକ ପୋଷାକ ଅଟେ, ମାତ୍ର ତାହା ସମ୍ବନ୍ଧରେ ଏତେ ବିଶେଷ କ’ଣ ଅଟେ?”

148 ସେ କହିଲେ, “ସେଠାରେ ଥିବା ସେହି ଦାଗଟି,” କହିଲେ, “ତାହା ଅବ୍ରହାମ ଲିଙ୍କନଙ୍କର ରକ୍ତ ଅଟେ ।” କହିଲେ, “ସେହି ରକ୍ତ ମୋ’ ଠାରୁ ଦାସତ୍ୱର ବନ୍ଧନପେଟିକୁ କାଢ଼ି ନେଲା ।” ସେ କହିଲେ, “ତେବେ, ଶ୍ୱେତ ବ୍ୟକ୍ତି, କ’ଣ ତାହା ଆପଣଙ୍କୁ ମଧ୍ୟ, ଉତ୍ସାହିତ କରିବ ନାହିଁ କି?”

149 ମୁଁ ତାଙ୍କର ବୟୋବୃଦ୍ଧ ଗଳାରେ ନିଜର ବାହୁକୁ ରଖିଲି, ମୁଁ କହିଲି, “ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ । ମୁଁ ଜାଣେ ଯେ ଅନ୍ୟ ଏକ ରକ୍ତ ମୋତେ ଉତ୍ସାହିତ କରେ ।”

ସେ କହିଲେ, “ମହାଶୟ, ମୁଁ ମଧ୍ୟ, ସେହି ରକ୍ତକୁ ଜାଣେ ।”

150 ମୁଁ କହିଲି, “ସେ ମୋ’ ଠାରୁ ଏକ ଦାସତ୍ୱର ବନ୍ଧନପେଟିକୁ କାଢ଼ି ନେଲେ ।” ଥରେ ଏକ ସମୟରେ ମୁଁ ରବିବାର ଦିନ ବାହାରି ଯାଉଥିଲି ଓ ଦୌଡ଼କ୍ରୀଡ଼ା କରୁଥିଲି ଏବଂ ବିଭିନ୍ନ କାର୍ଯ୍ୟକଳାପ କରୁଥିଲି, ପୁଣି ଅଭଦ୍ର ଥଟ୍ଟା ପରିହାସ କରୁଥିଲି । ଆଉ, ହେ ପରମେଶ୍ୱର, ମୁଁ ତାହା କିପରି କଲି? ଏବେ ମଧ୍ୟ ମୋ’ ହୃଦୟରେ ତା’ର ଦାଗଗୁଡ଼ିକ ଅଛି ଯେଉଁଠାରେ ମୁଁ ତାହା କରିଥିଲି । ମାତ୍ର ମୁଁ ଖୁସି ଯେ ସେ ମୋ’ ଠାରୁ ସେହି ବନ୍ଧନପେଟିକୁ କାଢ଼ି ନେଲେ । ବର୍ତ୍ତମାନ ତାହା ସବୁ ଚାଲି ଯାଇଅଛି, ସେ ମୋ’ ସ୍ଥାନରେ ଛିଡ଼ା ହେଲେ ।

151 ଏଠାରେ କିଛି ସମୟ ପୂର୍ବେ, ଜଣେ ସ୍ତ୍ରୀଲୋକଙ୍କୁ ଦେଖୁଥିଲି, ଆଉ ସେ ଏତେ ଅଶ୍ଳୀଳ ଥିଲେ ଯେ ମୁଁ ତାଙ୍କୁ ନିନ୍ଦା କରିବାକୁ ଚାହିଁଥିଲି । ପରମେଶ୍ୱର ମୋତେ ଏକ ଦର୍ଶନ ଦେଲେ । ମୁଁ ସେତେବେଳେ ତାଙ୍କ ପାଇଁ ପ୍ରାର୍ଥନା କଲି, କାରଣ ମୁଁ ଦେଖିଲି ଯେ ମୋ’ର ପାପଗୁଡ଼ିକ ମଧ୍ୟ

ତାଙ୍କ ପରି ବହୁତ ଭୟଙ୍କର ଥିଲା । ଆଉ ମୁଁ ଚାଲିକରି ଗଲି ଏବଂ ତାଙ୍କ ପାର୍ଶ୍ୱରେ ବସିଲି ଓ ତାଙ୍କୁ ଲଜ୍ଜିତ କଲି, କହିଲି ଯେ ମୁଁ ଜଣେ ସେବକ ଅଟେ । ତାଙ୍କର ଦୁଇଟି ପୁଅ ବନ୍ଧୁ...ସେ ପ୍ରାୟଃ ପଇଁ-ଷଠି କିମ୍ୱା ସତୁରି ବର୍ଷର ଥିଲେ, ତାଙ୍କର ଦୁଇଟି ପୁଅ ବନ୍ଧୁମାନେ ସେଠାରେ ଆଣ୍ଠୁମାଡ଼ି ବସି ପଡ଼ିଲେ, ଆଉ ସେମାନେ ସମସ୍ତେ ସେମାନଙ୍କର ହୃଦୟକୁ ଖ୍ରୀଷ୍ଟଙ୍କୁ ଦେଇଦେଲେ । ଓଃ, ମୋ'ର ପ୍ରଭୁ, କି ଏକ ପାର୍ଥକ୍ୟ ଅଟେ!

152 କ'ଣ ଆପଣ ଦେବେ ନାହିଁ କି? କ'ଣ ଆପଣ ଆଜି ସକାଳରେ, ଏତେ ପାପ କରିଛନ୍ତି କି? କ'ଣ ଆପଣଙ୍କର ହୃଦୟ ଏତେ କଳା ଏବଂ ଧୂଳିସାତ ହୋଇଯାଇଛି ଯେ ଏପରିକି ପବିତ୍ରଆତ୍ମା ସୁଦ୍ଧା ଏହାକୁ ଛୁଇଁ ପାରନ୍ତି ନାହିଁ? ବୋଧହୁଏ କପୋତ ତାହାର ଅନନ୍ତ ଉଡ଼ାଣ ନେଇଅଛି, ଏହା ସବୁଦିନ ପାଇଁ ଚାଲିଯାଇଛି ।

153 ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ, ପ୍ରିୟେ । ଗୋଟିଏ ସାନ ଝିଅ ଚାଲିକରି ଉପରକୁ ଆସୁଅଛି । ପରମେଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ, ସୁନା ଝିଅ । ଆପଣ କହିବେ, "ସେହି ସାନ ଝିଅ ଜାଣେ ନାହିଁ ।" ଓଃ, ହଁ, ସେ ଜାଣେ । ସେ ତ ଠିକ୍ ସେତିକି ପତ୍ରିକାମାନ ଓ ସେତିକି ପୁରୁଣା ପ୍ରେମ କାହାଣୀମାନ ପାଠ କରି ନାହିଁ ଯେତେ ଆପଣମାନେ ସମସ୍ତେ ପାଠ କରିଛନ୍ତି । ତାହାହିଁ ତ ମାମଲା ଅଟେ, ସେ କୋମଳମତି ଅଟେ । ଯୀଶୁ କହିଲେ, "ସାନ ଶିଶୁମାନଙ୍କୁ ମୋ' ପାଖକୁ ଆସିବାକୁ ଦିଅ ।"

154 ଆଉ ଅନ୍ୟ କେହି ଆସିବାକୁ, ଆଜି ସକାଳେ ଏଠାରେ ଯୋଗଦେବାକୁ ଚାହିଁବେ କି? ବେଦୀ ଉନ୍ମୁକ୍ତ ଅଛି । କେବଳ ଆଉ ଏକ ମୁହୂର୍ତ୍ତ, ତା' ପରେ ଯେତେବେଳେ ଆମେମାନେ ଆଉ ଥରେ ଗାଉଥିବା, ସେତେବେଳେ ଆମେମାନେ ପ୍ରାର୍ଥନା ଅର୍ପଣ କରିବାକୁ ଯିବା ଯେତେବେଳେ କି ଏହି ଅନୁତାପକାରୀ ପାପୀମାନେ ପ୍ରାର୍ଥନା କରୁଥା'ନ୍ତି ।

> ମରୁଥିବା ଚୋର ଦେଖିବାକୁ ଆନନ୍ଦିତ ହେଲା
> ସେହି ନିର୍ଝରକୁ ସେଥିରେ...(ନିଶ୍ଚିତରେ, ସବୁକିଛି ଚାଲି ଯାଇଥିଲା,
> ସେହି ଗରିବ ଲୋକଟି ଶେଷ ହୋଇ ଯାଇଥିଲା ।)
> ଆଉ ହୋଇପାରେ ଯେ ସେଠାରେ ମୁଁ, ତାହା ପରି ସେତିକି ମନ୍ଦ...

155 କ'ଣ ଆପଣ ବର୍ତ୍ତମାନ ଆସିବେ ନାହିଁ କି? କ'ଣ ଆପଣ ଆସିବେ ନାହିଁ କି, ଆପଣ ଯେଉଁମାନେକି ଅଧିକ ଭଲ ଭାବେ ଜାଣନ୍ତି? ବାଇବଲ କହେ, "ଯଦି ଆପଣ ଭଲ କରିବାକୁ ଜାଣିଛନ୍ତି, ଆଉ ତାହା କରନ୍ତି ନାହିଁ, ତେବେ ତାହା ତୁମ ପାଇଁ ପାପଠାରୁ ମଧ୍ୟ ଅଧିକ ଅଟେ ।" କ'ଣ ଆପଣ ଆସିବେ ନାହିଁ? ଆପଣ ଜାଣିଛନ୍ତି ଯେ ଆପଣ ଭୁଲ୍ ଅଟନ୍ତି । ଆପଣ ଉପରକୁ ନିଜର ବାଟ ନିଅନ୍ତୁ ଏବଂ ବେଦୀର ଚାରିଆଡ଼େ ଆଣ୍ଠୁପାତ କରନ୍ତୁ, ଓ ପରମେଶ୍ୱରଙ୍କୁ କୁହନ୍ତୁ ଯେ ଆପଣ ତାହାଙ୍କ ପ୍ରତି ଯେଉଁ ଭଳି ବ୍ୟବହାର କରିଛନ୍ତି, ସେଥିପାଇଁ ଆପଣ ଦୁଃଖିତ ଅଟନ୍ତି । ଏହା ହେଉ ଯେ ପବିତ୍ରଆତ୍ମା ଫେରି ଆସନ୍ତୁ ଏବଂ ଆପଣଙ୍କୁ ନମ୍ର ଓ ଭଦ୍ର ଆଉ ଶାନ୍ତ କରନ୍ତୁ । କ'ଣ ଆପଣ ଆସିବେ ନାହିଁ କି? ମନେରଖନ୍ତୁ, ଯଦି ଆପଣ ମରିଯାଆନ୍ତି, ଏବଂ

ସେ ଆପଣଙ୍କ ପାଇଁ ଓହରି ଯାଇଥା'ନ୍ତି, ତେବେ ଆପଣଙ୍କ ମାମଲାକୁ ମକଦ୍ଦମାରେ ନେଇ ସପକ୍ଷରେ କହିବାକୁ କେହି ନାହାଁନ୍ତି। ସେ ଚାହୁଁଛନ୍ତି ଯେ ଆପଣ ଆଜି ସକାଳେ ତାହାଙ୍କ ପାଇଁ ଛିଡ଼ା ହୁଅନ୍ତୁ। ମୋ' ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

156 ଅପେକ୍ଷା କରୁଅଛି। କ'ଣ ଏତିକି ଅଟେ, ମଣ୍ଡଳୀରେ ମାତ୍ର ପନ୍ଦର ଜଣ କେବଳ ଅଛନ୍ତି ଯେଉଁମାନେକି ଏହା ପ୍ରକୃତରେ ଅନୁଭବ କରନ୍ତି ଯେ ଆପଣଙ୍କୁ ଦୋଷୀ କରାଯାଇଛି? କ'ଣ ଆପଣ ଏକ ଶାନ୍ତିପୂର୍ଣ୍ଣ, ନମ୍ର, ଭଦ୍ର, ଶାନ୍ତ ଜୀବନ ବ୍ୟତିତ କରିଛନ୍ତି? ତେବେ, ଏହା ପବିତ୍ରଆତ୍ମାଙ୍କ ଦ୍ୱାରା ନିର୍ଦ୍ଦେଶିତ ଅଟେ। କ'ଣ ଆପଣ କ୍ଷମା କରୁଛନ୍ତି, କୌଣସି ଶତ୍ରୁ ନାହାଁନ୍ତି? କ'ଣ ପାପୀମାନଙ୍କର ନିନ୍ଦାରୁ ଉପରେ, ସେହିସବୁ ଛାଡ଼ି ଜୀବନ ବ୍ୟତିତ କରୁଛନ୍ତି? କ'ଣ ଆପଣ ପ୍ରତିମାପୂଜକମାନଙ୍କ ପରି ଜୀବନ ବ୍ୟତିତ କରୁନାହାଁନ୍ତି, ଆପଣ ଭିନ୍ନ ପ୍ରକାର ଜୀବନ ବ୍ୟତିତ କରୁଛନ୍ତି କି? କ'ଣ ଆପଣଙ୍କର ଜୀବନ ସବୁଠୁ ଭିନ୍ନ ପ୍ରକାରେ ସଜ୍ଜିତ ଅଟେ? କ'ଣ ସେହି ନମ୍ର ପବିତ୍ରଆତ୍ମା ଆପଣଙ୍କ ହୃଦୟର ସିଂହାସନରେ ବସି, ଆପଣଙ୍କୁ ସମସ୍ତ ଲୋକଙ୍କ ଚାରିପାଖରେ ଶାନ୍ତିପୂର୍ଣ୍ଣ, ଶାନ୍ତ ଏବଂ ସ୍ନେହପୂର୍ଣ୍ଣ ଜୀବନଯାପନ କରାଉଛନ୍ତି? କ'ଣ ଆପଣଙ୍କର ପଡ଼ୋଶୀ ଏବଂ ସମସ୍ତେ ଜାଣନ୍ତି, ଆଉ ଆପଣଙ୍କର ସମସ୍ତ ସହଯୋଗୀ ଜାଣନ୍ତି, ଯେ ଆପଣ ଜଣେ ଭଦ୍ର, ଶାନ୍ତ, ନମ୍ର, ଦୀନ ଖ୍ରୀଷ୍ଟିଆନ ଅଟନ୍ତି? କ'ଣ ପରମେଶ୍ୱରଙ୍କ କପୋତ ଆପଣଙ୍କ ସହିତରେ ଅଛନ୍ତି କି? ଆପଣ ସୁନିଶ୍ଚିତ କି? ଏହା ଆପଣଙ୍କର ଶେଷ ସୁଯୋଗ ହୋଇପାରେ। ଠିକ୍ ଅଛି।

157 ତା' ପରେ ଆପଣମାନେ ଯେଉଁମାନେକି ଏଠାରେ ବେଦୀ ନିକଟରେ ଅଛନ୍ତି, ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ। ବର୍ତ୍ତମାନ ଆପଣମାନଙ୍କୁ ଆଉ ବିଚାର କରାଯିବ ନାହିଁ। ପବିତ୍ରଆତ୍ମା ଆପଣମାନଙ୍କ ପ୍ରତି ବିଚାର ନେଇ ଆସିଛନ୍ତି। ଆଉ ଆପଣମାନେ ନିଜର ଅଧିକାରଗୁଡ଼ିକୁ ଧରି ରଖିବାକୁ ଚେଷ୍ଟା କଲେ ନାହିଁ, ଯଥା, "ଓଃ, ମୁଁ ତ ଯଥେଷ୍ଟ ବହୁତ ଦିନରୁ ଖ୍ରୀଷ୍ଟିଆନ ରହିଆସିଛି। ମୋତେ ଯିବାକୁ ପଡ଼ିବ ନାହିଁ।" ଆପଣମାନଙ୍କ ମଧ୍ୟରୁ କେତେକଙ୍କର, ବେଦୀ ନିକଟରେ ଏହା କେବେ ରହିବାଟା ଆପଣମାନଙ୍କର ପ୍ରଥମ ଥର ଅଟେ। "ମୁଁ ଚାହିଁଲେ ମୁଁ ଜଣେ ପାପୀ ହୋଇ ରହିପାରେ, ତାହା ମୋ'ର ଅଧିକାର ଅଟେ।" ହଁ, ତାହା ଠିକ୍ ଅଟେ। ଆପଣ ଏକ ସ୍ୱାଧିନ ନୈତିକ ମୂଲ୍ୟର କର୍ତ୍ତା ଅଟନ୍ତି, ଆପଣ ଯେପରି ଚାହିଁବେ ସେପରି ଭାବରେ ଆଚରଣ କରିପାରିବେ। ମାତ୍ର ଆଜି ସକାଳରେ ଆପଣ ନିଜର ଅଧିକାରଗୁଡ଼ିକୁ ତ୍ୟାଗ କରିଦେଲେ। କହିଲେ, "ସେମାନେ କ'ଣ କହିବେ, ମୁଁ ଖ୍ରୀଷ୍ଟିଆନ ଧର୍ମକୁ ପ୍ରଚାର କରୁଛି ଆଉ ତା' ପରେ ବେଦୀ ଉପରକୁ ଯାଉଛି, ସେମାନେ କ'ଣ କହିବେ?" ମାତ୍ର ପରମେଶ୍ୱର କ'ଣ କହୁଛନ୍ତି? ସେ ଆପଣଙ୍କୁ ଆସିବା ପାଇଁ କହିଲେ, ଆଉ ଆପଣ ତାହା କଲେ। ତେବେ ଆପଣ ନିଜର ଅଧିକାରଗୁଡ଼ିକୁ ତ୍ୟାଗ କଲେ, ଏବଂ ଆପଣ ଆଜି ନିଜ ହୃଦୟରେ ସେହି ନମ୍ର ପବିତ୍ରଆତ୍ମାଙ୍କୁ ତାଙ୍କର ସ୍ଥାନ ଗ୍ରହଣ କରନ୍ତୁ ବୋଲି ପାଇବାକୁ ଆସିଛନ୍ତି। ମୁଁ ଜାଣେ ଯେ ସେ ତାହା କରିବେ। ମୁଁ ଜାଣେ ସେ କରିବେ। ସେ ପ୍ରତିଜ୍ଞା କରିଛନ୍ତି ଯେ ସେ କରିବେ। ସେଠାରେ, ଏହା ଆଉ ଅନ୍ୟ କିଛି ହୋଇପାରେ ନାହିଁ,

ଏହା ଆସିବା ଅପେକ୍ଷା ଅନ୍ୟ କିଛି ହୋଇପାରେ ନାହିଁ । ସେ ଅନୁରୋଧ କରୁଛନ୍ତି, ବିନତୀ କରୁଛନ୍ତି, ମୃତ୍ୟୁବରଣ କଲେ ଏବଂ ସବୁକିଛି କଲେ, ଯେପରିକି ଆସିବା ପାଇଁ ଏକ ସ୍ଥାନ ପାଆନ୍ତି, ଆପଣଙ୍କ ନିକଟକୁ ଆସିବାକୁ ଚାହୁଁଛନ୍ତି ।

158 ପୁଣି ଆପଣଙ୍କର ମୃତ୍ୟୁର ସମୟରେ, ଯେତେବେଳେ ସେହି ମୃତ୍ୟୁର ଦୂତ ଶଯ୍ୟା ପାଖରେ ବସିଥା'ନ୍ତି, ଏକ ଘୃଣ୍ୟ ବିଷୟକୁ ଦେଖିବା ପରିବର୍ତ୍ତେ, ଏବଂ ଏହା ଜାଣି ଯେ ଆପଣ ଥରେ ଆସିବାକୁ ମନା କରି ଦେଇଥିଲେ, ଆଉ ତା' ପରେ ଆପଣଙ୍କର ପ୍ରାଣ କଳା ଏବଂ ଧୂଳିସାତ୍ ହୋଇଗଲା, ଆଉ ଅଧିକ ସମୟ ରହି ନ ଥିଲା, ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ଅଧିକ କାନ୍ଦିଥିଲେ । ଏଷୌ ତାଙ୍କର ଅନୁଗ୍ରହର ପାପକୁ ପାପ ଦ୍ୱାରା ଦୂର କରିଦେଲେ...ବରଂ, ତାଙ୍କର ଅନୁଗ୍ରହର ଦିନକୁ, ଆଉ କୌଣସି ସୁଯୋଗ ପାଇଲେ ନାହିଁ । ସେ ତା'କୁ ଠିକ୍ କରିବା ପାଇଁ ଏକ ସ୍ଥାନ ଖୋଜିବାକୁ ଚେଷ୍ଟା କରି, ଅତିଶୟ କାନ୍ଦିଥିଲେ, ମାତ୍ର ସେ ତାହା କରିପାରି ନ ଥିଲେ । ପରମେଶ୍ୱର ତାଙ୍କୁ ଶେଷ ଥର ପାଇଁ ଡାକି ସାରିଥିଲେ ।

159 ମାତ୍ର ଆପଣ ନିଜର ସମସ୍ତ ଅଧିକାରଗୁଡ଼ିକୁ ଏବଂ ଆପଣଙ୍କର ସମସ୍ତ ବନ୍ଧୁମାନଙ୍କୁ, ଏବଂ ଆପଣଙ୍କର ସମସ୍ତ ଭାବନାଗୁଡ଼ିକୁ ଏବଂ ସବୁକିଛିକୁ, ଆଜି ସକାଳରେ, ଏଠାକୁ ଆସିବା ପାଇଁ ତ୍ୟାଗ କରିଛନ୍ତି । ଆପଣ ଏଠାରେ ଆଣ୍ଠୁମାଡ଼ି ପରମେଶ୍ୱରଙ୍କ ସହିତ କଥା ହେବା ପାଇଁ, ନିଜର ଅଧିକାରଗୁଡ଼ିକୁ ତ୍ୟାଗ କଲେ । ମୁଁ ଆପଣଙ୍କୁ ପ୍ରଭୁଙ୍କ ବାକ୍ୟ ଦ୍ୱାରା କହୁଅଛି, ଯାହାକି ଖ୍ରୀଷ୍ଟ କହିଛନ୍ତି, "ଯିଏ ମୋ' ପାଖକୁ ଆସେ, ମୁଁ କୌଣସି ପ୍ରକାରେ ତାହାକୁ ବାହାର କରିବି ନାହିଁ ।" ବର୍ତ୍ତମାନ ଯେତେବେଳେ ଆପଣ ବେଦୀ ଉପରେ ଅଛନ୍ତି, ଅନୁତାପ କରନ୍ତୁ, ତାହାଙ୍କୁ କୁହନ୍ତୁ ଯେ ଆପଣ ଯାହା କରିଛନ୍ତି ତାହା ପାଇଁ ଆପଣ ଦୁଃଖିତ ଅଟନ୍ତି ।

160 ଏହାହିଁ ସେହି କାରଣ ଯେ ଲୋକମାନେ ଯେତେବେଳେ ବାପ୍ତିସ୍ମ ନିଅନ୍ତି ସେତେବେଳେ ସେମାନେ ପବିତ୍ରଆତ୍ମା ପାଆନ୍ତି ନାହିଁ, ସେମାନେ ସମ୍ପୂର୍ଣ୍ଣ ଭାବରେ ଅନୁତାପ କରନ୍ତି ନାହିଁ । ପରମେଶ୍ୱର ସେମାନଙ୍କୁ ପବିତ୍ରଆତ୍ମା ଦେବାକୁ ଚେଷ୍ଟା କରୁଛନ୍ତି । ସେ ଚାହୁଁଛନ୍ତି ଯେ ଆପଣ ନମ୍ର ଏବଂ ଭଦ୍ର ଓ ଶାନ୍ତ ହୁଅନ୍ତୁ । ସେହି କାରଣରୁ ହିଁ ଆପଣ ନିଜର ହୃଦୟରେ ସେହି ସମାନ ସ୍ୱାର୍ଥପରତାକୁ ନେଇ ଉଠିଥା'ନ୍ତି । ଓଃ, ହୋଇପାରେ ଯେ ଆପଣ ଚିତ୍କାର କରି, ପରଭାଷାରେ କଥା କହି, କିମ୍ବା ଯେକୌଣସି ବିଷୟ କରି, ଉଠିପାରନ୍ତି, ତାହା ଆପଣଙ୍କୁ ପବିତ୍ରଆତ୍ମା ପ୍ରାପ୍ତ କରନ୍ତୁ ବୋଲି ଦିଏ ନାହିଁ । ଆପଣଙ୍କୁ ତ ସେଠାରୁ ଏକ ଭିନ୍ନ ବ୍ୟକ୍ତି ହୋଇ ଉଠିବାକୁ ଅଛି । ଆପଣଙ୍କୁ ତ ସେଠାରୁ ଭଦ୍ର, ଶାନ୍ତ ଏବଂ ନମ୍ର, ଦୀନ, ଆଉ ପରମେଶ୍ୱରଙ୍କ ଆତ୍ମା ଆପଣଙ୍କଠାରେ ବାସ କରୁଥିବା ସହିତରେ ଉଠିବାକୁ ଅଛି । ପରବର୍ତ୍ତୀ ବର୍ଷ, ସେହି ମାର୍ଗକୁ ପଛରେ ଦେଖନ୍ତୁ ଏବଂ ଦେଖନ୍ତୁ ଯେ ଆପଣ କେତେ ଦୂର ଆସି ଯାଇଛନ୍ତି, ଦେଖନ୍ତୁ ଯେ ଆପଣ ସବୁ ସମୟରେ ଅଧିକ ଭୂମି ହାସଲ କରୁଥା'ନ୍ତି । ତାହା ହେଉଛି ପବିତ୍ରଆତ୍ମା । ପବିତ୍ରଆତ୍ମା ହେଉଛି ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ନମ୍ରତା, ଭଦ୍ରତା, ଧୈର୍ଯ୍ୟ, ବିଶ୍ୱାସ । ତେବେ, କେବଳ ଅନୁତାପ କରନ୍ତୁ ଓ ପରମେଶ୍ୱରଙ୍କୁ କୁହନ୍ତୁ ଯେ ଆପଣ ତାହା ବର୍ତ୍ତମାନ ହିଁ ଚାହୁଁଛନ୍ତି । ସେ...ସେ ତାହା କରିବେ ।

161 ଛୋଟ ଝିଅ, ତୁମେ ସେଠାରେ, ପ୍ରିୟ, ତୁମେ ସେହି ସମାନ ବିଷୟ କର। ତୁମକୁ ଆଶୀର୍ବାଦ କରନ୍ତୁ। ତୁମ ମାଆ ତୁମ ଉପରେ ହାତ ଦେଇ ଛିଡ଼ା ହୋଇଛନ୍ତି।

162 ଏଠାରେ ଏହି ପ୍ରିୟ ବୃଦ୍ଧ ଅଶ୍ୱେତ ଭଉଣୀ, ବେଦୀରେ ନତମସ୍ତକ ହୋଇଛନ୍ତି। ଭଉଣୀ, ହୋଇପାରେ ଯେ ଆପଣଙ୍କୁ ମକା ବଡ଼ି ଏବଂ ପାଉରୁଟି ମହୁ ଖାଇବାକୁ ପଡ଼ି ଥାଇପାରେ, ହୁଏତ ଏକ ଗଳିପଥରେ ରହିବାକୁ ପଡ଼ି ଥାଇପାରେ, ମାତ୍ର ମୁଁ ଯାହା ସବୁ ଜାଣେ। ପରମେଶ୍ୱର ଆପଣଙ୍କର ହୃଦୟକୁ ଆଶୀର୍ବାଦ କରନ୍ତୁ, ଆଜି ସକାଳେ ମହିମାରେ ଆପଣଙ୍କ ପାଇଁ ଏକ ପ୍ରାସାଦ ପ୍ରସ୍ତୁତ ଅଛି। ଠିକ୍ ଅଛି।

163 ବେଦୀ ତଳକୁ ଦେଖିଲି ଏବଂ ଧୂସର ବର୍ଣ୍ଣର, ଜଣେ ମହିଳାଙ୍କୁ ଦେଖିଲି, ମୁଣ୍ଡ ତଳକୁ କରିଥିବା ଜଣେ ଯୁବା ସ୍ତ୍ରୀଲୋକ, ଏକ ଗାଢ଼-ଧଳା-କେଶ ବିଶିଷ୍ଟ ମହିଳା। ହେ ପରମେଶ୍ୱର! ଏଠାରେ ପୁରୁଷଙ୍କୁ ଆଣ୍ଠୁପାତ କରୁଥିବାର ଦେଖେ, ଭିନ୍ନ ଭିନ୍ନ ଲୋକମାନଙ୍କୁ ଦେଖେ। କେବଳ ଅନୁତାପ କରନ୍ତୁ, ତାହାଙ୍କୁ କୁହନ୍ତୁ ଆପଣ ଦୁଃଖିତ ଅଟନ୍ତି। ତାହାଙ୍କୁ କୁହନ୍ତୁ ଯେ ଆପଣ ତାହା ଆଉ କରିବେ ନାହିଁ। ତାହାଙ୍କ ଅନୁଗ୍ରହରେ, ଆପଣ ଆଜିଠାରୁ, ଆପଣଙ୍କର ସମସ୍ତ ପାର୍ଥକ୍ୟକୁ ଜଳାଞ୍ଜଳୀ ଦେଇଦେବେ। ଆପଣ ଭଦ୍ର ଏବଂ ଶାନ୍ତ ହେବାକୁ ଚାହୁଁଛନ୍ତି। ଆପଣ ନମ୍ର ହେବାକୁ ଚାହୁଁଛନ୍ତି ଏବଂ ସେ ଆପଣଙ୍କୁ ଯେଉଁ ସ୍ଥାନକୁ କଢ଼ାଇ ନେଇଯାଆନ୍ତି ଆପଣ ଯିବାକୁ ଚାହୁଁଛନ୍ତି।

164 ଯେତେବେଳେ ଲୋକମାନେ କିଛି କୁହନ୍ତି, ତାହା ଯେତେ ଠିକ୍ ଦେଖାଯାଉ ନା କାହିଁକି, ଆପଣ ନିଜର ପଡ଼ୋଶୀ ବିଷୟରେ କହିବାର ଆପଣଙ୍କର ଅଧିକାରଗୁଡ଼ିକୁ ହରାଇବାକୁ ଯାଉଛନ୍ତି। ଆପଣ କଥାବାର୍ତ୍ତା କରିବାକୁ ଯାଉଛନ୍ତି, ଆପଣ ଯୀଶୁଙ୍କ ବିଷୟରେ କଥାବାର୍ତ୍ତା କରିବାକୁ ଯାଉଛନ୍ତି। ଆପଣ ତ କେବଳ ଠିକ୍ ସେହି ବିଷୟ କରିବାକୁ ଯାଉଛନ୍ତି ଯାହା ଠିକ୍ ଅଟେ। ଆପଣ ଏକ ହତ୍ୟାକାରୀ ଭାବେ ବାହାରକୁ ଯାଉ ନାହାଁନ୍ତି। ଆପଣ ନିର୍ଦ୍ଦୋଷଙ୍କ ଉପରକୁ ଝାମ୍ପ ଦେବାକୁ ଯାଉ ନାହାଁନ୍ତି। ମାତ୍ର ଆପଣ ସେହି ପ୍ରକୃତ ଖ୍ରୀଷ୍ଟିଆନମାନଙ୍କର ବୀରତ୍ୱର ସାହସିକ ଗାଥା ଦେଖନ୍ତି, ଏବଂ ଆପଣ ସେମାନଙ୍କ ପରି ହେବାକୁ ଚାହୁଁଛନ୍ତି। ଆପଣ ଜଣେ ଖ୍ରୀଷ୍ଟିଆନ ବୋଲି ଆପଣଙ୍କୁ କାହାରିକୁ କହିବାକୁ ପଡ଼ିବ ନାହିଁ, ଯଦି ଆପଣ ଜଣେ ଅଟନ୍ତି, ସେମାନେ ତ କେବଳ ଏହାକୁ ଦେଖନ୍ତି ଓ ଜାଣିଯା'ନ୍ତି ଯେତେବେଳେ ଆପଣ କଥାବାର୍ତ୍ତା କରିଥା'ନ୍ତି। ଆପଣ ଭିତର ଏବଂ ବାହାର ପଟରେ ମୁଦ୍ରାଙ୍କିତ ଅଟନ୍ତି।

165 ବର୍ତ୍ତମାନ, ଯେତେବେଳେ ଆପଣ ନିଜର ହୃଦୟକୁ ନମ୍ର କରନ୍ତି, ତେବେ ଅନୁତାପ କରନ୍ତୁ। ପରମେଶ୍ୱରଙ୍କୁ କୁହନ୍ତୁ, ଆପଣ "ଦୁଃଖିତ," ଆପଣ "ଏହାକୁ ଆଉ ଅଧିକ କରିବେ ନାହିଁ," ଆପଣ ନିଜ ପାଇଁ "ଲଜ୍ଜିତ" ଅଟନ୍ତି, ଯେପରି ଭାବରେ ଆପଣ ବ୍ୟବହାର କରିଛନ୍ତି। ଆଉ ତା'ପରେ ମୁଁ ଆପଣଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛି। ଏବଂ ମୁଁ ବିଶ୍ୱାସ କରେ, ଠିକ୍ ତା' ପରେ, ଆପଣଙ୍କ ହୃଦୟ ଉପରେ କେବଳ ଶାନ୍ତି ବିରାଜିତ ହେବ, ଏକ ନଦୀ ପରି ଶାନ୍ତି ଠିକ୍ ଆପଣଙ୍କ ପ୍ରାଣ ମଧ୍ୟକୁ ପ୍ରବାହିତ ହେବ। ଆପଣ ପାଟି କରୁ ନ ଥାଇପାରନ୍ତି, ଆପଣ ହୁଏତ ପରଭାଷାରେ କଥାବାର୍ତ୍ତା କରୁ ନ ଥାଇପାରନ୍ତି, ଆପଣ ଉପର ତଳ ଡିଆଁ ମାରୁ

ନ ଥାଇପାରନ୍ତି; ମାତ୍ର ଆପଣ ନିଜ ଭିତରେ କିଛି ନେଇକି ବେଦୀକୁ ଛାଡ଼ିବେ, ନିଜ ଭିତରେ ଏପରି କିଛି ଯାହାକି ଆପଣ ବଞ୍ଚିଥିବା ଯାଏଁ ଆପଣଙ୍କୁ ସେହି ପୁରୁଣା ଦୁର୍ଗମ କ୍ରୁଶରେ ଲଙ୍ଗର ଦେଇଥିବ । ତେବେ ମୁଁ ଯେପରି ପ୍ରାର୍ଥନା କରେ, ସେପରି କରନ୍ତୁ । ଅଙ୍ଗୀକାର କରନ୍ତୁ ।

166 ଆମର ସ୍ୱର୍ଗସ୍ଥ ପିତା । ଅଯୋଗ୍ୟ ପ୍ରାଣୀମାନ, ଆଜି ସକାଳେ ଏହି ଗରମ, ଝାଳ ନାଳ କୋଠରୀ, ସେହି ଝାଳ ନାଳ ବାକ୍ସ; ମାତ୍ର, ପରମେଶ୍ୱର, ତୁମେ ଏହାକୁ ଆମ ଭିତରୁ ଝାଳ ପରି ବାହାର କରି ଦେଇଛ । ପବିତ୍ରଆତ୍ମା ତଳକୁ ଓହ୍ଲାଇ ଆସିଲେ, ଲୋକମାନଙ୍କୁ ଏହା ବିଶ୍ୱାସ କରାଇଲେ ଯେ ସେମାନେ ଭୁଲ୍ ଅଟନ୍ତି । ସେମାନେ ପାପ କରୁଥିଲେ । ସେମାନଙ୍କର ଆତ୍ମା ଅହଙ୍କାରୀ ଥିଲା । ସେମାନେ ଶତ୍ରୁତୁଲ୍ୟ, ଗୁପ୍ତଚରି, ସବୁ-କିଛି-ଜାଣନ୍ତି ଭଳି ହୋଇ ଯାଇଥିଲେ, ଅନୁତାପ କରିବାକୁ ଇଚ୍ଛା କରୁ ନ ଥିଲେ, ସେମାନଙ୍କୁ କ୍ଷମା କରିବାକୁ ଇଚ୍ଛା କରୁ ନ ଥିଲେ ଯେଉଁମାନେକି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟ କରିଛନ୍ତି । ସେମାନେ ଇଚ୍ଛୁକ ନ ଥିଲେ, ମାତ୍ର ଆଜି ପବିତ୍ରଆତ୍ମା ପରମେଶ୍ୱରଙ୍କ ବାକ୍ୟକୁ ନେଲେ, ତାହାକୁ ସେମାନଙ୍କର ନମ୍ର ହୃଦୟରେ ସ୍ଥାପନ କଲେ, ଏବଂ କହିଲେ, "ବର୍ତ୍ତମାନ କ'ଣ ତୁମେ ପୁନର୍ବାର ସେହି ସ୍ଥାନକୁ ଫେରି ଆସିବାକୁ ଚାହୁଁଛ କି ଯେଉଁଠାରେ ତୁମେ ସେତେବେଳେ ଥିଲ ଯେତେବେଳେ ତୁମେ ପ୍ରଥମ ଥର ବେଦୀକୁ ଆସିଥିଲ, ସେହି ସ୍ଥାନକୁ ଫେରି ଆସିବାକୁ ଚାହୁଁଛ ଯେଉଁଠାରେ ସମସ୍ତେ, ତୁମେ ସମସ୍ତଙ୍କୁ ପ୍ରେମ କରୁଥିଲ, ଏବଂ ତୁମେ ମୋତେ ଅଗାଢ଼ ପ୍ରେମରେ ପ୍ରେମ କରୁଥିଲ? ତାହାହେଲେ କେବଳ ଉଠ ଏବଂ ବେଦୀ ନିକଟକୁ ଆସ ।" ପ୍ରଭୁ, ସେମାନେ ତାହା କଲେ ।

167 ତେବେ, ମୁଁ ବର୍ତ୍ତମାନ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କର ଚିନ୍ତାଧାରାକୁ ପବିତ୍ର କରିବ, ପ୍ରଭୁ, ସେମାନଙ୍କ ହୃଦୟଗୁଡ଼ିକୁ ପବିତ୍ର କରିବ, ସେମାନଙ୍କୁ ନମ୍ର ଏବଂ ଶାନ୍ତିପୂର୍ଣ୍ଣ କରିବ । ଏହା ହେଉ ଯେ ସେମାନେ ଅନୁତାପ କରିସାରିବା ପରେ, ବର୍ତ୍ତମାନ ସେମାନେ ଏହି ବେଦୀରୁ ଉଠନ୍ତୁ, ନିଜର ଜୀବନକୁ ତୁମକୁ ସମର୍ପଣ କରି, ନିଜ ଘରକୁ ଫେରିଯାଆନ୍ତୁ । ଯାହା ହେଉନା କାହିଁକି, ଯଦି ସ୍ୱାମୀ ସମ୍ପୂର୍ଣ୍ଣ ଭାବେ ବିରକ୍ତ ହୁଅନ୍ତି, କିମ୍ବା ପତ୍ନୀ ବିରକ୍ତ ହୁଅନ୍ତି, କିଅବା ପଡ଼ୋଶୀ ବିରକ୍ତ ହୁଅନ୍ତି, କିମ୍ବା କେହି ବି ଯାହା ସହିତ ଆପଣ କାର୍ଯ୍ୟ କରୁଛନ୍ତି ଅବା ଜଡ଼ିତ ଅଟନ୍ତି, "ମୁଁ ତ କେବଳ ଏକ କପୋତ ପରି ନମ୍ର ରହିବି ।"

168 ସର୍ବଶେଷରେ, ତୁମର ପ୍ରତିଶୋଧ ତୁମର ହିଁ ଅଟେ, "ମୁଁ ପରିଶୋଧ କରିବି, ସଦାପ୍ରଭୁ କୁହନ୍ତି ।" ପ୍ରଭୁ, ତାହା ସେହିପରି ଅଟେ ବୋଲି ଆମେମାନେ କିପରି ପାଇଅଛୁ । କେବଳ ସ୍ଥିର ରୁହନ୍ତୁ, ନମ୍ର ହୁଅନ୍ତୁ, ଦେଖନ୍ତୁ ଯେ ପରମେଶ୍ୱର ନିଅନ୍ତି...ଠିକ୍ ତାହାଙ୍କର ମେଷଶାବକଙ୍କ ନିକଟକୁ ଆସନ୍ତି । ଅବଶ୍ୟ, ନିଶ୍ଚିତ ରୂପେ । ଏହି ଉତ୍ତମ ମେଷପାଳକ ସେମାନଙ୍କ ପାଇଁ ନିଜର ଜୀବନ ଦିଅନ୍ତି, ସେ ଠିକ୍ ନିଜର ମେଷ ନିକଟକୁ ଆସନ୍ତି । ଏବଂ ସେ ସେମାନଙ୍କୁ ମାର୍ଗଦର୍ଶନ କରିବେ । ସେହି ଜଣକାକୁ ହାୟଃ ଯିଏକି ସେମାନଙ୍କୁ ଅତିକ୍ରମ କରେ! ସେହି ଜଣକାକୁ ହାୟଃ, ଯିଏକି ସେମାନଙ୍କ ବିରୁଦ୍ଧରେ ଗୋଟିଏ ଶବ୍ଦ କହେ! କହିଲେ, "ଏହା ଭଲ ହୁଅନ୍ତା ଯେ ତୁମର ଗଳାରେ ଏକ ଚକୀପଥର ଟଙ୍ଗାଯାଇ, ଗଭୀର ସମୁଦ୍ରରେ ନିକ୍ଷେପ କରାଯା'ନ୍ତା ।

ସେମାନଙ୍କର ସ୍ୱର୍ଗଦୂତମାନେ ସର୍ବଦା ମୋହର ସ୍ୱର୍ଗୀୟ ପିତାଙ୍କ ମୁଖ ଅନ୍ୱେଷଣ କରନ୍ତି ।" ବୁଝିଲେ? ହେ ପରମେଶ୍ୱର, ଆମେ ଚାହୁଁ…"ତୁମେ ସେମାନଙ୍କ ପ୍ରତି ଯେପରି କର, ତୁମେ ମୋ' ପ୍ରତି ତାହା କର ।"

169 ଏଣୁ, ହେ ପରମେଶ୍ୱର, ମୁଁ ନମ୍ର ହେବାକୁ ଚାହେଁ ।ଆଜି ସକାଳେ ମୁଁ ମୋ' ନିଜକୁ, ମଧ୍ୟ, ବେଦୀରେ ରଖେ; କେବଳ ଆଜି ସକାଳ ନୁହେଁ, ମାତ୍ର ପ୍ରତ୍ୟେକ ସକାଳ ଏବଂ ପ୍ରତ୍ୟେକ ଦିନ । ମୁଁ ଶାନ୍ତ ଏବଂ ଭଦ୍ର ହେବାକୁ ଚାହେଁ, ଆଉ ଯୀଶୁଙ୍କ ପରି ହେବାକୁ ଚାହେଁ । ପିତା, ଏହା ପ୍ରଦାନ କର । ଆମକୁ ବର୍ତ୍ତମାନ ସେହିପରି ହେବାରେ ସାହାଯ୍ୟ କର, ପ୍ରେମର ଅଗାଧ ମହାତରଙ୍ଗ ଆମ ପ୍ରାଣ ଉପର ଦେଇ ଗଡ଼ିଯାଉ ।

> ଶାନ୍ତି! ଶାନ୍ତି! ଅଦ୍ଭୁତ ଶାନ୍ତି,
> ଉପରିସ୍ଥ ପିତାଙ୍କଠାରୁ ତଳକୁ ଆସୁଅଛି; (କ'ଣ ଆପଣ ବର୍ତ୍ତମାନ ଏହାକୁ ନିଜ ହୃଦୟରେ ଅନୁଭବ କରୁନାହାଁନ୍ତି କି?)
> …ମୋ' ଆତ୍ମା ଉପରେ ସବୁଦିନ ପାଇଁ, (ହାଲ୍ଲେଲୁୟା ହାଲ୍ଲେଲୁୟା!)…
>
> ଶାନ୍ତି! ଶାନ୍ତି! ଅଦ୍ଭୁତ…

170 ଭଉଣୀ ଗର୍ଟି କହିଲେ ଯେ ସମସ୍ତ ମଣ୍ଡଳୀକୁ କୁହନ୍ତୁ ସେ ମଧ୍ୟ, ଦୋଷୀ ଅଟନ୍ତି, ମାତ୍ର ସେ ପିଆନୋକୁ ତାଙ୍କର ବେଦୀ କରୁଅଛନ୍ତି । ଯେହେତୁ ସେହି ବେଦୀ, ପିଆନୋ ହେଉଛି ତାଙ୍କର ବେଦୀ, କହିଲେ, "ମଣ୍ଡଳୀକୁ କୁହନ୍ତୁ ମୋ ପାଇଁ ପ୍ରାର୍ଥନା କରିବେ," ଯେହେତୁ ସେ ସେଠାରେ ବସିଛନ୍ତି ଏବଂ ତାଙ୍କ ଚଷମା ଦେଇ ଲୁହ ଝରି ଆସୁଛି । ଏହି ମଞ୍ଚ ହେଉଛି ମୋ'ର ବେଦୀ । ମୁଁ ମଧ୍ୟ, ଅନୁତାପ କରିଛି, ମୋ'ର ବାଇବଲ ଓଦା ହୋଇଯାଇଛି । ହେ ପରମେଶ୍ୱର!

> ଶାନ୍ତି! (ପରମେଶ୍ୱରଙ୍କ ଶାନ୍ତି ।)
> ଉପରିସ୍ଥ ପିତାଙ୍କଠାରୁ ତଳକୁ ଆସୁଅଛି; (ଓଃ, ହାଲ୍ଲେଲୁୟା!)
> …ମୋ' ଆତ୍ମା ଉପରେ ସବୁଦିନ ପାଇଁ…

171 ହେ ପରମେଶ୍ୱର, ଯଦି ମୁଁ କାହା ବିରୁଦ୍ଧରେ, ତୁମ ବିରୁଦ୍ଧରେ ପାପ କରିଛି, ପ୍ରଭୁ, ତାହାକୁ ଦୂର କରିଦିଅ । ଆଜି ସକାଳରେ, ମୋ'ର ଛୋଟ ମଣ୍ଡଳୀରୁ ପାପକୁ କାଢ଼ି ଦୂର କରିଦିଅ ।

172 କେତେଜଣ ଏହା କେବଳ ଅନୁଭବ କରିପାରନ୍ତି ଯେ ପରମେଶ୍ୱର ଆପଣଙ୍କୁ କ୍ଷମା କରିଛନ୍ତି, ଏବଂ ଶାନ୍ତିର କପୋତ ଆପଣଙ୍କ ହୃଦୟରେ ପୁଣିଥରେ ବସିଛନ୍ତି? ସେ ତ ଠିକ୍ ବର୍ତ୍ତମାନ ହିଁ ଉଡ଼ିକି ଫେରିଗଲା, ନିଜର ସ୍ଥାନକୁ ଗ୍ରହଣ କଲା । ପବିତ୍ରଆତ୍ମା ଠିକ୍ ପଛକୁ ଗଲେ ଏବଂ କହିଲେ, "ମୋହର ସନ୍ତାନ, ମୁଁ ସବୁ ସମୟରେ ତୁମକୁ ପ୍ରେମ କରିବାକୁ ଚାହୁଁଥିଲି । ତୁମେ କେବଳ ମୋତେ ତାହା କରିବାକୁ ଦେଉ ନ ଥିଲ । ମୁଁ ତୁମର ସେହି ପୁରୁଣା ସ୍ୱାର୍ଥପର ଆତ୍ମା ସହିତ ବାସ କରିପାରେ ନାହିଁ । ମାତ୍ର ବର୍ତ୍ତମାନ ଯେ ତୁମେ ଏହାକୁ ସମର୍ପଣ କରିଅଛ, ମୁଁ ଆଜି ସକାଳରେ ତୁମ ହୃଦୟକୁ ଫେରି ଆସିଛି ।" କେତେଜଣ ସେହିପରି ଅନୁଭବ କରନ୍ତି?

ନିଜର ହାତ ଉଠାନ୍ତୁ । ବେଦୀର ନିକଟରେ ଥିବା ସମସ୍ତେ, ନିଜର ହାତ ଉଠାନ୍ତୁ, ତାହା ଠିକ୍ ଅଟେ । ଓଃ, ତାହା ଉତ୍ତମ ଅଟେ । ଦର୍ଶକବୃନ୍ଦଙ୍କ ମଧ୍ୟରୁ କେତେଜଣ ସେହିପରି ଅନୁଭବ କରନ୍ତି? ନିଜର ହାତ ଉଠାନ୍ତୁ । ଓଃ! (*ଯୀଶୁଙ୍କ ପରି ହେବା ।*)

173 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ଏହି ସୁକ୍ଷ୍ମ, ଉତ୍ସର୍ଗୀକରଣର ସମୟ ପାଇଁ ଆମେ ତୁମକୁ ଧନ୍ୟବାଦ ଦେଉଅଛୁ, ଯେପରିକି ହାତରେ ଏକ ସେଉକୁ ନେବା, ତାହାକୁ ଚକଟିବା, ତାହାକୁ ଦଳିବା, ଯେପର୍ଯ୍ୟନ୍ତକି ତାହା ନରମ ନ ହୋଇଯାଏ, ଏତେ ନରମ ଯେ ଗୋଟିଏ ସାନ ଶିଶୁ ତାହାକୁ ବସି ଖାଇପାରେ । ପ୍ରଭୁ, ସେହିଭଳି ଭାବରେ ଆମେ ଆମର ହୃଦୟଗୁଡ଼ିକ ଚାହୁଁ । ଏହାକୁ ନିଜର କଣ୍ଟା-କ୍ଷତବିକ୍ଷତ ହାତରେ ନିଅ, ଏହାକୁ ଠିକ୍ ଦଳି ଦେଇ କୁହ, "ପୁଅରେ, କ'ଣ ତୁମେ ଦେଖୁ ନାହଁ କି ତୁମେ ମୋତେ ଆଘାତ କରିଅଛ? ଯେତେବେଳେ ତୁମେ ସେହି ହ୍ୟାଣ୍ଡେଲକୁ ସେହିପରି ଭାବରେ କ୍ରୋଧରେ ଫିଙ୍ଗିଥିଲ ତୁମେ ମୋତେ ଆଘାତ କରୁଥିଲ । ତୁମେ ମୋତେ କଷ୍ଟ ଦେଉଥିଲ, ଓଃ, ପୁଅ, ମୋ'ର ହୃଦୟ ତୁମ ପାଇଁ କେବଳ ରକ୍ତ ବୁହାଇଥିଲା, ଯେତେବେଳେ ମୁଁ ତୁମକୁ *ଅମୁକ-ଓ-ଅମୁକ* କାର୍ଯ୍ୟ କରୁଥିବାର ଦେଖିଲି । ମାତ୍ର ବର୍ତ୍ତମାନ ଯେ ମୁଁ ତୁମ ହୃଦୟକୁ ମୋ' ହାତରେ ପାଇଛି, ମୁଁ ଏହାକୁ ପ୍ରକୃତରେ ନମ୍ର କରିବାକୁ ଚାହେଁ । ମୁଁ ଏହାକୁ ଏପରି ଭାବେ ପ୍ରସ୍ତୁତ କରିବାକୁ ଚାହେଁ ଯେପରିକି ମୁଁ ଏହାକୁ ବ୍ୟବହାର କରିପାରେ ଏବଂ ସେଥିରେ ବାସ କରିପାରେ । ମୁଁ ଆଜି ସକାଳେ ସେହି ବସା ଉପରକୁ ଉଡ଼ିବାକୁ ଚାହେଁ, ମୁଁ ଉଡ଼ିକି ଫେରିବାକୁ ଏବଂ ବାସ କରିବାକୁ ଚାହେଁ, ତୁମ ସହିତରେ ମୋ'ର ନିବାସ କରିବାକୁ ଚାହେଁ ।" ହେ ପରମେଶ୍ୱର, ଏହାକୁ ପ୍ରଦାନ କର । ଆମେ ତୁମକୁ ପ୍ରେମ କରୁ । ତୁମର ମହିମା ପାଇଁ, ଏହାକୁ ପ୍ରଦାନ କର । ଆମେ ଯୀଶୁଙ୍କ ନାମରେ ମାଗୁଅଛୁ ।

ଯୀଶୁଙ୍କ ପରି ହେବାକୁ, କୁ...

କ'ଣ ଆପଣ କେବଳ ଏହିପରି ଭାବରେ ଉପାସନା କରିବାକୁ ଭଲ ପାଆନ୍ତି ନାହିଁ କି? ଓଃ, ମୋର ପ୍ରାଣ କେବଳ ସ୍ନାନ କରୁଅଛି ।

ପୃଥିବୀରେ ମୁଁ...

ତାଙ୍କୁ ଏହିପରି ଭାବରେ ସେହି—ସେହି ଉପାସକମାନଙ୍କ ମଧ୍ୟରେ ଓହ୍ଲାଇ ଆସୁଥିବାର ଦେଖିବା, ଆପଣଙ୍କର ହୃଦୟ ପ୍ରକୃତରେ କ'ଣ ନମ୍ର ଅନୁଭବ କରେ କି? ମୋ'ର ହୃଦୟ କେବଳ ଦ୍ରୁତ ଗତିରେ ଆଘାତ କରୁଛି ।

...ପୃଥିବୀରୁ ମହିମା ଯାଏଁ ଯାତ୍ରା
ମୁଁ କେବଳ ତାହାଙ୍କ ପରି ହେବାକୁ ପ୍ରାର୍ଥନା କରେ ।

କ'ଣ ଆପଣମାନେ ନିଜର ହାତକୁ ଉଠାଇବେ କି ଯେତେବେଳେ ଆମେ ଏହାକୁ ଗୀତ ଗାଉ?

ଯୀଶୁଙ୍କ ପରି ହେବାକୁ, କୁ...

ଜୋ, କ'ଣ ଆପଣ ଆସି ଆଜି ସକାଳେ ପ୍ରାର୍ଥନା କରିବାକୁ ଚାହିଁବେ କି, ଭାଇ? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଭାଇ ଜୋ, ନିଜ ପାଇଁ ଏଠାରେ ବେଦୀ ନିକଟରେ ଏକ ସ୍ଥାନ ଖୋଜି ନିଅନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ…?…

…ପୃଥିବୀରୁ ମହିମା ଯାଏଁ ଯାତ୍ରା ।
ମୁଁ କେବଳ ତାହାଙ୍କ ପରି ହେବାକୁ ପ୍ରାର୍ଥନା କରେ ।

174 ମୁଁ ଜାଣେ ଯେ ଏହା ଗରମ ଅଛି, ବନ୍ଧୁ । ମୁଁ ଜାଣେ ଯେ ତାହା ଅଛି । ମାତ୍ର ମୁଁ—ମୁଁ ଆଶା କରେ ଆପଣ ତାହା ଠିକ୍ ସେହିପରି ଭାବେ ଅନୁଭବ କରନ୍ତି ଯେପରିକି ମୁଁ କରେ । ଓଃ, ମୁଁ ତ କେବଳ ଏପରି ଅନୁଭବ କରେ ଯେ ମୁଁ କେବଳ ଠିକ୍ ଉଡ଼ି ଯାଇପାରେ । ସେ କେତେ ପ୍ରେମୀ! ମୁଁ କ'ଣ କରିପାରିବି? ମୁଁ କେଉଁଆଡ଼େ ଯିବି? ହେ ପରମେଶ୍ୱର! ମୁଁ କେଉଁଆଡ଼କୁ ଯାଉଅଛି? ମୁଁ କେଉଁଆଡ଼କୁ ମୁହାଁଇଅଛି? ଏହା କ'ଣ ଯାଉଅଛି—କ'ଣ ହେବାକୁ ଯାଉଅଛି? ମୁଁ ଏବେଠାରୁ ନେଇ ଶହେ ବର୍ଷରେ କେଉଁଆଡ଼େ ରହିବାକୁ ଯାଉଅଛି? କ'ଣ ହେବ ଯଦି ମୁଁ ତାହାଙ୍କୁ ପାଇବି ନାହିଁ? କେଉଁଠାରେ, ଅନ୍ୟ କୌଣସି ଆଶ୍ରୟ କେଉଁଠାରେ ଅଛି?

ବେଥଲିହିମର ଗୁହାଳ ଘରୁ ଜଣେ ଅପରିଚିତ ବ୍ୟକ୍ତି ଆସିଲେ,
ପୃଥିବୀରେ ମୁଁ ତାହାଙ୍କ ପରି ହେବାକୁ ଇଚ୍ଛା କରେ;
ପୃଥିବୀରୁ ମହିମା ଯାଏଁ ଜୀବନର ସମଗ୍ର ଯାତ୍ରାରେ
ମୁଁ କେବଳ ତାହାଙ୍କ ପରି ହେବାକୁ ପ୍ରାର୍ଥନା କରେ ।

ବର୍ତ୍ତମାନ ସମସ୍ତେ ଏକାଠି ମିଶି ।

ଯୀଶୁଙ୍କ ପରି ହେବା…(ପରମେଶ୍ୱରଙ୍କ ପ୍ରଶଂସା ହେଉ! ହଁ, ପ୍ରଭୁ!
ହଁ, ପ୍ରଭୁ! ଜଗତ ପରି ନୁହେଁ; ତୁମ ପରି!)
…ତାହାଙ୍କ ପରି ହେବା;
ପୃଥିବୀରୁ ମହିମା ଯାଏଁ ଜୀବନର ସମଗ୍ର ଯାତ୍ରାରେ
ମୁଁ କେବଳ ପ୍ରାର୍ଥନା କରେ…?…

175 ଯେତେବେଳେ ଆପଣ ନିଜର ମୁଣ୍ଡ ନୁଆଁଇଛନ୍ତି, ମୁଁ ଆପଣଙ୍କୁ କିଛି ପଚାରିବାକୁ ଯାଉଛି । କେହି ଜଣେ ଏଠାରେ ପବିତ୍ରଆତ୍ମାଙ୍କୁ ଅସନ୍ତୁଷ୍ଟ କରୁଅଛନ୍ତି । କାହାରିକୁ ଡକାଯାଇଛି । ମୁଁ ପ୍ରଭୁ ଯୀଶୁଙ୍କ ନାମରେ, ତାହାଙ୍କର ଭବିଷ୍ୟଦ୍‌ବକ୍ତା ଭାବରେ କହୁଅଛି । ମୁଁ ତାହାଙ୍କର ହୃଦୟକୁ ଆଘାତ ହୋଇଥିବାର ଅନୁଭବ କରିପାରେ । ସେଠାରେ, କେହି ଜଣେ ତାହାଙ୍କୁ ଅବମାନନା କଲେ, ଆସିବାର ଉଚିତ୍ ଥିଲା । କ'ଣ ଆପଣ ବର୍ତ୍ତମାନ ଆସିବେ ନାହିଁ କି?

ଜୀବନର ସମଗ୍ର ଯାତ୍ରାରେ ସେଠାରୁ…

ହଁ, ଭଉଣୀ, ମାତ୍ର ତୁମଠାରୁ ଅଧିକ କିଛି ଅଛି ।

…ମହିମା

ମୁଁ କେବଳ ତାହାଙ୍କ ପରି ହେବାକୁ ପ୍ରାର୍ଥନା କରେ ।

କେବଳ ଯୀଶୁଙ୍କ ପରି ହେବା...(ତାହାହିଁ ମୋ'ର ସମସ୍ତ ଇଚ୍ଛା, ନମ୍ର
ଏବଂ ଦୀନ, ବିନମ୍ର, ତାଙ୍କ ପରି ହେବା ।)
ପୃଥିବୀରେ ମୁଁ...

କ'ଣ ଆପଣ ବର୍ତ୍ତମାନ ଉପରକୁ ଆସିବେ ନାହିଁ କି? ପରମେଶ୍ୱର ଆପଣଙ୍କୁ ଏକ ପଦକ୍ଷେପ ନେଉଥିବାର ଦେଖିବାକୁ ଚାହୁଁଛନ୍ତି, ଆପଣଙ୍କର ଏକ ସଂଖ୍ୟା ଅଛି ।

ସମଗ୍ର ଦେଇ...

176 ମୁଁ ଜାଣିଥିଲି ଯେ ଆପଣ ଆସୁଛନ୍ତି । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଏହା ଅଟେ । ଏହା ଅଟେ । ମୁଁ ସେଠାରେ ଏହି ଶ୍ରୋତାମାନଙ୍କ ଆଡ଼େ ଦୃଷ୍ଟିପାତ କଲି, ଏବଂ ସେଠାରେ ମୁଁ ଦେଖିଥିବା ସବୁଠାରୁ ଭୟଙ୍କର କଳା ଛାୟାକୁ ଝୁଲୁଥିବାର ଦେଖିଲି । ପବିତ୍ରଆତ୍ମା ବର୍ତ୍ତମାନ ଏଠାରେ ଅଛନ୍ତି । ଏହା ବର୍ତ୍ତମାନ ମୋ' ଉପରେ ଅଛନ୍ତି । "ପବିତ୍ରଆତ୍ମାଙ୍କୁ ଦୁଃଖ ଦେବା ।"

ଯୀଶୁଙ୍କ ପରି ହେବା...

177 ସେ କ'ଣ କଲେ? ପିତା ଯେଉଁଆଡ଼େ କଢ଼ାଇ ନେଲେ ସେଆଡ଼େ ଗଲେ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ । ମୋ' ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାହା ଠିକ୍ ଅଟେ, ଉପରକୁ ଚାଲି ଆସ ଏବଂ ଆଶ୍ରୁପାତ ହୁଅ ।

ପୃଥିବୀରେ ମୁଁ ବହୁତ ଇଚ୍ଛା କରେ...

178 ବର୍ତ୍ତମାନ ସମୟ ଅଛି ସେହି ପୁରୁଣା-ସମୟର ଅଙ୍ଗୀକାର କରିବା ନିମନ୍ତେ, ସଳଖ କରିବା ନିମନ୍ତେ, ଠିକ୍ କରିବା ନିମନ୍ତେ । ଆସନ୍ତୁ । ତଥାପି ଅନୁଭବ କରେ ଯେ ସେଠାରେ ଆହୁରି ଅଛନ୍ତି । ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାହା ଠିକ୍ । ପବିତ୍ରଆତ୍ମା ସର୍ବଦା ସଠିକ୍ ଅଟନ୍ତି । ଆସନ୍ତୁ । ତାହା ଠିକ୍, ବାହାରକୁ ଆସି ଯାଆନ୍ତୁ ।

...ତାହାଙ୍କୁ ।

ଯୀଶୁଙ୍କ ପରି ହେବା, ଯୀଶୁଙ୍କ ପରି ହେବା,
ପୃଥିବୀରେ ମୁଁ...

ଓଃ, ମୋ'ର ପ୍ରଭୁ, ତାହା ଠିକ୍ ଅଟେ! ତାହାହିଁ ହେଉଛି ରାସ୍ତା, ଗଳିପଥଗୁଡ଼ିକୁ କେବଳ ପରିପୂର୍ଣ୍ଣ କରିଦିଅନ୍ତୁ, ଠିକ୍ ବାହାରକୁ ଆସି ଯାଆନ୍ତୁ ଓ ପ୍ରାର୍ଥନା କରନ୍ତୁ ।

ପୃଥିବୀରୁ ମହିମା ଯାଏଁ ଜୀବନର ଯାତ୍ରାରେ,

କେବଳ ଅନୁତାପ କରନ୍ତୁ, ପରମେଶ୍ୱରଙ୍କୁ କୁହନ୍ତୁ ଯେ ଆପଣ ଦୁଃଖିତ ଅଟନ୍ତି, ତାହାହିଁ ସବୁ କିଛି ଯାହାକି ଆପଣଙ୍କୁ କରିବାକୁ ହେବ।

...ତାହାଙ୍କ ପରି ହେବା।

179 କ'ଣ ଆପଣମାନେ ବର୍ତ୍ତମାନ ଆସୁଥିବେ ନାହିଁ କି?

କୁ...

ତାହା ଠିକ୍, ସମସ୍ତ ବନ୍ଧନକୁ ଠିକ୍ ଛିଣ୍ଡାଇ ଦିଅନ୍ତୁ, ଉପରକୁ ଆସି ଯାଆନ୍ତୁ।

...ପରି ହେବାକୁ...

180 ଆପଣ କ'ଣ କରିବାକୁ ଯାଉଛନ୍ତି? କିଏ ଆପଣଙ୍କ ପାଇଁ ଛିଡ଼ା ହେବାକୁ ଯାଉଛନ୍ତି, ବୋଧହୁଏ ଆଜି ରାତ୍ରିରେ? ମୃତ୍ୟୁ ଯେତେବେଳେ ଆପଣଙ୍କର ହାତ ନିକଟକୁ ଆସେ ସେତେବେଳେ ଆପଣଙ୍କ ପାଇଁ କିଏ ଛିଡ଼ା ହେବାକୁ ଯାଉଛନ୍ତି? ଆପଣ ଯାହା ବି କରିଛନ୍ତି ସେଥିରେ କିଛି ଯାଏ ଆସେ ନାହିଁ, ପବିତ୍ରଆତ୍ମା ଠିକ୍ ଆପଣଙ୍କ ପାଖରେ ବସିଛନ୍ତି। ତାହା ତ ସେ ଅଟନ୍ତି ଯିଏକି ଆପଣ ଆସନ୍ତୁ ବୋଲି ଚାହୁଁଛନ୍ତି।

ପୃଥିବୀରୁ ମହିମା ଯାଏଁ ଜୀବନର ସମଗ୍ର ଯାତ୍ରାରେ

181 କେବଳ ଅନୁତାପ କରନ୍ତୁ, କୁହନ୍ତୁ, "ପରମେଶ୍ୱର, ମୁଁ ଦୁଃଖିତ। ମୁଁ—ମୁଁ ତାହା କରିବାକୁ ଚାହୁଁ ନ ଥିଲି। ଯଦି ମୁଁ ତୁମ ପାଇଁ ବର୍ତ୍ତମାନ ଛିଡ଼ା ନ ହୁଏ ତୁମେ ମୋ' ପାଇଁ ଛିଡ଼ା ହେବ ନାହିଁ। ଆଉ ମୁଁ ଚାହେଁ ଯେ ତୁମେ ମୋ' ପାଇଁ ଛିଡ଼ା ହୁଅ, ଏବଂ ମୁଁ ଆଜିଠାରୁ ତୁମ ପାଇଁ ଛିଡ଼ା ହେଉଅଛି। ମୁଁ ସେପରି ଜୀବନ ଯାପନ କରିବାକୁ ଯାଉଅଛି ଯେପରି ଜଣେ ଖ୍ରୀଷ୍ଟିଆନ କରିବା ଉଚିତ୍। ମୁଁ ମୋ'ର ମାର୍ଗସକଳ ପରିବର୍ତ୍ତନ କରିବାକୁ ଯାଉଅଛି। ମୁଁ ଭଦ୍ର ଏବଂ ଶାନ୍ତ ହେବାକୁ ଯାଉଅଛି। ମୁଁ ସମସ୍ତଙ୍କୁ ନିଜ ନିଜର କଥାବାର୍ତ୍ତା କରିବାକୁ, ସବୁକିଛି କରିବାକୁ ଦେବାକୁ ଯାଉଅଛି। ମୁଁ ତୁମ ସମ୍ମୁଖରେ ଠିକ୍ ନମ୍ର ଏବଂ ଶାନ୍ତ ପରି ରହିବାକୁ ଯାଉଅଛି।" ଏଥିରେ କିଛି ଯାଏ ଆସେ ନାହିଁ ଯେ ଆପଣ କେତେ ଦିନ ଖ୍ରୀଷ୍ଟିଆନ ବୋଲି କହି ଆସିଛନ୍ତି, ଆପଣ କେଉଁ ମଣ୍ଡଳୀର ଅଟନ୍ତି, ତାହାର ଏହା ସହିତ କୌଣସି ସମ୍ବନ୍ଧ ନାହିଁ। ଠିକ୍ ଚାଲି ଆସନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ପୁଅ, ସେଥିରୁ ଠିକ୍ ବାହାରି ଆସିଯାଅ।

182 ପରମେଶ୍ୱର ବର୍ତ୍ତମାନ ଆପଣଙ୍କ ସହିତରେ କଥାବାର୍ତ୍ତା କରୁଛନ୍ତି। ଯଦି ଆପଣ ମୋତେ ତାହାଙ୍କର ସେବକ ବୋଲି ବିଶ୍ୱାସ କରନ୍ତି, ପବିତ୍ରଆତ୍ମା ଆଜି ସକାଳେ ମୋ' ସହିତ କଥା ହୋଇଥିଲେ, କହିଥିଲେ, "ସେହି ଡାକରା ଦିଅ, ସେଠାରେ ଅନେକେ ଅଛନ୍ତି।" ଏହା ହେଉଛି ସେହି ଦିନ, ଏହା ହେଉଛି ସେହି ସମୟ। ସେଠାରେ ପଛରେ ଆହୁରି ପ୍ରାୟଃ ପାଞ୍ଚ କିମ୍ବା ଛଅଜଣ ଅଛନ୍ତି, ପ୍ରକୃତରେ ବର୍ତ୍ତମାନ ଆସିଯିବା ଉଚିତ୍ ଅଟେ। ମନେରଖନ୍ତୁ, ଭାଇ, ଭଉଣୀ, ମୁଁ ଠିକ୍ ଆପଣମାନଙ୍କୁ ଦେଖୁଅଛି, ମୁଁ ଆପଣମାନଙ୍କ ଉପରେ ସେହି ଅନ୍ଧକାର ଛାୟାଗୁଡ଼ିକୁ ଝୁଲୁଥିବାର ଦେଖୁଅଛି। ଭଲ ହେବ ଯେ ଆପଣ ଠିକ୍ ଆସି ଯାଆନ୍ତୁ।

183 ଯୀଶୁଙ୍କ ପରି ହେବା! କ'ଣ ଆପଣ ତାହାଙ୍କ ପରି, ଭଦ୍ର, ଶାନ୍ତ, ନମ୍ର, ଦୀନ ହେବାକୁ ଚାହୁଁ ନାହାଁନ୍ତି କି? ହେ ଯୁବା ଲୋକ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ସେହି ଶିଶୁ ସହିତ ବାପା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭଉଣୀ । ହେ ପାପୀ ବନ୍ଧୁ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାହା ଠିକ୍ । ଭଉଣୀ, ଠିକ୍ ଉପରକୁ ଆସି ଯାଆନ୍ତୁ, ଠିକ୍ ବାହାରକୁ ବାହାରି ଯାଆନ୍ତୁ, ନିଜ ପାଇଁ କେବଳ ଏକ ସ୍ଥାନ ଖୋଜି ନିଅନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

184 ଭଉଣୀ ପ୍ରିୟ, ଆପଣଙ୍କୁ ଅନେକ ବିଷୟ ପାଇଁ ବହୁତ ଧନ୍ୟବାଦୀ ହେବାକୁ ଅଛି । ଏକ ଶଯ୍ୟାରେ ମରିବା ପାଇଁ, ପଡ଼ି ରହିଥିବା, ଏଠାରେ ଆପଣ ବେଦୀକୁ, ଚାଲିକରି ଆସୁଛନ୍ତି । ପରମେଶ୍ୱର ଆପଣଙ୍କର କୋମଳ ହୃଦୟକୁ ଆଶୀର୍ବାଦ କରନ୍ତୁ ।

185 ପବିତ୍ରଆତ୍ମା ବର୍ତ୍ତମାନ ପୁଣିଥରେ କହୁଛନ୍ତି । ଅନୁତାପ କରନ୍ତୁ, ଠିକ୍ ପରମେଶ୍ୱରଙ୍କ ନିକଟରେ କେବଳ କ୍ରନ୍ଦନ କରନ୍ତୁ, ଠିକ୍ କେବଳ ନିଜର ପ୍ରାର୍ଥନା କରନ୍ତୁ । ତୁମେ ହିଁ ସେହି ଜଣକା ଅଟ ଯିଏକି ପାପ କରିଛ, ବର୍ତ୍ତମାନ ତୁମେ ହିଁ ସେହି ଜଣକା ଯିଏକି ପ୍ରାର୍ଥନା କରୁଛ । ପରମେଶ୍ୱରଙ୍କୁ କୁହନ୍ତୁ ଯେ ଆପଣ ଯାହା କରିଛନ୍ତି ତାହା ପାଇଁ ଆପଣ ଦୁଃଖିତ । ଆପଣଙ୍କ ଚାରିପାଖରେ କିଏ ଅଛନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତୁ ନାହିଁ । କେବଳ କୁହନ୍ତୁ, "ପରମେଶ୍ୱର, ମୋତେ କ୍ଷମା କର, ମୋ'ର ସେହିପରି ହେବାର ଅଭିପ୍ରାୟ ନ ଥିଲା । ମୁଁ ଭଦ୍ର ହେବାକୁ ଚାହେଁ । ମୁଁ ଆଉ—ମୁଁ ଆଉ କେବେ ଅତିକ୍ରମ କରିବି ନାହିଁ ଏବଂ କେବେ ଝଗଡ଼ା କରିବି ନାହିଁ ।"

186 ହେ ପରମେଶ୍ୱର, ଓଃ, ମୁଁ ଏହାକୁ କେତେ ଭଲ ପାଏ! ସ୍ୱର୍ଗୀୟ ପିତା, ପ୍ରତ୍ୟେକ ଅନୁତାପକାରୀମାନଙ୍କ ପାଇଁ ଯେଉଁମାନେକି ବର୍ତ୍ତମାନ ଏଠାରେ ବେଦୀରେ ତଳେ, ସେମାନଙ୍କର ଆଣ୍ଠୁପାତି, ପ୍ରାର୍ଥନା କରୁଛନ୍ତି! ହେ ପରମେଶ୍ୱର, ହେବାକୁ ଦିଅ ଯେ ମାତାମାନେ, ପିତାମାନେ, ସନ୍ତାନମାନେ, ବାପା, ମାଆ, ଆହୁରି ଯାହା ବି ହେଉନ୍ତୁ, ପଡ଼ୋଶୀମାନେ, ମଣ୍ଡଳୀର ସଦସ୍ୟମାନେ, ଦୀକନମାନେ, ଟ୍ରଷ୍ଟିମାନେ, ହେ ପରମେଶ୍ୱର, ଏହି ପୁରୁଣା-କାଳିଆ ଗଡ଼ା-ଯିବା ସମୟରେ, ଆଜି ସକାଳରେ ଏହି ଗରମ କୋଠରୀରେ ବସି, ପବିତ୍ରଆତ୍ମା ତଳକୁ ଓହ୍ଲାଇ ଆସି, ଶାନ୍ତିର ବିଷୟ କହୁଛନ୍ତି । ହେ ପରମେଶ୍ୱର, ମୁଁ ସେଦିନ ଛିଡ଼ା ହୋଇ ତୁମକୁ ଏହା, ଅତି ଧୀର ଭାବରେ, କହୁଥିବାର ଶୁଣିବାକୁ ଚାହେଁ, "ହଁ, ତୁମେ ଆସିଥିଲ ଏବଂ ମୋ' ପାଇଁ ଏକ ପକ୍ଷ ନେଲ, ବର୍ତ୍ତମାନ ମୁଁ ତୁମ ପାଇଁ ଏକ ପକ୍ଷ ନେବି ।" ହେ ପରମେଶ୍ୱର, ମୁଁ ଚାହେଁ ଯେ ତୁମେ ଆଜି ଏଠାରେ ଥିବା ପ୍ରତ୍ୟେକ ଜଣଙ୍କ ହୃଦୟରେ ସେହି ଶାନ୍ତିକୁ ରଖି ଦିଅ । ଶାନ୍ତ ଏବଂ ଧୀରେ ଧୀରେ, ମୁଁ ଚାହେଁ ଯେ ତୁମେ ଏହା କର । ମୁଁ ଚାହେଁ ତୁମେ ସେଠାରେ ଠିକ୍ ଏପରି ଏକ ଅନୁଭବ ସହିତରେ ଭିତରକୁ ଯାଅ ଯେ ତାହା ଯେପରି ଆଜିଠାରୁ, ସେମାନଙ୍କୁ ଆଉ ଅଧିକ ଛାଡ଼ିବ ନାହିଁ । ହେବାକୁ ଦିଅ ଯେ ଘରଗୁଡ଼ିକ ନୂଆ ହୋଇଯାଉ । ଲୋକମାନେ ଏକ ନୂତନ ବ୍ୟକ୍ତି ହୋଇଯା'ନ୍ତୁ । ଆଜି ସବୁକିଛି ନୂଆ ହୋଇଯାଉ, କାରଣ ଏହି ଲୋକମାନେ ନିଜକୁ ନମ୍ର କରିଛନ୍ତି । ତୁମେ କହିଛ, "ଯଦି ମୋ' ନାମରେ ଡକାଯାଇଥିବା ଲୋକମାନେ ନିଜକୁ ନମ୍ର କରିବେ, ଏବଂ ପ୍ରାର୍ଥନା କରିବେ,

ତାହହେଲେ ମୁଁ ସ୍ୱର୍ଗରୁ ଶୁଣି ନେବି ।” ଏବଂ ହେ ପରମେଶ୍ୱର, ମୁଁ ଜାଣେ ଯେ ଆଜି ସକାଳେ, ତୁମେ ତାହା କରିଛ ।

187 ଆଉ ମୁଁ ସେମାନଙ୍କ ପାଇଁ କ୍ଷମା ପ୍ରାର୍ଥନା କରୁଛି ଯେଉଁମାନେକି ସେମାନଙ୍କର ଆସନରେ ବସି ରହିଲେ, ଯେଉଁମାନଙ୍କରକି ଆସିବାର ଉଚିତ୍ ଥିଲା । ହେ ପରମେଶ୍ୱର, ସେମାନଙ୍କ ସହିତ କଥାବାର୍ତ୍ତା କର, ଆଉ ହେବାକୁ ଦିଅ ଯେ ସେମାନେ ସେପର୍ଯ୍ୟନ୍ତ ଏହି ପୃଥିବୀରେ ଆଉ ଅଧିକ ଶାନ୍ତି ନ ପାଆନ୍ତୁ ଯେପର୍ଯ୍ୟନ୍ତକି ସେମାନେ ସେହି ନିର୍ଣ୍ଣୟକୁ ନେଇ ନାହାଁନ୍ତି, ଯେ ପ୍ରଭୁ, ସେମାନେ ଆସନ୍ତୁ ଓ ତୁମ ସହିତ ଠିକ୍ ହୋଇଯାଆନ୍ତୁ । ହେ ପ୍ରଭୁ, ଏହାକୁ ପ୍ରଦାନ କର । ବର୍ତ୍ତମାନ ପ୍ରତ୍ୟେକଙ୍କୁ ଆଶୀର୍ବାଦ କର । ଏହା ହେଉ ଯେ ତୁମର ଦୟା ଏବଂ ତୁମର କରୁଣା ପ୍ରତ୍ୟେକ ପ୍ରାଣ ଉପରେ ବାସ କରୁ ଯାହାକି ଆଜି ସକାଳରେ ଏହି ମଣ୍ଡଳୀରେ ଅନୁତାପ କଲେ ଓ ନତମସ୍ତକ ହେଲେ ।

188 ପିତା ପରମେଶ୍ୱର, ଏହା ମୁଁ ତୁମର ଆଦେଶରେ କରିଅଛି । ମୁଁ ଏହି ଲୋକମାନଙ୍କୁ ଡାକିଅଛି; ସେମାନେ ଛିଡ଼ା ହୋଇଛନ୍ତି । ତୁମେ କହିଛ, “ଯିଏ ମନୁଷ୍ୟମାନଙ୍କ ସମ୍ମୁଖରେ ମୋ'ର ସାକ୍ଷୀ ହେବ, ମୁଁ ମୋ'ର ପିତା ଏବଂ ପବିତ୍ର ସ୍ୱର୍ଗଦୂତମାନଙ୍କ ସମ୍ମୁଖରେ ତାହାର ସାକ୍ଷୀ ହେବି ।” ଏମାନଙ୍କ ମଧ୍ୟରୁ ଅନେକେ ଏଠାରେ ଅନେକ ବର୍ଷ ହେବ ଖ୍ରୀଷ୍ଟିଆନ ରହି ଆସିଛନ୍ତି, ମାତ୍ର ସେମାନେ ଆଜି ସକାଳେ ଛିଡ଼ା ହୋଇଛନ୍ତି ଯେ ସେମାନଙ୍କର ପାପ ସମ୍ବନ୍ଧରେ ସାକ୍ଷ୍ୟ ଦେବେ ଯେ ସେମାନେ ଭୁଲ୍ କରିଛନ୍ତି । ସେମାନେ ଅପ୍ରେମଯୋଗ୍ୟ ହୋଇ ଯାଇଛନ୍ତି । ପବିତ୍ରଆତ୍ମା ସେମାନଙ୍କଠାରୁ ଚାଲି ଯାଇଥିଲେ । ଆଉ ଅନେକ ଥର ସେମାନେ ସେହି ଭଦ୍ର, ମଧୁର, ନମ୍ର ଅନୁଭବକୁ ଅନୁଭୁତି କରିପାରନ୍ତି ନାହିଁ ଯାହାକୁ ସେମାନେ ଅନୁଭବ କରିବା ଉଚିତ୍ । ସେମାନଙ୍କ ମଧ୍ୟରୁ ଅନେକେ ପାପୀ ଅଟନ୍ତି ଯେଉଁମାନେକି ସେମାନଙ୍କର ପ୍ରଥମ ଥର ପାଇଁ ଆସିଛନ୍ତି । ମାତ୍ର, ପିତା, ସେମାନେ ସେହି ଅଦ୍ଭୁତ ଅନୁଭବକୁ ଚାହୁଁଛନ୍ତି, ସେହି ଶାନ୍ତିକୁ ଚାହୁଁଛନ୍ତି ଯାହାକି ସମସ୍ତ ବୁଝାମଣାକୁ ଅତିକ୍ରମ କରେ । ପ୍ରଭୁ ପରମେଶ୍ୱର, ଆଜିର ଦିନରେ ସେମାନଙ୍କୁ ତାହା ପ୍ରଦାନ କର, ଏବଂ ହେବାକୁ ଦିଅ ଯେ ସେମାନେ ସମସ୍ତେ ସମ୍ପୂର୍ଣ୍ଣ ରୂପେ ସୁନ୍ଦର ଏବଂ ତୁମର ଆତ୍ମାରେ ପରିପୂର୍ଣ୍ଣ ହୁଅନ୍ତୁ, ଯେତେବେଳେ ସେମାନେ ଆଜି ଏହି ସ୍ଥାନକୁ ଛାଡ଼ି, ନିଜ ନିଜର ଭିନ୍ନ ଘରକୁ ଯାଆନ୍ତି, ଯେ ଏକ ଭିନ୍ନ ଜୀବନ ଯାପନ କରିବେ ଏବଂ ଏକ ଭିନ୍ନ ଲୋକ ହେବେ । ଆମେ ଏହାକୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ ।

189 *ନିର୍ଝର ପାଖରେ ସ୍ଥାନ* । ଠିକ୍ ଅଛି, ଆପଣମାନେ ଯେଉଁମାନେକି ବେଦୀରେ ଅଛନ୍ତି, ଉଠନ୍ତୁ, ପ୍ରଭୁ ପରମେଶ୍ୱରଙ୍କ ଆଡ଼କୁ ଉପରକୁ ଅନାନ୍ତୁ, ବୁଲି ଯାଆନ୍ତୁ ଏବଂ ଆପଣଙ୍କର ଆଖପାଖରେ ଥିବା ସମସ୍ତଙ୍କ ସହିତ ହାତ ମିଶାନ୍ତୁ । ଓଃ, ଆମେମାନେ ସମସ୍ତେ ବର୍ତ୍ତମାନ, ଗୀତ ଗାଇବାକୁ ଯାଉଅଛୁ, ଯେତେବେଳେକି ଆମେ ଆରୋଗ୍ୟ ସେବାର କିଛି କ୍ଷଣ ପୂର୍ବରୁ ଛିଡ଼ା ହୋଇଅଛୁ ।

ସ୍ଥାନ, ସ୍ଥାନ, ହଁ, ସ୍ଥାନ ଅଛି,
ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି;
ସ୍ଥାନ, ସ୍ଥାନ, ହଁ, ସ୍ଥାନ ଅଛି,
ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି ।

ଓଃ, ସମସ୍ତଙ୍କ ପାଇଁ!

...ସ୍ଥାନ, ହଁ, ସ୍ଥାନ ଅଛି,
ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି;
ଓଃ, ସ୍ଥାନ, ସ୍ଥାନ, ହଁ, ସ୍ଥାନ ଅଛି,
ନିର୍ଝର ପାଖରେ ତୁମ ପାଇଁ ସ୍ଥାନ ଅଛି ।

ଓଃ, ସ୍ଥାନ, ସ୍ଥାନ, ହଁ, ସ୍ଥାନ ଅଛି!

190 [ଟେପ୍‌ରେ ରିକ୍ତ ସ୍ଥାନ—ଅନୁ ।] ...?...ବିଶ୍ୱାସ! ଭାଇ, ଆପଣ ଜାଣିଛନ୍ତି ଯେ ଅନ୍ୟ ଏକ ଦିନ, ଯେତେବେଳେ ଆପଣଙ୍କର—ଆପଣଙ୍କର ପତ୍ନୀ ଡାକିଲେ, ଯେ ଆପଣଙ୍କ ପାଇଁ ପ୍ରାର୍ଥନା କରିବାକୁ? ଠିକ୍ କୋଠରୀ ଭିତରକୁ ଗଲି, ଆଉ ପବିତ୍ରଆତ୍ମା ମୋତେ କହିଲେ, "ଭୟ କର ନାହିଁ ।" ଆମେନ୍ । କ'ଣ ସେ ବାସ୍ତବ ନୁହଁନ୍ତି କି? ଅଦ୍ଭୁତ! ତେବେ, ପ୍ରଭୁଙ୍କର ପ୍ରଶଂସା ହେଉ! ମୁଁ ତ କେବଳ ବିଜୟଧ୍ୱନିର ଚିତ୍କାର କରିବା ପରି ଅନୁଭବ କରେ! ଠିକ୍ ଅଛି ।

ଆଉ ତାହାଙ୍କର ରକ୍ତ ଆହୁରି ଧଳା କରି ଧୌତ କରିଦିଏ...

(କିଛି କହିବାକୁ ଅଛି କି?)

(ଯୀଶୁ ଉଦ୍ଧାର କରନ୍ତି!)...?...

191 ଠିକ୍ ଅଛି, ବର୍ତ୍ତମାନ ଭାଇ ନେୱିଲ୍ । ଏବଂ ଭାଇ ସ୍ଲଟରଙ୍କ କିଛି ଏକ ଶବ୍ଦ କହିବାର ଅଛି ।

[ଭାଇ ସ୍ଲଟର କହନ୍ତି । ଟେପ୍‌ରେ ରିକ୍ତ ସ୍ଥାନ—ଅନୁ ।]

192 [ଭାଇ ନେୱିଲ୍ କୁହନ୍ତି, "ମୋ'ର ପ୍ରଭୁ! ପ୍ରଭୁଙ୍କର ଧନ୍ୟବାଦ ହେଉ! ଆମେନ୍! ପରମେଶ୍ୱରଙ୍କର ପ୍ରଶଂସା ହେଉ! ମୁଁ ବିଶ୍ୱାସ କରେ ଆଜି ସକାଳେ ସମସ୍ତେ ପ୍ରାପ୍ତ ହୋଇଛନ୍ତି ।"—ସମ୍ପା] ମହିମା! ହାଲ୍ଲେଲୁୟା! ହାଲ୍ଲେଲୁୟା! ["ପ୍ରତ୍ୟେକଜଣ ଏପରି ଦେଖାଯାଉଛନ୍ତି ଯେପରିକି ଆମେ ବର୍ତ୍ତମାନ ପରମେଶ୍ୱରଙ୍କୁ ବିଶ୍ୱାସ କରୁଅଛୁ । ହାଲ୍ଲେଲୁୟା! ଏହି ଉତ୍ତମ ଆଶୀର୍ବାଦ ଓ ଅଭିଷେକକୁ ଏଠାରେ ଉପରେ ପ୍ରଚାରମଞ୍ଚରେ ଅନୁଭବ କରେ, ପିତର ଭଳିଆ ଅନୁଭବ କରେ, ଯିଏକି, ସ୍ୱାର୍ଥପରତା ଯୋଗୁ ନୁହେଁ...?...ତିନୋଟି ମନ୍ଦିର ନିର୍ମାଣ କରିବା, ଏବଂ ସେଠାରେ ରହିବା । ଆମେନ । ଏହା ଅଦ୍ଭୁତ ଅଟେ । ସମସ୍ତେ ପ୍ରାପ୍ତ ହୋଇଅଛନ୍ତି ।"]

193 ["ତେବେ ପ୍ରତ୍ୟେକଜଣ ନିଜ ଗୋଡ଼ରେ ଛିଡ଼ା ହୋଇଯାଆନ୍ତୁ । ଆମେନ । ଆଜିରାତ୍ରିର ସେବାଗୁଡ଼ିକୁ ମନେ ରଖିଥା'ନ୍ତୁ, ଆମର ପାଦ-ପ୍ରକ୍ଷାଳନ ଅଛି ଏବଂ ପ୍ରଭୁଭୋଜ ସେବା ଅଛି ।

(କଅଣ ଆପଣ ଜାଣିଛନ୍ତି ଯେ ଆପଣ ତଳକୁ ଆସିବେ କି ନାହିଁ?)"] ସମ୍ଭବତଃ ମୁଁ ମଧ୍ୟ, ଆଜି ରାତ୍ରିରେ ଏଠାରେ ରହିବି । ["ସମ୍ଭବତଃ ଆଜି ରାତ୍ରିରେ ରହିବି ।"] ହଁ, ଯେତେ ଦୂର ମୁଁ ଜାଣେ ମୁଁ ଏଠାରେ ରହିବି, ଯେପର୍ଯ୍ୟନ୍ତକି ମୋତେ ଅନ୍ୟ କୌଣସି ସ୍ଥାନକୁ ନ ଡକାଯାଏ । ["ଆମେନ ।"]

## ମଣ୍ଡଳୀ ଏବଂ ତାହାର ସ୍ଥିତି ORI56-0805

(The Church And Its Condition)

**ମଣ୍ଡଳୀ ଶୃଙ୍ଖଳା**

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଅଗଷ୍ଟ 5, 1956, ରବିବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲ୍ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2021 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org